

ଜାତୀୟ ଉପକନିଷ୍ଠ ସନ୍ତରଣ: ସହିତାଙ୍କୁ ରୌପ୍ୟ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 136 | ଭାଗ ୩୩ | ସଂଖ୍ୟା ୧୩୬ | Bhubaneswar | Wednesday 6 August 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୬ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିୟମ ପାଳନରେ ସମ୍ବେଦନଶୀଳ ହୁଅ



### ହାତୀ-ମନୁଷ୍ୟ ସଂଘର୍ଷ କମାଇବ ଜଙ୍ଗଲରେ ଧାନଚାଷ

### ଫଳ ଓ ପୁଷ୍ପ ପ୍ରଦାନକାରୀ ଚାରା ରୋପଣ ଉପରେ ଗୁରୁତ୍ୱ

### ଦୁର୍ନୀତିରୁ ଦୂରେଇ ରହିବାକୁ ସତର୍କ କରାଇଲେ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଚାରା ରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିପରି ପଥପାର୍ଶ୍ୱ ଚାରା ରୋପଣ କାର୍ଯ୍ୟକ୍ରମରେ ଲୋକଙ୍କ କାମରେ ଲାଗିଲା ଭଳି ଗଛ ରୋପଣ ପାଇଁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ବନ ଅଧିକାରୀମାନଙ୍କୁ କହିଥିଲେ ଯେ ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ସେମାନଙ୍କ ପାଇଁ ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ। ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି। ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଅତ୍ୟନ୍ତ ଆବଶ୍ୟକ। ଚାରା ରୋପଣ ସହିତ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। ଏଥିସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡିବ। ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା କରିଥିଲେ। ଏଥିସହିତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡିଶା ଗଠନର ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବା ପାଇଁ ➪ପୃଷ୍ଠା-୬

# ଶୋଭନା ମହାନ୍ତି ନୂଆ ମହିଳା କମିଶନ ଅଧକ୍ଷା





### ବବିତା ପାତ୍ର ଶିଶୁ ଅଧିକାର ସୁରକ୍ଷା କମିଶନ୍ ମୁଖ୍ୟ

### ୧୦ ସଦସ୍ୟା ସାମିଲ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ୯ ମାସ ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ଅଧକ୍ଷା ଓ ସଦସ୍ୟାମାନେ ମନୋନୀତ ହୋଇଛନ୍ତି। ଶୋଭନା ମହାନ୍ତି ରାଜ୍ୟ ମହିଳା କମିଶନ ଅଧକ୍ଷା ଭାବେ ନିଯୁକ୍ତ ହୋଇଥିବା ବେଳେ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ର ଅଧକ୍ଷା ହୋଇଛନ୍ତି ବବିତା ପାତ୍ର। ସେହିପରି ଉଭୟ ଆୟୋଗରେ ମୋଟ ୮ ଜଣଙ୍କୁ ସଦସ୍ୟ ଭାବେ ନିଆଯାଇଛି। ଏଥିରେ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ରେ ୬ ଜଣଙ୍କୁ ସଦସ୍ୟା ମଧ ନିଯୁକ୍ତି ମିଳିଛି। ସେମାନେ ହେଲେ କସ୍ତୁରୀ ମିଶ୍ର, ସୁକେଶୀ ଓରାମ, କଳ୍ପନା ଲେଙ୍କା, ଚନ୍ଦନା ଦାସ, ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ। ସେହିଭଳି ମହିଳା କମିଶନ୍‌ରେ ୪ ଜଣ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁ ସଦସ୍ୟା ଭାବେ ନିଆଯାଇଛି। ରାଜ୍ୟ ମହିଳା କମିଶନ ଅଧକ୍ଷା ଓ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧକ୍ଷା ଓ ସଦସ୍ୟାମାନଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ବୋର୍ଡ ଉପସଭାପତି ନିଲମ୍ବିତ



### ଗିରଫ ପ୍ରଧାନଶିକ୍ଷକ ନିଲମ୍ବିତ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଅଦ୍ୟାବଧି ୮ ଜଣଙ୍କୁ ଗିରଫ କରାଯାଇସାରିଥିବା ବେଳେ ଏଥିରେ ମାଧମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଉପସଭାପତି ନିହାର ରଞ୍ଜନ ମହାନ୍ତି ଓ ପ୍ରଧାନଶିକ୍ଷକ ପ୍ରଶାନ୍ତ ଖମାରୀ ଅନ୍ୟତମ। ଏହି ସ୍କାମ୍‌ରେ ଜଡ଼ିତ ଥିବାରୁ ଆଜି ଉଭୟଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ବିଏସ୍‌ଇ ସଭାପତି ଏବଂ ଶ୍ରୀ ଖମାରୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଶ୍ରୀ ଖମାରୀ ସଦର ବ୍ଲକ୍ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେହିପରି ଏହି କେଳେଙ୍କାରୀରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧରୁ ୩ ଜଣଙ୍କୁ ରିମାଣ୍ଡ୍‌ରେ ନିଆଯିବାର ସମ୍ଭାବନା ରହିଛି। କେଳେଙ୍କାରୀ ସହ ଜଡ଼ିତ ପ୍ରମୁଖ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ହାସଲ କରିବା ସକାଶେ ଉଦ୍ୟମ କରିବ। ବୋର୍ଡ ଉପସଭାପତି ନିହାର ମହାନ୍ତି, ଅଭିଯୁକ୍ତ ବିଜୟ ମିଶ୍ର ➪ପୃଷ୍ଠା-୬

### ଓଡ଼ିଶାରେ ଦକ୍ଷତା ବିକାଶ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଅଧକ୍ଷତାରେ ବୈଠକ

# ଗ୍ଲୋବାଲ୍ ସ୍କିଲ୍ ହବ୍ ହେବ ଓଡ଼ିଶା: ଧର୍ମେନ୍ଦ୍ର



### କେନ୍ଦ୍ର ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ ଶିଳ୍ପ ମନ୍ତ୍ରୀ ଉପସ୍ଥିତ

**ନୂଆଦିଲ୍ଲୀ,୫।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ ଖଣି, ଲଜିଷ୍ଟିକ୍ସ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଏକ ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଦିଗରେ ଆଲୋଚନା ପାଇଁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ଏବଂ ଓଡ଼ିଶାର ଦକ୍ଷତା ବିକାଶ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଖଣି କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବିକାଶକୁ ଇନ୍ଧନ ଯୋଗାଇବା ଓ ବୃହତ ଆକାରରେ ନିଯୁକ୍ତି ସୃଷ୍ଟିର ଅପାର ସମ୍ଭାବନା ରହିଛି। ଭାରତରେ ପ୍ରଥମ ଥର ପାଇଁ ନୂଆ ଶୈଳୀରେ ପ୍ରତିଷ୍ଠିତ ହେବାକୁ ଥିବା ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ଖଣି କ୍ଷେତ୍ରରେ ବିଶ୍ୱ ମାନଦଣ୍ଡ ସହ ସମାନ ଭାବରେ ପ୍ରାସଙ୍ଗିକ ଦକ୍ଷତା ସୁଯୋଗ ପ୍ରଦାନ କରିବା ସହ ଦକ୍ଷତା ଅଭାବକୁ ଦୂର କରିବ। ଖଣି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷ କର୍ମଚାରୀଙ୍କ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ। ଓଡିଶାକୁ ଏକ ଗ୍ଲୋବାଲ୍ ସ୍କିଲ୍ ହବରେ ପରିଣତ କରିବା ପାଇଁ ଥିବା କାର୍ଯ୍ୟପନ୍ଥା ଓ ସମ୍ଭାବନା ଉପରେ ମଧ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ।

ସେ କହିଥିଲେ ଯେ ଜାତୀୟ ଦକ୍ଷତା ତାଲିମ କେନ୍ଦ୍ର (ଏନଏସଟିଆଇ), ଭୁବନେଶ୍ୱରରେ ଦକ୍ଷତା ବିକାଶ ପାଇଁ ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସାରା ଓଡ଼ିଶାରେ ଦକ୍ଷତା ବିକାଶ ଦୃଶ୍ୟପଟ୍ଟକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ➪ପୃଷ୍ଠା-୬

# ରାସ୍ତାରେ ଲଢ଼ିଲେଣି ଛାତ୍ର ସଂଗଠନ

### ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ

### ଅକଳରେ ଏବିଭିପି, ବଳ ଗୋଟାଉଛନ୍ତି କଂଗ୍ରେସ ଓ ବିଜେଡି ଛାତ୍ର ସଂଘ



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନକୁ ଆଉ କିଛି ଦିନ ବାକି ଅଛି। ଏହା ପ୍ରାୟତଃ ଦଶହରାର ଅଳ୍ପଦିନ ପୂର୍ବରୁ ହୋଇଥାଏ। ତେବେ ରାଜ୍ୟର ପ୍ରମୁଖ ଛାତ୍ର ସଂଗଠନଗୁଡ଼ିକ ଏବେଠାରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ରାସ୍ତାରେ ଲଢ଼ିବା ସହିତ ପରସ୍ପରର ଗୋହି ଖୋଳିବାରେ ଲାଗିଛନ୍ତି।

ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସରକାର ସୂଚନା ଦେବା ପରେ ରାଜ୍ୟର ତିନି ପ୍ରମୁଖ ଛାତ୍ର ସଂଗଠନ ଏବିଭିପି, ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡି ସକ୍ରିୟ ହୋଇ ଉଠିଥିଲେ। ତେବେ ପ୍ରଥମେ ଶିକ୍ଷକ ନିଯୁକ୍ତିକୁ ନେଇ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ବେଳେ ➪ପୃଷ୍ଠା-୬

### ଉତ୍ତର କାଶୀରେ ବାଦଲଫଟା ବର୍ଷାର ତାଣ୍ଡବ

# ୪ ମୃତ, ୫୦ରୁ ଉର୍ଦ୍ଧ୍ୱ ନିଖୋଜ

### ଭାସିଗଲା ଗାଁ, ୧୩୦ ଉଦ୍ଧାର



**ନୂଆଦିଲ୍ଲୀ,୫।୮:** ଛାରଖାର ହୋଇଛି ଉତ୍ତରକାଶୀ। ଧରାଶାୟୀ ହୋଇଛି ଧରାଲି ଗାଁ। ଭୁଶୁଡ଼ି ଯାଇଛି ହୋଟେଲେ ଓ ପୋତି ହୋଇଯାଇଛି ମାର୍କେଟ। ବାଦଲ ଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ସୃଷ୍ଟି କରିଛି ସାଂଘାତିକ ସ୍ଥିତି। ପାହାଡ଼ ଧସିବାରୁ ଜନବସତିକୁ ମାଡ଼ି ଯାଇଛି ମାଟି ମିଶା ପାଣି। ଅଚାନକ ବନ୍ୟାରେ ଭୁଶୁଡ଼ି ପଡ଼ିଛି ଶହ ଶହ ଘର। ଭୀଷଣ ବେଗରେ ମାଡ଼ିଆସିଥିବା ବନ୍ୟାପାଣିରେ ନିକଟସ୍ଥ ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି। ସେନା ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ସହାୟତାରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ➪ପୃଷ୍ଠା-୬

# ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

### ତାଲିକାରେ ବାଜିବ କେନ୍ଦ୍ରୀୟ ନେତୃତ୍ୱ ମୋହର

### ଥଇଥାନ ହେବେ ଦଳୀୟ ନେତା, ଘୋଷଣା ଖୁବଶୀଘ୍ର

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଖୁବଶୀଘ୍ର ନିଜର ଦଳୀୟ କର୍ମୀ ଓ ନେତାମାନଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିବେ। ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ବିଚାରବିମର୍ଶ କରି ଏହି ଥଇଥାନ ତାଲିକାକୁ ଚୂଡ଼ାନ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ତିନିଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତୁତ କରିଥିବା ତାଲିକାକୁ କେନ୍ଦ୍ରୀୟ ନେତୃତ୍ୱଙ୍କ ମୋହର ପାଇଁ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ରାତି ପ୍ରାୟ ୮ଟା ୧୫ ମିନିଟରେ ଦିଲ୍ଲୀ ଗସ୍ତରେ ଯାଇଥିବା ➪ପୃଷ୍ଠା-୬

# ଗୁମାସ୍ତାଙ୍କ ଘର ଭଙ୍ଗାହେବ, ମାଲିକଙ୍କ ମୁଣ୍ଡ ଗୋଳ

### ଗୋଚର ଜମିକୁ କରିଛନ୍ତି ଜବରଦଖଲ

### ତହସିଲ ପକ୍ଷରୁ ନୋଟିସ୍, ପକ୍ଷ ରଖିଲେ ଗୁମାସ୍ତା

**ଯାଜପୁର,୫।୮(ସଂଚାର ବ୍ୟୁରୋ):** କିଚକ ବାହୁ ବଳେ ବିରାଟ ରାଜା ପରି ବିଜେଡି ସରକାରରେ ମାଲିକଙ୍କ ବାହୁ ବଳରେ ଗୁମାସ୍ତା ମାଲେମାଲ ହୋଇଛନ୍ତି। ମାଲିକଙ୍କ ଖାସମଖାସ ହୋଇଥିବାରୁ ସରକାରୀ କଳକୁ ପ୍ରଭାବିତ କରି ବେଆଇନ ଭାବେ କୋଟି କୋଟି ଟଙ୍କା ହାତେଇଛନ୍ତି। ଏପରିକି ସରକାରୀ ଜମିକୁ ଜବରଦଖଲ କରି ସେଠାରେ ତିଆରି କରିଛନ୍ତି ଆଲିସାନ ଅଟ୍ଟାଳିକା। ଗତ ୫ବର୍ଷ ଧରି ପ୍ରଶାସନ ତାଙ୍କୁ ସୁରକ୍ଷା ଦେଉଥିବା ବେଳେ ବ୍ୟାସନଗର ତହସିଲଦାର ଏବେ ନୋଟିସ କରିଛନ୍ତି।

ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି କ୍ରମରେ ଯାଜପୁର ରୋଡ୍ ବ୍ୟାସନଗର ତହସିଲ ପକ୍ଷରୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି (ଗୁମାସ୍ତା)ଙ୍କୁ ମଧ ନୋଟିସ ଆସିଥିବା ସୂଚନା ମିଳିଛି। ଉକ୍ତ ନୋଟିସ୍‌ରେ ଦର୍ଶାଯାଇଛି ଯେ ପାଣିକୋଇଲି ମୌଜାରେ ଖାତା ନମ୍ବର ୮୩୦ର ପ୍ଲଟ୍ ନମ୍ବର ୮୩ରେ ମୋଟ୍ ୭ ଏକର ୯୫ ଡିସିମିଲ୍ ଗୋଚର ଜମି ରହିଥିବା ବେଳେ ସେଥିରୁ ଏକ ବଡ଼ ଅଂଶକୁ ଉକ୍ତ ଗୁମାସ୍ତା ଜଣଙ୍କ ଜବରଦଖଲ କରିଛନ୍ତି। ଅଧିକନ୍ତୁ ଜବରଦଖଲ ଜାଗାରେ ତିଆରି ହୋଇଛି ଆଲିସାନ ଅଟ୍ଟାଳିକା। ତେଣୁ ଓଡ଼ିଶା ଭୂମି ଅନଧିକାର ଦଖଲ ନିବାରଣ ଅଧିନିୟମ, ୧୯୭୨ର ଧାରା ୪ ଏବଂ ୬ ଅନୁଯାୟୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେ ସମ୍ପର୍କରେ ଗୁମାସ୍ତାଙ୍କୁ କାରଣ ଦର୍ଶାଇବାକୁ ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ନୋଟିସ ପାଇବା ପରେ ଗତ ୧୧ ତାରିଖରେ ଜବରଦଖଲକାରୀଙ୍କ ପକ୍ଷରୁ ଓକିଲ ହାଜର ହୋଇ କାରଣ ଦର୍ଶାଅ ନୋଟିସର ଉତ୍ତର ମଧ ରଖିଛନ୍ତି।

ଅନ୍ୟପକ୍ଷରେ ମିଳିଥିବା ସୂଚନାନୁଯାୟୀ, ଖୁବଶୀଘ୍ର ତହସିଲ ପ୍ରଶାସନ ତାଙ୍କ ବିରୋଧରେ ➪ପୃଷ୍ଠା-୬

# ରାଜସ୍ଥାନୀ ମହଲ ଢାଞ୍ଚାରେ ମାଲିକଙ୍କ ଘର



ଯାଜପୁର ବିଭିନ୍ନ ପ୍ରସଙ୍ଗକୁ ନେଇ ସର୍ବଦା ଚର୍ଚ୍ଚାରେ ରହୁଥିବା ଯାଜପୁର ଏବେ ପୁଣି ଚର୍ଚ୍ଚାକୁ ଆସିଛି। ଏଥର ଚର୍ଚ୍ଚା ଜିଲ୍ଲାର ଜଣେ ବଡ ନେତା ବା ଗୁମାସ୍ତାଙ୍କ ମାଲିକଙ୍କୁ ନେଇ। ପୈତୃକ ଗାଁରେ ନବନିର୍ମିତ ଘରକୁ ନେଇ ସାରା ସହରରେ ଚର୍ଚ୍ଚା ବଢ଼ିଛି। ଏହି ପୈତୃକ ଗାଁ ଘରଟି ଦେଖିଲା ଭଳି ହୋଇଛି। ଯିଏ ଯାଉଛି ଘଣ୍ଟାଏ ଚାହୁଁଛି। ଘରର ନିର୍ମାଣ ଶୈଳୀ ଓ ଏଥିରେ ବ୍ୟବହୃତ ପଥର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏ ଘରଟି କେଉଁ ପଥରରେ ନିର୍ମାଣ ହୋଇଛି? କ'ଣ ରହିଛି ତାହାର ନିର୍ମାଣ ଶୈଳୀ, କେତେ ଟଙ୍କା ଖର୍ଚ୍ଚ ହୋଇଥିବ, ତାହା ଜାଣିବାକୁ ସମସ୍ତଙ୍କ ମନରେ ଜିଜ୍ଞାସା।

ଏହି ଘରଟି ରାଜସ୍ଥାନ ମହଲ ଢାଞ୍ଚାରେ ନିର୍ମାଣ କରାଯାଇଛି। କେହି କେହି ଏହାକୁ ରାଜସ୍ଥାନର ହାୱା ମହଲ ଢାଞ୍ଚାରେ ନିର୍ମାଣ କରାଯାଇଥିବା କହୁଛନ୍ତି। ବାହାରୁ ଦେଖିଲେ ଏହା ରାଜାଙ୍କ ପ୍ରାସାଦ ବା ମହଲ ଭଳି ଦିଶୁଥିବା ବେଳେ ପାଖକୁ ଗଲେ ଓ ଏହାର କାରୁକାର୍ଯ୍ୟ ଦେଖିଲେ ଏହା ଏକ ଦୁର୍ଗର ଭ୍ରମ ସୃଷ୍ଟି କରୁଛି। କିଛି ଅଭିଜ୍ଞ କାରିଗରଙ୍କ କହିବା କଥା, ଓଡ଼ିଶାରେ ଏମିତି ଘର ବିରଳ କିମ୍ବା ଆଦୌ କେଉଁଠି ନାହିଁ। ମାଲିକଙ୍କ ଘରେ ବ୍ୟବହୃତ ହୋଇଥିବା ପଥର ରାଜସ୍ଥାନର ବଂଶୀ ପାହାଡ଼ପୁର ଗାଁର ପ୍ରସିଦ୍ଧ ତଥା ବିରଳ ସ୍ୟାଣ୍ଡ ଷ୍ଟୋନ ବୋଲି କହୁଛନ୍ତି। ବଂଶୀ ପାହାଡ଼ପୁର ପଥରର ବେଶ୍ ➪ପୃଷ୍ଠା-୬

### ଖଞ୍ଜା ହୋଇଛି ବଂଶୀ ପାହାଡ଼ପୁର ପଥର

## ଚୋରା ମଦ ଜବତ, ୬ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୫।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ନିକିରେଇ, ଡେରାବିଶ, ତନ୍ତିଆପାଳ ମେରାଇନ ଓ ମହାକାଳପଡ଼ା ଥାନା ଅଧିନିସ୍ତ ବେନୁପୁର ଗ୍ରାମର ମନୋଜ କୁମାର ସାହୁଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ରାଜନଗର ଗ୍ରାମର ନିରଞ୍ଜନ ମଳିକଙ୍କ ଠାରୁ ୧୭ ଲିଟର ଦେଶୀ ମଦ, ତନ୍ତିଆପାଳ ଗ୍ରାମର ଶ୍ରୀକାନ୍ତ କାନ୍ଦରଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ବଡପଡା ଗ୍ରାମର ଗୁରୁପଡା ପରିଡାଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ବିଜୟନଗର ଗ୍ରାମର ଜ୍ଞାନରଞ୍ଜନ ଦାସଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଓ ବାଲିପଡ଼ା ଗ୍ରାମର ସାଗର ବେହେରାଙ୍କ ଠାରୁ ୧୩ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୦୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଶ୍ରୀ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ନିଖୋଜ କାଉଡ଼ିଆଙ୍କ ମୃତଦେହ ଉଦ୍ଧାର



**ସାଲେପୁର,୫।୮ (ସଂଚାର ବ୍ୟୁରୋ):** ଗତକାଲି ନଦୀ ପାଣିରେ ଭାସିଯାଇ ନିଖୋଜ ଥିବା କାଉଡ଼ିଆର ମୃତ ଦେହକୁ ଆଜି ଓଡ୍ରାଫ୍ ଟିମ୍ ଘଟଣା ଘଟିଥିବା ସ୍ଥଳରୁ ପ୍ରାୟ ୩କି.ମି. ଦୂରରେ ନଦୀ ପାଣିରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ଦେବାଧିଦେବ ମହାଦେବଙ୍କୁ ଜଳାଭିଷେକ କରିବାପାଇଁ କାଶୀପୁର ଗ୍ରାମର ରବୀନ୍ଦ୍ର ନାଥ କରଙ୍କ ପୁଅ ଅମୃତ୍ କର ଚିତ୍ରୋତ୍ପଳା ନଦୀରୁ ବଟେଶ୍ୱର ଗ୍ରାମ ନିକଟରେ ପାଣି ଉଠାଉଥିବାବେଳେ ଅସାବଧାନତା ହେତୁ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। କାଲି ଦିନ ତମାମ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନଥିବାବେଳେ ଆଜି ସକାଳ ପ୍ରାୟ ୧୦ଟା ସମୟରେ ଘଟଣା ସ୍ଥଳରୁ ପ୍ରାୟ ୩କି.ମି. ଦୂର କେନ୍ଦୁପାଟଣାସ୍ଥିତ ନାଗାମଠ ନିକଟରେ ନଦୀପାଣିରେ ଭାସୁଥିବାବେଳେ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଯୁବକର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନବମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା



**ମହାକାଳପଡ଼ା,୫।୮(ସଂଚାର ବ୍ୟୁରୋ):** ନିଜର ଚୁନି ସାହାଯ୍ୟରେ ଫ୍ୟାନ୍ ରେ ଝୁଲି ଜଣେ ନବମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମର ରତ୍ନାକର ସ୍ୱାଇଁଙ୍କ କନିଷ୍ଠ ଝିଅ ସଙ୍ଗିତା ସ୍ୱାଇଁ(୧୫) ବିଜୟ ନଗର ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ। ରତ୍ନାକର କଲିକତାରେ ରୁହନ୍ତି। ମାଆ ଝରଣାଙ୍କ ସହ ରହୁଥିଲେ ସଙ୍ଗିତା। ପ୍ରତିଦିନ ଭଳି ଗତକାଲି ସେ ବିଦ୍ୟାଳୟରୁ ଫେରିଥିଲେ। ଘରେ ପାଠପଢ଼ା ସାରି ରାତିରେ ଶୋଇଥିଲେ। ସକାଳୁ କବାଟ ଖୋଲିବାରେ ବିଳମ୍ବ ହେବାରୁ ମାଆ କବାଟ ବାଡେଇ ଥିଲେ। ହେଲେ ସଙ୍ଗିତା କବାଟ ନ ଖୋଲିବାରୁ ସ୍କାଏ ଲାଇଟ୍ ଫାଙ୍କରେ ସଙ୍ଗିତା ଝୁଲୁଥିବା ଦେଖିବାକୁ ପାଇଥିଲେ ପରିବାର ଲୋକେ। ଘଟଣା ଜାଣିବା ପରେ ମହାକାଳପଡ଼ା ଥାନାକୁ ଖବର ଦିଆଯାଇଥିଲା। ମହାକାଳପଡା ଥାନା ଅଧିକାରୀ ଙ୍କ ସମେତ ମହାକାଳପଡ଼ା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି କେନ୍ଦ୍ରାପଡ଼ା ସାଇଣ୍ଟିଫିକ ଟିମ୍ କୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍ ଆସିବା ପରେ କବାଟ ଭଙ୍ଗା ଯାଇ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ମାଆ ଝରଣା ମହାକାଳପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରୁ ଏକ ଆତ୍ମହତ୍ୟା ଜନିତ ଚିଠି ପୋଲିସ ଉଦ୍ଧାର କରିଛି। ଚିଠିରେ କଣ ଉଲ୍ଲେଖ ରହିଛି ତାହା ସମ୍ପୂର୍ଣ୍ଣ ସ୍ପଷ୍ଟ ଜଣା ପଡ଼ିନାହିଁ।

## ଚୂନ ଫ୍ୟାକ୍ଟ୍ରି ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ



**ମାହାଙ୍ଗା,୫।୮(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଚୂନ ଫ୍ୟାକ୍ଟ୍ରିରେ କାମ କରୁଥିବା ଜୈନିକ ଶ୍ରମିକଙ୍କ ସଂଧେହ ଜନକ ଭାବେ ମୃତ୍ୟୁ ଘଟିଛି । ସୂଚନା ମୁତାବକ ବାସୁଦେବ ପୁର ପଞ୍ଚାୟତ ବରଅଠା ଗ୍ରାମର ଓମ୍ ସାଇ ପ୍ରଡକ୍ଟ ନାମରେ ଏକ ଚୂନ ଫ୍ୟାକ୍ଟ୍ରି ରହିଛି । ଏହି ଫ୍ୟାକ୍ଟ୍ରିରେ କେନ୍ଦୁଝର ଅଞ୍ଚଳର ସଞ୍ଜୟ ହୋ ନାମକ ଜୈନିକ କାର୍ଯ୍ୟ କରିଥିଲେ । ତେବେ ଏହି ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ସଞ୍ଜୟଙ୍କ ଫ୍ୟାକ୍ଟ୍ରି ମେସିନରେ ପଡ଼ି ଅକାଳରେ ମୃତ୍ୟୁ ଘଟିଛି । ମାହାଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସବ ଜବତ କରି ତଦନ୍ତ ଜାରି ରଖିଛି ।

## ସର୍ପ ଦଂଶନରେ ବୃଦ୍ଧ ମୃତ

**ବାରିପଦା,୫।୮(ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ଉପାନ୍ତ ଗୋରୁମହିଷାଣୀ ଥାନା ଅଞ୍ଚଳରେ କୁକୁଡିମୁଣ୍ଡି ଗ୍ରାମର ଗୋମିଆ ମୁଣ୍ଡା (୬୭) ସୋମବାର ରାତିରେ ଶୋଇଥିବା ଅବସ୍ଥାରେ ସର୍ପଘାତ କରିଥିଲା । ସକାଳେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ ଅଣା ଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ। ଏ ବାବଦରେ ଗୋରୁମହିଷାଣୀ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର୧୭/୨୫ ରୁଜୁ କରାଯାଇ ଶବ ବ୍ୟବଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।ସର୍ପାଘାତରେ ପରିବାର ଲୋକେ ପିଡିତକୁ ବିଳମ୍ବରେ ଡାକ୍ତରଖାନା ଆଣୁଥିବାରୁ ରୋଗୀର ମୃତ୍ୟୁ ହାର ବେଶି ଦେଖା ଦେଉଛି । ସ୍ୱାସ୍ଥ୍ୟ ବିଭାଗ ଯେତେ ସଚେତନ କରାଇଲେ ମଧ ଲୋକେ ସଚେତନ ହେଉନାହାନ୍ତି ।

### ସଫା ହେଉନି ୨୧ନଂ ପାଟନାଳୀ

# ୪ ପଞ୍ଚାୟତର ଚାଷଜମି ଜଳମଗ୍ନ



**ଡେରାବିଶ,୫।୮ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ମୌଜାର ଚାଷଜମିରୁ ବାହାରିଥିବା ୨୧ନଂ ପାଟନାଳୀ ଠିକ୍ ଭାବେ ସଫେଇ ହେଉନାହିଁ । ଫଳରେ ଚାଷଜମିରୁ ପାଣି ନିଷ୍କାସନ ହୋଇ ନ ପାରି ଜଳାର୍ଣ୍ଣବ ଅବସ୍ଥାରେ ରହିଛି । ଏହା ୪ଟି ପଂଚାୟତର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି । ୨୧ନଂ ପାଟନାଳୀ ସଫା ହୋଇ ନଥବାରୁ ନାଳୀ ମଧରେ ଥିବା ବେଣାଗଛ ବଢ଼ି ପାଣି ନିଷ୍କାସନ ହେବାରେ ବାଧା ଉପୁଜୁଉଛି।

ପାଟନାଳୀରୁ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଚଳିତ ଲଘୁଚାପଜନିତ ବର୍ଷାରେ ଚାନ୍ଦୋଳ, ଦାନପୁର, ଲତାଦିଆ ଖଣ୍ଡସାହିଁ ଓ ଖମୋଳ ପଞ୍ଚାଯତ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ରହିଥିବା ଚାନ୍ଦୋଳ, କେଶରପୁର, ରଜାଙ୍ଗ, , ଖମୋଳ ଇତ୍ୟାଦି ଗ୍ରାମର ଚାଷଜମି ଏବେ ପାଣିରେ ବୁଡ଼ି ରହିଛି । କେତେକ ସ୍ଥାନରେ ଧାନ ରୁଆ ହୋଇଥିବା ଫସଲ ବୁଡ଼ିଯାଇ ପଚିଯିବା ଆଶଙ୍କା ରହିଥିବାବେଳେ ଅନ୍ୟ ଜମିରେ ଚାଷକାର୍ଯ୍ୟ ହେବା ନେଇ ଆଶଙ୍କା ଉପୁଜିଲାଣି । ଏହି ଉଦ୍‌ବୃତ୍ତ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

## ଡ଼ଃ କଳ୍ପନା ମଲିକ ମହିଳା କମିଶନ ସଦସ୍ୟା ମନୋନୀତ



**କେନ୍ଦ୍ରାପଡ଼ା,୫।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ବିଶିଷ୍ଟ ନାରୀନେତ୍ରୀ, ସୁ-ଲେଖିକା, ବହୁ ପୁସ୍ତକର ରଚୟିତା, ସାମାଜିକ କର୍ମୀ ଡ଼ଃ କଳ୍ପନା ମଲିକଙ୍କୁ ରାଜ୍ୟ ମହିଳା କମିଶନ ସଦସ୍ୟା ଭାବେ ମନୋନୟନ କରାଯାଇଛି। ନୂତନ ସରକାର ମହିଳା କମିଶନଙ୍କୁ ପୁର୍ନଗଠନ କରିବା ପରେ ଡ଼ଃ ମଲିକଙ୍କୁ ଏହାର ସଦସ୍ୟା ଭାବେ ମନୋନିତ କରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ସମେତ ଗୀତାଞ୍ଜଳୀ ସେଠୀ, କିଶୋର କୁମାର ପଣ୍ଡା, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ଅମିତାଭ ସୁଆର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ଏହି ମନୋନୟନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସଭାପତି ମନମୋହନ ସାମଲ ତଥା କେନ୍ଦ୍ରାପଡା ର ସାଂସଦ ତଥା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ‘ସଂଚାର’ ପ୍ରଭାବ

## ଝୁଲିଥିବା ବିଦ୍ୟୁତ ତାର ଉଠିଲା



**ମହାକାଳପଡ଼ା,୫।୮(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ହାତ ପାହାନ୍ତାରେ ଝୁଲିକି ରହିଥିଲା। କେତେବେଳେ ଯେ କେଉଁ ଅଘଟଣ ଘଟିବ ସେଥିପାଇଁ ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗ ଶୁଣୁ ନଥିବା ଅଭିଯୋଗ ହୋଇଥିଲା। ସଂଚାରରେ ଖବର ପ୍ରକାଶ ପରେ ଆଜି ସମାଧାନ ହୋଇଛି।

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ବାଙ୍କିଛନ୍ଦା ଗ୍ରାମର ଠାକୁରାଣୀ ମନ୍ଦିର ଖୁଣ୍ଟ ଠାରୁ ହିମାଂଶୁ ରାଉତଙ୍କ ଘର ପର୍ଯ୍ୟନ୍ତ ଏମିତି ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ତାର ଓହଳିକି ରହିଥିଲା। ଯାହା ଲୋକଙ୍କ ପାଇଁ ବିପଦର କାରଣ ପାଲଟିଥିଲା। ଏନେଇ ମଙ୍ଗଳବାର "ହାତ ପାହାନ୍ତାରେ ଝୁଲିକି ରହିଛି ବିଦ୍ୟୁତ ତାର" ଶୀର୍ଷକ ଖବର ଦୈନିକ ଖବରକାଗଜ ‘ସଂଚାର’ରେ ପ୍ରକାଶ ପାଇବା ପରେ ବିଭାଗ ତରଫରୁ ଝୁଲନ୍ତା ତାର ଉପରକୁ ଟେକା ଯାଇଛି।

## ଜଣଙ୍କ ନାଁରେ ୱାରେଣ୍ଟ, ଅନ୍ୟଜଣଙ୍କୁ ଉଠାଇ ନେଲା ପୁଲିସ

### ହାଜତରେ ପୁରାଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ

**ଆଳି,୫।୮ (ସଂଚାର ବ୍ୟୁରୋ):** ଜଣଙ୍କ ନାଁରେ ୱାରେଣ୍ଟ କିନ୍ତୁ ଅନ୍ୟଜଣଙ୍କୁ ଘରୁ ଉଠିଇଆଣି ଥାନାରେ ୩ଘଣ୍ଟା ଧରି ଅଟକ ରଖିଲା ଆଳି ପୁଲିସ। ଏମିତି କି ହାଜତରେ ପୁରାଇବା ସହ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ କରିଛନ୍ତି ଅଟକ ରହିଥିବା ଶିକ୍ଷକ ଜଣଙ୍କ।

ଏଭଳି ଗୁରୁତର ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲା ଆଳି ପୁଲିସ ବିରୋଧରେ। ଆଳି ଥାନା ଅଧୀନ କଳାପାହାଡ଼ ବସ୍ତିର ସାବିକ୍ ଉଦିନ୍ ଖାନ୍। ଯେ, କି ବଉଳଯୋଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଆଜି ସକାଳ ୯ଟା ୨୦ମିନିଟ ସମୟରେ ଶିକ୍ଷକ ଜଣଙ୍କ ଘରେ ଥିବା ସମୟରେ ପୁଲିସ ତାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଦିର୍ଘ ୩ଘଣ୍ଟା ଧରି ଅଟକରଖିବା ପରେ ପୁଲିସ ଶିକ୍ଷକଙ୍କ ଆଧାର କାର୍ଡ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ୱାରେଣ୍ଟ ଥିବା ବ୍ୟକ୍ତି ଜଣଙ୍କ ସେ ନୁହନ୍ତି ବୋଲି ଜାଣିବା ପରେ ଶିକ୍ଷକଙ୍କୁ ଛାଡ଼ିଦେଇଥିଲା। ଅଟକଥିବା ସମୟରେ ପୁଲିସ ଶିକ୍ଷକ ଜଣଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି ଅଟକ ରହିଥିବା ଶିକ୍ଷକ ସାବିକ୍ ଉଦିନ୍ ଖାନ୍।



ଅନ୍ୟପଟେ ଏହିଘଟଣାକୁ ନିନ୍ଦା କରିବା ସହ ପୁଲିସର ଦବଙ୍ଗ ଗିରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଆଳି ବ୍ଲକର ପ୍ରାଥମିକ ସଂଘ। ଅନ୍ୟ ପଟେ ଜଣେ ଶିକ୍ଷକଙ୍କୁ ବିନା ଦୋଷରେ କ୍ରିମିନାଲ ଭଳି ହାଜତରେ ପୁରାଇବା ତାଙ୍କର ମାନବ ଅଧିକାର କ୍ଷୁର୍ଣ୍ଣ କରିବା ପୁଲିସକୁ କିଏ ଅଧିକାର ଦେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଥାନା ଅଧିକାରୀ କହିଛନ୍ତି ତାଙ୍କୁ ଥାନାକୁ ଆଣିଥିଲୁ ବାପାଙ୍କ ନାଁ ସମାନ ଥିଲା ତେଣୁ ଆଧାର କାର୍ଡ଼ ଭେରିପିକେସନ ପରେ ଛାଡିଦେଇଥିଲୁ।



## ଜିଲ୍ଲାପାଳଙ୍କ ସହ ଅବସରପ୍ରାପ୍ତ କର୍ମଚାରୀ ସଂଘର ଆଲୋଚନା

**କେନ୍ଦ୍ରାପଡ଼ା, ୫।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାବୃନ୍ଦ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟାର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ ଓ ଜିଲ୍ଲାପାଳ ବରିଷ୍ଠ ପେନସନ୍ ଧାରୀ ମାନଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ସାକ୍ଷାତ ସମୟରେ ସଭାପତି ପିତାମ୍ବର ଦାସ, ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ଜେନା, ଯୁଗ୍ମ ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ସମୀକ୍ଷକ ରବୀନ୍ଦ୍ରନାଥ ରଥ, ଉପସଭାପତି ମହମ୍ମଦ ଜାହିଦ ପ୍ରମୁଖ ଉପସ୍ଥିତ ଥିଲେ ।

### ମହାକାଳପଡ଼ା ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ଉପଜିଲ୍ଲାପାଳଙ୍କୁ ଭେଟିଲେ ସମିତିସଭ୍ୟ



**କେନ୍ଦ୍ରାପଡ଼ା, ୫।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକରେ ଅଧକ୍ଷଙ୍କର ଅନାସ୍ଥା ପ୍ରସ୍ତାବ ଗୃହୀତ ହେବାପରେ ଏବେ ବ୍ଲକ ଉପାଧକ୍ଷଙ୍କ ବିରୋଧରେ ବ୍ଲକର ସମିତିସଭ୍ୟ ମାନେ ଉପ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ଲକ ଉପାଧକ୍ଷଙ୍କ ମନମୁଖୀ କାର୍ଯ୍ୟ, ଦୁର୍ନିତିଖୋର ମନୋଭାବ ଯୋଗୁଁ ମହାକାଳପଡା ବ୍ଲକରେ ଲୋକାଭିମୁଖୀ କାର୍ଯ୍ୟ ବାଧା ପାଇବା ସହ ଜନମଙ୍ଗଳ ରାଷ୍ଟ୍ରରେ ଦପ୍ତରଙ୍କୁ ଲୋକଙ୍କ ହିତରେ ଚଳାଇବା କାର୍ଯ୍ୟରେ ସେ ମୁଖ୍ୟ ବାଧକ ସାଜିଥିବା ତଥା ସମିତିସଭ୍ୟ ଓ ଜନ ପ୍ରତିନିଧି ମାନଙ୍କ ପରାମର୍ଶକୁ ଅଣଦେଖା କରି ମନମାନି ଚଳାଇଥିବା ଅଭିଯୋଗ କରିଛନ୍ତି। ଦାବିପତ୍ର ରେ ସମିତିସଭ୍ୟ/ସଭ୍ୟା ମାନଙ୍କର ହସ୍ତାକ୍ଷର ଥିବା ଏକ ରେଜୁଲେସନ କପି ଦେବା ସହିତ ଅନାସ୍ଥା ପ୍ରସ୍ତାବର ବୈଠକ ଆହ୍ୱାନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସ୍ଥିର କରି ପଂଚାୟତ ସମିତିର ଭୋଟଦାନ ଅଧିକାର ଥିବା ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ ବିଜ୍ଞାପନ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରିଛନ୍ତି । ଜନ ସାଧାରଣଙ୍କ ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିରାରାଣୀ ମହାନ୍ତି, ପ୍ରତାପଚନ୍ଦ୍ର ଦାସ, ରଂଜନ କୁମାର ଚୌଧୁରୀ, ସରୋଜ ପରିଡା, ଅଲେଖ ଚନ୍ଦ୍ର ପ୍ରଧାନ, ସତ୍ୟବ୍ରତ ବେହେରା, ସଫଳା ମଲିକ, ସସ୍ମିତା ସେଠୀ, ପ୍ରିୟଙ୍କା ମଲିକ, ସଂଗ୍ରାମ ମଲିକ, ଭଗବତୀ ମଣ୍ଡଳ, ପ୍ରିୟଙ୍କା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ପତ୍ନୀଙ୍କ ଜନ୍ମଦିନ ପାଳିଲେ ସ୍ୱାମୀ

**ସାଲେପୁର,୫।୮(ସଂଚାର ବ୍ୟୁରୋ):** ନିଜର ଧର୍ମପତ୍ନୀଙ୍କ ଜନ୍ମଦିନ ବୃଦ୍ଧାଶ୍ରମରେ ନିଆରା ଢ଼ଙ୍ଗରେ ଅନ୍ତେବାସୀଙ୍କ ଗହଣରେ ପାଳନ କରିଛନ୍ତି ଯୁବ ବ୍ୟବସାୟୀ। ସତ୍ୟଭାମାପୁର ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମର ବିଶିଷ୍ଟ ବ୍ୟବସାୟୀ ବନମାଳୀ ପ୍ରଧାନ ତାଙ୍କ ସହଧର୍ମିଣୀ ଝରଣା ପ୍ରଧାନଙ୍କ ଜନ୍ମଦିନ ଦୁଃଖିଶ୍ୟାମ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଗହଣରେ ପାଳନ କରିଛନ୍ତି। ପ୍ରଧାନ ଦମ୍ପତି ସପରିବାରେ ଆଜି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନ ତମାମ୍ ଉପସ୍ଥିତ ରହି ଅନ୍ତେବାସୀଙ୍କ ଗହଣରେ ହସଖୁସିରେ ସମୟ ଅତିବାହିତ କରିଥିଲେ। ବୃଦ୍ଧାଶ୍ରମରେ ସକାଳ ଜଳଖିଆ ଠାରୁ ଆରମ୍ଭ କରି ମଧାହ୍ନ ଭୋଜନ ଓ ରାତ୍ରଭୋଜନର ବ୍ୟବସ୍ଥା କରିଥିଲେ। ଏବଂ ଅନ୍ତେବାସୀମାନଙ୍କ ସହିତ ଭୋଜନ କରିଥିଲେ। ଏହିଭଳି ସମସ୍ତ ବ୍ୟକ୍ତିବିଶେଷ ନିଜ ପରିବାର ସଦସ୍ୟମାନଙ୍କ ଜନ୍ମଦିନ ଏହି ଅନ୍ତେବାସୀଙ୍କ ଗହଣରେ ପାଳନ କଲେ ସେମାନେ ଆନନ୍ଦିତ ହେବା ସହ ନିଜେ ମହାସୁଖର ଅନୁଭୂତି ପ୍ରାପ୍ତ ହେବେ ବୋଲି ପ୍ରକାଶ କରିଛନ୍ତି।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦୀର୍ଘାୟୁ କାମନାକରି ଦୀପଦାନ




**କେନ୍ଦ୍ରାପଡ଼ା,୫।୮(ସଂଚାର ବ୍ୟୁରୋ):** ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ଜୟନ୍ତୀ ଅବସରରେ ସମୂହ ଦୀପ ଦାନ ଏବଂ ଆଶିଷ ଭିକ୍ଷା କରିଛନ୍ତି କେନ୍ଦ୍ରାପଡା ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା। ରାଜ୍ୟ ସାରା ସମସ୍ତ କ୍ଷେତ୍ରାଧିପତିଙ୍କ ପୀଠରେ ଶ୍ରୀ ହରିଚନ୍ଦନଙ୍କ ଜନ୍ମ ଦିବସ ପାଳନ ହେଉଥିବାବେଳେ ଆଜି ସକାଳେ ତୁଳସୀକ୍ଷେତ୍ରର ଆରାଧ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ପୁଷ୍ପ,ତୁଳସୀ ଲାଗି କରାଯିବା ସହ ଅଖଣ୍ଡ ଦୀପ ଲାଗିଥିବା ବେଳେ,ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଶ୍ରୀ ହରିଚନ୍ଦନଙ୍କ ସୁସ୍ଥ,ନିରାମୟ ଏବଂ ଦୀର୍ଘାୟୁ କାମନା ନିମନ୍ତେ ଦୀପ ପ୍ରଜ୍ୱଳନ କରାଯାଇଥିଲା।ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନାଙ୍କ ନେତୃତ୍ୱ ଓ ବରିଷ୍ଠ ବିଜେପି ନେତା ରଶ୍ମିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଏକାଧିକ ବିଜେପି କର୍ମକର୍ତ୍ତା ଦୁର୍ଯ୍ୟୋଧନ ସାହୁ, କରୁଣାକର ସାହୁ, ଗଗନ ବିହାରୀ ସାହୁ, ପଦ୍ମନାଭ ପଣ୍ଡା, ମଣିନ୍ଦ୍ର ରାଉତ, ବନ୍ଦନାରାଣୀ ରାଉତରାୟ,ନମିତା ବଳ,ଶୁଚିସ୍ମିତା ବସନ୍ତିଆ, ମିଳନ ଓଝା, ଅଭିଶେକ କର,ସୁଶାନ୍ତ ଦାସ,ଅଶୋକ ସେଠୀ, ଅଭିଶେକ ପଣ୍ଡା, ହିମାଂଶୁ ସାହୁ, ଶ୍ରୀକାନ୍ତ କର, ମାନସ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଚେକ୍ ବାଉନ୍ସ ମାମଲା : ଦୋଷୀକୁ ବର୍ଷେ କାରାଦଣ୍ଡାଦେଶ

**ବାରିପଦା,୫।୮(ସଂଚାର ବ୍ୟୁରୋ):** ବେତନଟୀ ସ୍ଥିତ ଜେଏମଏଫସି କୋର୍ଟରେ ଏକ ଚେକ ବାଉନ୍ସ ମାମଲାରେ ଏକ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ବିଚାରପତି ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷର କାରାଦଣ୍ଡ ସହ ୩, ୬୦, ୦୦୦ ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଦେୟ ଅଧିକ ୨ ମାସର କାରାଦଣ୍ଡ ଭୋଗିବେ। ଆସାମୀ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ମଧୁନନ୍ଦା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି।

ସୂଚନା ଯୋଗ୍ୟ, ସେ ବ୍ୟବସାୟୀ ନିମନ୍ତେ ବେତନଟୀ ସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରୁ ୧, ୮୦, ୦୦୦ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୨, ୧୩, ୯୩୨ ଟଙ୍କାର ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିବାରୁ ଚେକ ବାଉନ୍ସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଶୁଣାଣି କରିଥିଲେ। ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ସହିରା ପ୍ରାଚୀନ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ



**ଆଳି,୫।୮(ସଂଚାର ବ୍ୟୁରୋ):** ଆଳି ବ୍ଲକ ଅଧିନସ୍ଥ ସହିରା ଗ୍ରାମର ଆରାଧ ଦେବତା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠରେ ଚଳିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଜଳାଭିଷେକ ପାଇଁ କାଉଡିଆଙ୍କର ପ୍ରବଳ ଭିଡ଼ ଲାଗି ରହିଥିଲା । ପ୍ରାୟ ୩୫୦ବର୍ଷ ପୂର୍ବର ପାତାଳ ଫୁଟ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କୁ ଜଳଲାଗି କରିବା ପାଇଁ ଜିଲ୍ଲାର ପ୍ରାୟ ଅନେକ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିଲା । ପ୍ରଭୁଙ୍କ ନୀଳକଣ୍ଠେଶ୍ୱରଙ୍କ ମହିମା ହେତୁ ଏଠାରେ ପ୍ରବଳ ଭକ୍ତଙ୍କ ଭିଡର ଆଗମନକୁ ଲକ୍ଷ୍ୟ କରି ମନ୍ଦିରର ପୂଜା କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମର ଉତ୍ସାହୀ ଯୁବକମାନେ ସେମାନଙ୍କର ପୂଜା ଓ ଦର୍ଶନ ପାଇଁ ସମସ୍ତ ସୁବନ୍ଦୋବସ୍ତର ବ୍ୟବସ୍ଥା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



**ସାଲେପୁର,୫।୮(ସଂଚାର ବ୍ୟୁରୋ):** ଶିଶୁମାନଙ୍କ ମଧରେ ବୌଦ୍ଧିକ ଓ କୌଶଳାତ୍ମକ ବିକାଶ ନିମନ୍ତେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ପ୍ରଶାସନିକ ସମିତିର ସଦସ୍ୟ ସଞ୍ଜୟ କୁମାର ଦଳାଇଙ୍କ ଅଧକ୍ଷତାରେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱଭାରତୀ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ କୁମାର ଭୂୟାଁ ଯୋଗଦେଇଥିବାବେଳେ ବିଚାରକ ରୂପେ ରବୀନ୍ଦ୍ର କୁମାର ସାହୁ, ଗୌର ଚରଣ ସାହୁ, କିଶୋର ଚନ୍ଦ୍ର ସାହୁ, ମାନସ ଚନ୍ଦ୍ର ରାଉତରାୟ, ଜନ୍ମେଜୟ ନାୟକ, ବନ୍ଦିତା ସାହୁ, ବିଜୟ କୁମାର ଷଡ଼ଙ୍ଗୀ, ଲୋକନାଥ ଦାଶ ଯୋଗଦେଇଥିଲେ।

ଏହାର ଉଦ୍‌ଯାପନ ଉତ୍ସବରେ ଅବସରପ୍ରାପ୍ତ ଅଧକ୍ଷ ଡଃ ମଞ୍ଜୁଶ୍ରୀ ପତି ଯୋଗଦେଇ ପୁରସ୍କାର ବିତରଣ କରିଥିବାବେଳେ ପ୍ରଶାସନିକ ସମିତିର ସଦସ୍ୟ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାକୁ ବିଜ୍ଞାନ ପ୍ରମୁଖ ଜ୍ୟୋତିଶଙ୍କର ଦାଶ, ବିଶ୍ୱବିହାରୀ ବେହେରା, ଋତୁପ୍ରିୟା ନାୟକ, କଲ୍ୟାଣୀ ରାଉତରାୟ, ଜ୍ଞାନରଞ୍ଜନ ସାମଲ ସହଯୋଗ କରିଥିଲେ। ଏଥିରେ ସଂସ୍କୃତି ଜ୍ଞାନ ମୂର୍ତ୍ତି କଳା, ପତ୍ରବାଚନ, ଶିଶୁବାଟିକା ଓ ବିଜ୍ଞାନ ପ୍ରୟୋଗ ପ୍ରକଳ୍ପରେ ୨୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଗଞ୍ଜାମରେ ବଢୁଛି ଅପରାଧ, ସରକାରଙ୍କୁ ଦାୟୀ କଲା ବିଜେଡି

● ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ଉଠାଇଲା ପ୍ରଶ୍ନ



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଗଞ୍ଜାମରେ ଲଗାତାର ଅପରାଧ ଉପରମୁହାଁ ହେଉଥିବା ବେଳେ ଶାସକ ଦଳ ଓ ମନ୍ତ୍ରୀଙ୍କ ପୁତୁରା ଆତଙ୍କରାଜ ଚଳାଇଥିବା ଅଭିଯୋଗ କରିଛି ବିଜେଡି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ଼ ଭାଇଙ୍କ ପୁଅ ଦୀପକ ଜେନା ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କରିଛନ୍ତି, ତାହା ଅମାନବୀୟ। ଗତ ୨୯ ତାରିଖରେ ନିଜ ପୁଅର ମୁଣ୍ଡନ ସାରି ଭୈରବୀ ମନ୍ଦିରରୁ ସପରିବାର ଫେରିବା ସମୟରେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତୀଙ୍କ ଗାଡ଼ି ଜଣେ ମୋଟର ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଏକ ଗ୍ରସରି ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୋକାନୀ ଜଣଙ୍କ ଶ୍ରୀ ଭାନୁମୂର୍ତ୍ତୀ ଓ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଦୀପକଙ୍କୁ ଡାକିଥିଲେ। ଦୀପକ ସେଠାରେ ପହଞ୍ଚି ତାଙ୍କ ସହ ସାମିଲ୍ ହୋଇଥିଲେ। ଆକ୍ରମଣ ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ସେହିପରି ଶ୍ରୀ ଭାନୁମୂର୍ତ୍ତୀଙ୍କ ଭଣଜା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସରେ ଚଢ଼ି ପଳାଇଲା ବେଳେ ମନ୍ତ୍ରୀଙ୍କ ଘର 'ବନ୍ଦେ ମାତରମ୍ ଭବନ' ନିକଟରେ ଉକ୍ତ ବସ୍‌କୁ ଅଟକାଇ ତାଙ୍କୁ ଗାଡ଼ି ଭିତରୁ ଘୋଷାଡ଼ି ଆଣି ମନ୍ତ୍ରୀଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଅତି ନିକଟରେ ଥାନା ଥିଲେ ମଧ୍ୟ ପୁଲିସ୍ ସେଠାରେ ପହଞ୍ଚିନଥିଲା। ଏହି ମାଲାରେ ଦୀପକଙ୍କ ସମେତ ୯ ଜଣଙ୍କ ନାଁରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଘଟଣାର ୯ ଦିନ ପରେ ବି ପୁଲିସ୍ ହାତ ବାନ୍ଧି ବସିଛି। କେବଳ ଚାପଗ୍ରସ୍ତ ହୋଇ ପୁଲିସ୍ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଦୀପକ ଏଯାଏଁ ଗିରଫ ହୋଇନାହାନ୍ତି। ତେଣୁ ପୁଲିସ୍ ଜାଣିଶୁଣି ପଦକ୍ଷେପ ନେଉନଥିବା ଶ୍ରୀ ବକ୍ସିପାତ୍ର ଅଭିଯୋଗ କରିଛନ୍ତି। ସେହିପରି ଡ. ମହାନ୍ତି କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି। ବିଏମ୍‌ସିରେ ଅଫିସର, ଚିଲିକା ଓ ପିପିଲିରେ ସାମ୍ବାଦିକ ଓ ଗୋପାଳପୁରରେ ଓକିଲ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ବାଲି, ମୋରମ ଆଦି ଚୋରା ଚାଲାଣ ବଢୁଥିବାରୁ ସରକାରୀ ରାଜସ୍ୱ ଅଧା କମିଯାଇଛି। ଅପରପକ୍ଷରେ ମାଫିଆଙ୍କ ଦୌରାତ୍ମ୍ୟ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ସ୍ଥିତି ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ଡ. ମହାନ୍ତି ଦାବି କରିଛନ୍ତି।

## ୭ରେ ଜାତୀୟ ହସ୍ତତନ୍ତ ଦିବସ ଓ 'ଏକତା' ଉତ୍ସବ

# ମାଧୁରୀ ମୁଖ୍ୟ ଆକର୍ଷଣ, ଲେଜର୍ ଶୋ'ରେ ଚମକିବ ମଞ୍ଚ

● ବୁଣାକାର ଆମ ସାଂସ୍କୃତିକ ଐତିହ୍ୟର ଆତ୍ମା: ମନ୍ତ୍ରୀ ● ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଓଡ଼ିଶାର ବୁଣାକାରମାନେ ଆମ ସାଂସ୍କୃତିକ ଐତିହ୍ୟର ଆତ୍ମା। ଆମ ହସ୍ତତନ୍ତ କେବଳ ଖଣ୍ଡେ କପଡ଼ା ନୁହେଁ, ଏହା ଆମ ଐତିହ୍ୟ। ଓଡ଼ିଶାର ହସ୍ତତନ୍ତ-ଐତିହ୍ୟର ସୂତ୍ରଧର ବୋଲି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଓ 'ଏକତା' ଉତ୍ସବ ଆୟୋଜନ ନେଇ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାକୁ ଯାଇ ଶ୍ରୀ ବଳ ସାମନ୍ତ ଉପରୋକ୍ତ ମତ ଦେଇଛନ୍ତି। ସୂଚନାନୁସାରେ, ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆସନ୍ତା ୭ରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ପାଳନ କରାଯିବା ସହ ୮ ଓ ୯ରେ ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ କାର୍ଯ୍ୟକ୍ରମ 'ଏକତା' ଉତ୍ସବ ଆୟୋଜିତ ହେବ।




ସେହିପରି ୭ରୁ ୧୩ ପର୍ଯ୍ୟନ୍ତ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ହେବ। ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ରହିବେ। ସେହିପରି ଜାତୀୟ ହସ୍ତତନ୍ତ ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ।

କେନ୍ଦ୍ର ସରକାରଙ୍କ ବୟନ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏକତା କାର୍ଯ୍ୟକ୍ରମ (ଏକ୍‌ଜିବିସନ୍ କମ୍ ନଲେଜ୍ ଶେୟାରିଂ ଫର୍ ଟେକ୍ସଟାଇଲ୍ ଆଡଭାଣ୍ଟେଜ୍) ଓଡ଼ିଶା ଶାଖାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ୮ ତାରିଖରେ ଉଦଘାଟନ କରିବେ। ସେହିପରି ୭ରୁ ୯ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ସମସାମୟିକ ନୃତ୍ୟ ପ୍ରଦର୍ଶିତ ହେବ। ଏହାଛଡ଼ା ଫ୍ୟାଶନ୍ ଶୋ' ଓ ଲେଜର୍ ଶୋ'ରେ ମଞ୍ଚ ଚମକିବ। ଅଗଷ୍ଟ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏକ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ ହେବ। ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିବେ। ରାଜ୍ୟର ବିବିଧ ହସ୍ତତନ୍ତ ଅସ୍ମିତା ସହ ବୟନ ମନ୍ତ୍ରାଳୟ ସହଯୋଗରେ ୮ରୁ ଅଧିକ ରାଜ୍ୟର ବୁଣାକାର ହସ୍ତତନ୍ତ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ କର୍ମଶାଳା, କ୍ରେତା-ବିକ୍ରେତା-ନିର୍ମାତା ସମ୍ମିଳନୀ, ଡିଜାଇନର ଓ କାରିଗରଙ୍କ ସହ ବିଶେଷ ଅଧିବେଶନ ଆୟୋଜିତ ହେବ। ଯୋଗ୍ୟ ବୁଣାକାରଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

» ଅଂଶଗ୍ରହଣ କରିବେ ଦେଢ଼ ହଜାର ବୁଣାକାର

» ଆୟୋଜିତ ହେବ କ୍ରେତା-ବିକ୍ରେତା-ନିର୍ମାତା ସମ୍ମିଳନୀ

## ଦୁର୍ଘଟଣାରେ ବ୍ୟାଙ୍କ ମ୍ୟାନେଜର ମୃତ



ବଲାଙ୍ଗିର, ୫।୮(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ବଲାଙ୍ଗିର ଜିଲ୍ଲା ବନ୍ଧପଡ଼ା ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପ୍ରବନ୍ଧକ (ବ୍ରାଞ୍ଚ ମ୍ୟାନେଜର) ସୁଶାନ୍ତ କୁମାର ଭୋଇ। ସେ କୌଣସି କାମରେ ଆଜି କାରରେ ଦେଓଗାଁ-ବନ୍ଧପଡ଼ା ରାସ୍ତାରେ ଯାଉଥିବା ବେଳେ ବନ୍ଧପଡ଼ା ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ୍ ଧକ୍କା ଦେବା ପରେ କାରଟି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ବ୍ରାଞ୍ଚ ମ୍ୟାନେଜର ସୁଶାନ୍ତ କୁମାର ଭୋଇଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ମାରିଥିଲା। ଦେଓଗାଁ ପୁଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

## ପାରା ପାଇଁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ,୫।୮(ସଂଚାର ବ୍ୟୁରୋ): ପୁରୀ ବାଲିସାହି ନିକଟ ବାପୁଜୀ କ୍ଲବ୍ ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପାରା ପାଇଁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ବଣ୍ଟି ନାୟକ। ବଣ୍ଟିଙ୍କ ମୁଣ୍ଡ ଓ ହାତକୁ ଧାରୁଆ ଅସ୍ତ୍ରରେ ହାଣିଛନ୍ତି ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନାନୁସାରେ, ବଣ୍ଟି ଘରେ ପାରା ରଖିଥିଲା। ତାଙ୍କ ପଡୋଶୀ ଘର ଜଣେ ଯୁବକ ପାରାକୁ ବାଡ଼ିରେ ମାଡପିଟ କରୁଥିବା ବେଳେ ବଣ୍ଟି ତାହା ଦେଖି ପ୍ରତିବାଦ କରିଥିଲା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟିତୁଣ୍ଡକୁ ନେଇ ସମ୍ପୃକ୍ତ ଯୁବକ ବଣ୍ଟିକୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ଘରୁ ସ୍ତ୍ରୀ, ବାହାରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝରିଗାଁ,୫।୮(ସଂଚାର ବ୍ୟୁରୋ): ଘର ଭିତରୁ ମହିଳାଙ୍କ ମୃତଦେହ ଜବତ ହୋଇଛି। ମହିଳାଙ୍କ ସ୍ୱାମୀଙ୍କ ମୃତଦେହ ଘର ବାହାରୁ ଜବତ କରିଛି ପୁଲିସ। ଦମ୍ପତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ସାନ ଭିମାଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଦମ୍ପତିଙ୍କ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳରେ ଛାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ପ୍ରକାରେ ସାନଭିମାଗୁଡ଼ା ଗ୍ରାମର ସୁତମ ଭତ୍ରା(୩୨) ଏବଂ ଫୁଲମଣି ଭତ୍ରା (୨୭) ପ୍ରାୟ ୧୦ ବର୍ଷ ତଳେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ଉଭୟଙ୍କର ବୈବାହିକ ଜୀବନ ଖୁବ ଭଲ ଭାବରେ ଚାଲିଥିଲା ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ କହୁଛନ୍ତି। ଅନ୍ୟ ଦିନ ଭଳି ଗତକାଲି ରାତିରେ ଦମ୍ପତି ଖାଇ ସାରିବା ପରେ ଶୋଇ ପଡ଼ିଥିଲେ।

ଫୁଲମତିଙ୍କ ମୃତଦେହ ଘର ଭିତରେ ବେକରେ ଓଢ଼ଣୀ ଲାଗିଥିବା ଅବସ୍ଥାରେ ଲୋକେ ଦେଖିଥିଲେ। ଘର ଅଗଣାରେ ଥିବା ତେନ୍ତୁଳି ଗଛରେ ସ୍ତ୍ରୀଙ୍କ ଶାଢ଼ି ବେକରେ ଦେଇ ଝୁଲୁଥିଲେ ସୁତମ। ସ୍ଥାନୀୟ ଲୋକେ ଯେତେବେଳେ ଏହି ଅଭାବନୀୟ ଦୃଶ୍ୟ ଦେଖିଥିଲେ, ସେତେବେଳକୁ ଦମ୍ପତିଙ୍କ ଜୀବନ ନଥିଲା। ଦମ୍ପତିଙ୍କ ମୃତ୍ୟୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସମ୍ପର୍କୀୟ ଭାଇ ମଙ୍ଗୁଲୁ ଭତ୍ରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ତଦନ୍ତ ଜାରି ରଖିଛନ୍ତି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିନାହିଁ।

● ଗାଁ ଦାଣ୍ଡରେ ଲଜ୍ଜାଜନକ ଘଟଣା

## ସ୍ୱାମୀ ହାତ ଛାଡ଼ି ପ୍ରେମିକ ସିନ୍ଦୂର ପିନ୍ଧିଲା ସ୍ତ୍ରୀ

କାମାକ୍ଷାନଗର,୫।୮(ସଂଚାର ବ୍ୟୁରୋ) : ଦିନକୁ ଦିନ ସ୍ୱାମୀ ନିର୍ଯାତନା ବଢ଼ିବାରେ ଲାଗିଛି। ହୋମ ନିଆଁକୁ ସାକ୍ଷୀ ରଖି ଯେଉଁ ସ୍ତ୍ରୀ ସ୍ୱାମୀ ସହ ସାତ ଜନ୍ମ କାଟିବାର ପ୍ରତିଜ୍ଞା କରିଥିଲା, ଆଜି ତାର ତୁଚ୍ଛ ପ୍ରେମ ପାଇଁ ସବୁ କିଛି ଭୁଲିଗଲା । ସ୍ୱାମୀର ସିନ୍ଦୁର ପୋଛି ଗାଁ ଦାଣ୍ଡରେ ପ୍ରେମିକର ସିନ୍ଦୁର ପିନ୍ଧିଲା ସ୍ତ୍ରୀ ଆଉ କହିଲା ସ୍ୱାମୀ ପର ପ୍ରେମିକ ମୋ ନିଜର । ଲାଜରେ ସ୍ୱାମୀର ମୁଣ୍ଡ ତଳକୁ ନଇଁ ପଡିଛି ସିନା ସ୍ତ୍ରୀ ର ଖୁସି କହିଲେ ନସରେ । ଏଭଳି ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୂବନ ଥାନା ଓଡିଶ ପଞ୍ଚାୟତ ବଡ କାଠିଆ ଗ୍ରାମରେ ।

ସୂଚନାନୁସାରେ ବିବାହିତ ମହିଳାଙ୍କ ଘରକୁ ରାତି ଅଧରେ ବାରମ୍ବାର ଆସୁଥିଲେ କଙ୍କଡ଼ାହାଡ଼ ବ୍ଲକ କୋରିଆପାଳ ଗ୍ରାମର ବିବାହିତ ଯୁବକ । ବାରମ୍ବାର ଏହି ଯୁବକ ଏଠାକୁ ଆସୁଥିବାରୁ ସନ୍ଦେହ କରି ଗ୍ରାମବାସୀ ଆଜି ଦୁହିଁଙ୍କୁ ଧରିଦେଇଥିଲେ । ମହିଳାଙ୍କ ସ୍ୱାମୀ ଯେଉଁ କଂପାନୀରେ ଡ୍ରାଇଭର୍ ଭାବେ କାମ କରନ୍ତି ସେହି କମ୍ପାନୀରେ ଯୁବକ ସିକ୍ୟୁରିଟି ଗାର୍ଡ ଭାବରେ ଚାକିରି କରନ୍ତି । ଆଉ ଆଜି ଦୁଇଜଣଙ୍କୁ ଅସଂଯତ ଅବସ୍ଥାରେ ଧରିବା ପରେ ଗ୍ରାମର ମୁରବିମାନେ ସ୍ଥିର କରିଥିଲେ ଯେ, ଉଭୟଙ୍କର ବାହାଘର ହିଁ କରାଯାଉ ବୋଲି । ବାସ୍ତବରେ ବିବାହିତ ଯୁବକ ଓ ମହିଳା ଚୋରା ପୀରତିରେ ଲିପ୍ତ ଥିବାବେଳେ ଧରି ନେଇଥିଲେ ଗ୍ରାମବାସୀ । ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇ ସ୍ୱାମୀଙ୍କ ଆଦେଶରେ ଦୁଇ ଛୁଆର ମା ହାତରୁ ଶଙ୍ଖା କାଢିଲେ, ମଥାରୁ ସିନ୍ଦୂର ପୋଛିଲେ, ବାହୁରୁ ବ୍ରତ କାଢି ସ୍ୱାମୀ ହାତକୁ ଦେଲେ ଏବଂ ସେଠାରେ ତାଙ୍କ ପ୍ରେମିକ ଯୁବକ ମହିଳାଙ୍କୁ ପିନ୍ଧେଇଲେ ଶଙ୍ଖା ସିନ୍ଦୂର । ପରେ ଏହି ମହିଳା ପ୍ରେମିକ ବାଇକ୍ ପଛରେ ବସି ଉପସ୍ଥିତ ଥିବା ଗ୍ରାମବାସୀଙ୍କ ଆଶୀର୍ବାଦ ନେଇ ନିଜ ଜନ୍ମ କଲା ଛୁଆଙ୍କୁ ପର କରି ଯୁବକଙ୍କ ସହିତ ଛୁ ମାରିଛି ।

## ଫାଇଲେରିଆ ନିରାକରଣ ▶ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଆସନ୍ତା ୧୦ରୁ ଆରମ୍ଭ ହେବ। ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୧ କୋଟି ୭ ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। କାର୍ଯ୍ୟସୂଚୀ ଅନୁଯାୟୀ, ଅନୁଗୋଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ସେହିପରି ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଟି ଜିଲ୍ଲାର ୧୧୫ଟି କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାକୁ ବାରଣ କରାଯାଇଛି। କାର୍ଯ୍ୟକ୍ରମରେ ୪୧ ହଜାର ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ଏଥିସହ ସେମାନଙ୍କ କାର୍ଯ୍ୟ ତଦାରଖ ପାଇଁ ୪୧୦୦ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



ଆଶା, ଅଙ୍ଗନୱାଡି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନେ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଅନ୍ତତଃ ୯୦ ପ୍ରତିଶତ ଲୋକ ଡ୍ରଗ ଆଡମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶତପ୍ରତିଶତ ଲକ୍ଷ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ଥିବାରୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ସହଯୋଗ, ସମର୍ଥନ ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମିଳନୀରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ , ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ, ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତିଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏମ୍‌ଡିଏ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ, ଶିଳ୍ପ, ଇସ୍ପାତ ଏବଂ ଖଣି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଗୃହ ଓ ନଗର ଉନ୍ନୟନ ଆଦି ବିଭାଗକୁ ନିବେଦନ କରାଯାଇଛି।

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚେତନତା ବୈଠକ



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ-୨୦୧୩ର ରୂପାୟନ ସମ୍ବନ୍ଧୀୟ ଏକ ବିସ୍ତୃତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭାପତି ସୌଦାମିନୀ ସେଠୀ, ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ରାଜଶ୍ରୀ ସିଂହ, ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ରଞ୍ଜିତା ବେହେରା, କମିଟିର ସମସ୍ତ ସଦସ୍ୟ, କଟକସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ବସୁନ୍ଧରା'ର ପ୍ରତିନିଧି, ବିଭାଗୀୟ ବରିଷ୍ଠ ମହିଳା ଅଧିକାରୀ ଓ ସମସ୍ତ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ଆଇସିସିରର ସବିଶେଷ କାର୍ଯ୍ୟ ଓ କ୍ଷମତା ବିଷୟରେ ସଚେତନତାଧର୍ମୀ ଆଲୋଚନା ହୋଇଥିଲା।

● ଶ୍ରୀମନ୍ଦିରରୁ ଧରାପଡ଼ିଲାଣି ୩ ଗୁପ୍ତ କ୍ୟାମେରା

## ଶ୍ରୀମନ୍ଦିର ଆଇନରେ ହେବ ସଂଶୋଧନ



ପୁରୀ,୫।୮(ସଂଚାର ବ୍ୟୁରୋ): ଗତ ୧୦ ଦିନରେ ଶ୍ରୀମନ୍ଦିର ଭିତରକୁ ତିନି ଜଣ ଭକ୍ତ ସ୍ପାଏକ୍ୟାମେରା ନେଇ ଯାଇଥିବା ବେଳେ ଧରା ପଡିଛନ୍ତି। ଏହାକୁ ନେଇ ଶ୍ରୀନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ଏନେଇ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ଆଣିବାକୁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଭିତରେ ହିଡେନ କ୍ୟାମେରା, ମୋବାଇଲ ଫୋନ୍ ଓ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣ କଟକଣାକୁ ନେଇ କଠୋର ହୋଇଛି ପ୍ରଶାସନ। ବୈଠକର ନିଷ୍ପତ୍ତି ଆଧାରରେ ଶ୍ରୀମନ୍ଦିର ଆଇନରେ ଶଂସୋଧନ ହେବାସହ ଏଭଳି କଟକଣା ଉଲଘଂନ କଲେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ପ୍ରଚଳିତ ନିୟମ ଅନୁଯାୟୀ ସେଭଳି କିଛି କଠୋର ଦଣ୍ଡବିଧାନ ନଥିବା ବେଳେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ହେଲେ କଟକଣା ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ଚାରୋଟି ବିନ୍ଦୁ ଉପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି । ପ୍ରଥମଟି ହେଉଛି ,କୌଣସି ବ୍ୟକ୍ତି ମୋବାଇଲ ଫୋନ୍ ଜାଣତରେ ଶ୍ରୀମନ୍ଦିର ଭିତରେ ବ୍ୟବହାର କଲେ କଠୋର ଦଣ୍ଡବିଧାନ କରାଯିବ, ଦ୍ୱିତୀୟ ବିନ୍ଦୁ ହେଉଛି କୌଣସି ହିସାବରେ ମହାପ୍ରଭୁଙ୍କ ଗାରିମା ଜାଣତରେ କେହିବି କ୍ଷୁର୍ଣ୍ଣ କରିବେନି କିମ୍ବା ସୋସିଆଲ ମିଡିଆରେ ଭାବାବେଗକୁ ଆଘାତ ଦେବା ଭଳି କୌଣସି ପୋଷ୍ଟ କଲେ କଠୋର ଦଣ୍ଡବିଧାନ ହେବା ସହ ୭ବର୍ଷ ପର୍ଯ୍ୟନ୍ତ ଜାମିନ ବିହିନି ଜେଲଦଣ୍ଡ ଭଳି ବ୍ୟବସ୍ଥା କରାଯିବ। ଅନଧିକୃତ ଭାବେ ଡ୍ରୋନ୍ ଉଡାଇଲେ କଠୋର ଦଣ୍ଡବିଧାନ ସହ ଜିମିନ ବିହିନ ଗିରଫ ପରୱାନା ଜାରି ହେବ। ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ କ୍ରମେ ଶ୍ରୀମନ୍ଦିର ଆଇନ୍ ୧୯୫୫ ଅନ୍ତର୍ଗତ ଦଣ୍ଡବିଧାନ ହୋଇପାରିବ। ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ୍ୟ ହୋଇପାରିବ। ଏ ଚାରୋଟି ବିନ୍ଦୁ ଉପରେ ଆଜିର ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

## ଆଇଆଇଏମସି ଢେଙ୍କାନାଳ ଓ ଏସଆରଏଫଟିଆଇ କୋଲକାତା ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଗଣମାଧ୍ୟମ ଶିକ୍ଷା ଓ ଦକ୍ଷତା ବିକାଶରେ ସହଯୋଗ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଢେଙ୍କାନାଳର ଆଇଆଇଏମ୍‌ସି ଓ କୋଲକାତାର ସତ୍ୟଜିତ ରାୟ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ (ଏସଆରଏଫଟିଆଇ) ମଧ୍ୟରେ ଏସଆରଏଫଟିଆଇ କ୍ୟାମ୍ପସରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଶୈକ୍ଷିକ ସମ୍ପର୍କକୁ ମଜବୁତ କରିବା ସହ ମିଳିତ ଗବେଷଣା ଓ ତାଲିମକୁ ପ୍ରୋତ୍ସାହିତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଅଭ୍ୟାସ ସଂକ୍ରାନ୍ତରେ ଅଧିକ ସୂଚନା ପ୍ରଦାନ କରିବ। ଆଇଆଇଏମସିର ରେଜିଷ୍ଟ୍ରାର ଓ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନିମିଶ ରୁସ୍ତଗୀଙ୍କ ଉପସ୍ଥିତିରେ ଏସଆରଏଫଟିଆଇର ଡିନ୍ ପ୍ରଫେସର ସୁକାନ୍ତ ମଜୁମଦାର ଓ ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

## ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ। ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ।

ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୧ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ବାବୁ ସିଂ, ଗଣେଶ୍ୱର ବେହେରା ଓ ପ୍ରକାଶ ଚନ୍ଦ୍ର ସେଠୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସଦର ସଭାପତି ପ୍ରଦ୍ୟୁମ୍ନ ଶତପଥୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ତଥ୍ୟ ମାଗିଲେ ରାଜ୍ୟ ସରକାର

# ବାଧ୍ୟତାମୂଳକ ଅବସର ନେବେ ଅପାରଗ ଅଧିକାରୀ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି, ସେନେଇ ରାଜ୍ୟ ସରକାର ତଥ୍ୟ ମାଗିଛନ୍ତି। ଏନେଇ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ଚିଠି କରାଯାଇଥିବା ଜଣାପଡ଼ିଛି। ଆସନ୍ତା ୭ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ସରକାରଙ୍କୁ ଦେବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଟିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରୁନାହାଁନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ, ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିକଟରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ସମସ୍ତ ସଚିବଙ୍କୁ ସୂଚାଇ ଥିବାବେଳେ ଗତ ୩୧ରେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (ଓଏସ୍‌ଡି) କଲ୍ୟାଣ କୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ର ଲେଖିଛନ୍ତି।

ସବୁ ବିଭାଗୀୟ ସଚିବଙ୍କୁ ଓଏସ୍‌ଡି ଶ୍ରୀ କୁମାର ପଠାଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗତ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ କର୍ମଚାରୀଙ୍କ ଅବସରଠାରୁ ଆରମ୍ଭ କରି ବାଧ୍ୟତାମୂଳକ ଅବସର ପର୍ଯ୍ୟନ୍ତ, ପ୍ରଶାସନରେ ବୈଷୟିକ ପ୍ରଣୟନ, ନାଗରିକକେନ୍ଦ୍ରିକ ସରକାରଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ସଚିବ ୧୨ଟି ବିଷୟ ଉପରେ ଏହାର ସ୍ଥିତାବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି। ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଟିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁନାହାନ୍ତି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଚାପ ଓ ସମ୍ଭାବନା

ବିଶ୍ୱର ଦୁଇ ପ୍ରମୁଖ ଅର୍ଥନୀତି ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚାଲିଥିବା ଆଲୋଚନା ଏବେ ଜଟିଳ ମୋଡ଼ରେ ପହଞ୍ଚିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଭାରତୀୟ ରପ୍ତାନୀ ଉପରେ ୨୫% ଶୁଳ୍କ ଓ ରୁଷିଆ ସହ ବାଣିଜ୍ୟ ପାଇଁ ଅତିରିକ୍ତ ଦଣ୍ଡ ଲଗାଇବାକୁ ଘୋଷଣା କରିଛି। ଏହା ଏକ ଚାପ କୌଶଳ ଭାବେ ଦେଖାଯାଉଛି, ଯାହା ଦ୍ୱାରା ଭାରତକୁ ଏକ



ଆମେରିକା-ଅନୁକୂଳ ବାଣିଜ୍ୟ ଚୁକ୍ତି ପାଇଁ ବାଧ କରାଯିବ। ଏହି ପ୍ରସଙ୍ଗ କେବଳ ଅର୍ଥନୈତିକ ନୁହେଁ, ରାଜନୈତିକ ଓ ଭୂ-କୌଶଳଗତ ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ଗତ ବର୍ଷ ୧୩୧.୮୪ ବିଲିୟନ ଡଲାରରେ ପହଞ୍ଚିଥିଲା, ଯେଉଁଥିରେ ଭାରତର ରପ୍ତାନୀ ୮୭ ବିଲିୟନ ଡଲାର। ଏହି ସମ୍ପର୍କକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରକୁ ନେବାର ଲକ୍ଷ୍ୟ ରହିଛି। କିନ୍ତୁ ଆମେରିକାର ଶୁଳ୍କ ନୀତି ଏହାକୁ ବାଧା ସୃଷ୍ଟି କରୁଛି। ଟ୍ରମ୍ପଙ୍କ ପ୍ରଶାସନ ଭାରତର କୃଷି ଓ ଡେୟାରୀ କ୍ଷେତ୍ରକୁ ଖୋଲିବାକୁ ଦାବି କରୁଛି, ଯାହା ଭାରତ ପାଇଁ ଅସମ୍ଭବ। କାରଣ, ଏହି କ୍ଷେତ୍ର ଭାରତର ୭୦୦ ମିଲିୟନରୁ ଅଧିକ ଗ୍ରାମୀଣ ଜନସଂଖ୍ୟାଙ୍କ ଜୀବିକା ଓ ଖାଦ୍ୟ ସୁରକ୍ଷା ସହ ଜଡ଼ିତ। ରାଜନୈତିକ ଦୃଷ୍ଟିରୁ ମଧ୍ୟ ଏହା ଏକ ସମ୍ବେଦନଶୀଳ ବିଷୟ। ଏକ ରାଷ୍ଟ୍ରୀୟ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଡେୟାରୀ କ୍ଷେତ୍ର ଖୋଲିଲେ ଭାରତୀୟ କୃଷକମାନେ ବାର୍ଷିକ ୧.୦୩ ଲକ୍ଷ କୋଟି ଟଙ୍କାର କ୍ଷତି ସହିବେ।

ଭାରତ ସରକାର, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ନେତୃତ୍ୱରେ, ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଛନ୍ତି। ଗୋୟଲ ସ୍ପଷ୍ଟ କରିଛନ୍ତି ଯେ କୃଷି, ଡେୟାରୀ ଓ ଜେନେଟିକ୍ ମୋଡ଼ିଫାଏଡ୍ ଖାଦ୍ୟ ଉପରେ କୌଣସି ଆପୋସ ହେବ ନାହିଁ। ଏହା ସତ୍ତ୍ୱେ, ଭାରତ ଆଲୋଚନା ଜାରି ରଖିଛି ଏବଂ ଅଗଷ୍ଟ ଶେଷ ସୁଦ୍ଧା ଏକ ଅନ୍ତରୀଣ ଚୁକ୍ତି ପାଇଁ ଆଶା ରହିଛି। ଭାରତର ଏହି ଦୃଢ଼ ଅବସ୍ଥାନ ଦେଶର ଅର୍ଥନୈତିକ ସ୍ୱାଧୀନତା ଓ କୃଷକମାନଙ୍କ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଅନ୍ୟପକ୍ଷରେ, ଆମେରିକାର ଚାପ ଭାରତକୁ ଅନ୍ୟ ବାଣିଜ୍ୟ ଅଂଶୀଦାରଙ୍କ ସହ ସମ୍ପର୍କ ବିସ୍ତାର କରିବାକୁ ପ୍ରେରଣା ଦେଇଛି। ଭାରତ ଇତିମଧ୍ୟେ ଯୁକ୍ତରାଷ୍ଟ୍ର, ମାଲଦୀପ ଓ ଇଉରୋପୀୟ ସଂଘ ସହ ଚୁକ୍ତି ପାଇଁ ଆଲୋଚନା କରୁଛି। ଏହା ଭାରତର ବହୁମୁଖୀ ବାଣିଜ୍ୟ ନୀତିର ଏକ ପ୍ରମାଣ, ଯାହା ଆମେରିକାଭଳି ଶକ୍ତିଶାଳୀ ରାଷ୍ଟ୍ରଙ୍କ ଚାପକୁ ମଧ୍ୟ ସନ୍ତୁଳନ କରିପାରୁଛି। ତେବେ, ଏହି ଆଲୋଚନାରେ ଭାରତକୁ ନିଜର ଅଗ୍ରାଧିକାର ଓ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ରଖି ଏକ ସନ୍ତୁଳିତ ଚୁକ୍ତି ଆଡ଼କୁ ଅଗ୍ରସର ହେବାକୁ ହେବ।

ଏହି ପରିସ୍ଥିତି ଭାରତର କୂଟନୀତିକ ଦକ୍ଷତା ଓ ଅର୍ଥନୈତିକ ସ୍ଥିରତାକୁ ପରୀକ୍ଷା କରୁଛି। ଆମେରିକା ସହ ଏକ ସଫଳ ଚୁକ୍ତି ଦୁଇ ଦେଶର ସମ୍ପର୍କକୁ ନୂଆ ଉଚ୍ଚତା ଦେଇପାରେ, କିନ୍ତୁ ଏଥିପାଇଁ ଭାରତକୁ ନିଜର ମୌଳିକ ସ୍ୱାର୍ଥକୁ ଅକ୍ଷୁର୍ଣ୍ଣ ରଖି ଆଲୋଚନା କରିବାକୁ ହେବ।

## ଅସୁରକ୍ଷିତ ଅଭୟାରଣ୍ୟ ବାହାରେ ‘ବାଘ’



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଆନ୍ତର୍ଜାତିକ ବାଘ ଦିବସ ପାଳନ ଅବସରରେ ଦେଶରେ ବାଘ ସଂଖ୍ୟା ବୃଦ୍ଧି ନେଇ ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି, ତାହା ନିଶ୍ଚିତ ଭାବେ ଖୁସିର ବାହାକ ଜାତୀୟ ବାଘ ସଂରକ୍ଷଣ କର୍ତ୍ତୃପକ୍ଷ (ଏନଟିସିଏ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ମୋଟ ବାଘ ସଂଖ୍ୟା ୩୬୮୨ରେ ପହଁଚିଛି। ୨୦୧୦ ମସିହାରେ ଦେଶରେ ମୋଟ ବାଘ ସଂଖ୍ୟା ୧୭୦୬ ଥିଲା। କହିବା ବାହୁଲ୍ୟ ଯେ, ଗତ ୧୫ବର୍ଷ ମଧ୍ୟରେ ଦେଶରେ ବାଘସଂଖ୍ୟା ଦ୍ୱିଗୁଣିତ ହୋଇଛି। ଯାହାକି ବାଘବଂଶ ବୃଦ୍ଧି ନେଇ ସଂକେତ ପ୍ରଦାନ କରୁଛି। ସେହିପରି ଏନଟିସିଏ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୨୧ରୁ ୨୦୨୫ ମଧ୍ୟରେ ଦେଶରେ ମୋଟ ୬୬୭ଟି ବାଘଙ୍କର ମୃତ୍ୟୁ ଘଟିଛି। କିନ୍ତୁ ଚିନ୍ତାର ବିଷୟ ଏହା ଯେ, ବାଘଙ୍କ ମଧ୍ୟରୁ ୩୪୧ଟି ଅର୍ଥାତ ୫୧ ପ୍ରତିଶତରୁ ଅଧିକ ବାଘର ଶିକାରୀଙ୍କ ଗୁଳିରେ ବାଘ ସଂରକ୍ଷଣ ପ୍ରକଳ୍ପ ବାହାରେ ମୃତ୍ୟୁ ଘଟିଛି। ସେହିପରି ୨୦୧୨ରୁ ୨୦୨୪ ମଧ୍ୟରେ ୪୨ପ୍ରତିଶତ ବାଘର ଶିକାରି ଗୁଳିରେ ମୃତ୍ୟୁ ଘଟିଥିଲା। ତେବେ ୨୦୨୩ ବର୍ଷରେ ସର୍ବାଧିକ ୧୮୨ଟି ବାଘର ମୃତ୍ୟୁ ଘଟିଥିବା କୁହାଯାଇଛି। ସେହିପରି ୨୦୨୧ରେ ୧୨୭ଟି ବାଘର ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ୧୨୧ଟି ବାଘର ମୃତ୍ୟୁ ଘଟିଥିଲା ବୋଲି ସରକାରୀ ରିପୋର୍ଟରେ କୁହାଯାଇଥିବାବେଳେ ବାସ୍ତବରେ ବାଘ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ବେସରକାରୀ ଭାବେ ଗବେଷକମାନେ ମତ ଦିଅନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦେଶର ବିଭିନ୍ନ ରାଜ୍ୟ ତଥା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ଉତରପ୍ରଦେଶ, ଓଡ଼ିଶା, କେରଳ, ତାମିଲନାଡୁ, ତେଲେଙ୍ଗାନା, ଝାଡଖଣ୍ଡ, ଉତରାଖଣ୍ଡ, ଆଦି ରାଜ୍ୟରେ ବାଘ ଥିବାବେଳେ ଦେଶରେ ମୋଟ ୫୮ଟି ବ୍ୟାଘ୍ର ଅଭୟାରଣ୍ୟ ରହିଛି। ଏହି ଅଭୟାରଣ୍ୟ ଗୁଡିକରେ ୩୬୮୨ଟି ବାଘ ଥିବାବେଳେ ଅଭୟାରଣ୍ୟ ବାହାରେ ୧୦୦ରୁ ଉର୍ଦ୍ଧ୍ୱ ଥିବା କୁହାଯାଏ। ଆମ ରାଜ୍ୟରେ ୪୨ଟି ମହାବଳ ବାଘ ଥିବା ବ୍ୟାଘ୍ର ଗଣନା ରିପୋର୍ଟରୁ ଜଣାଯାଏ। ଆମ ରାଜ୍ୟରେ ଦୁଇଟି ବାଘ ଅଭୟାରଣ୍ୟ ରହିଛି। ସେଥିମଧ୍ୟରୁ ଶିମିଳିପାଳରେ ୩୦ରୁ ଉର୍ଦ୍ଧ୍ୱ ବାଘ ଅଛନ୍ତି। ୧୯୫୬ ମସିହାରୁ ଦେଶ ଚିତା ବାଘ ଶୂନ୍ୟ ହୋଇପଡ଼ିଥିବାବେଳେ ଏହାର ବଂଶବୃଦ୍ଧି ଦକ୍ଷୀଣ ଆଫ୍ରିକୀୟ ରାଷ୍ଟ୍ର ଗୁଡିକରୁ ଦୁଇଟି ପର୍ଯ୍ୟାୟ ୧୯ଟି ଚିତାବାଘ ଅଣାଯାଇ ବିଭିନ୍ନ ଅଭୟାରଣ୍ୟରେ ରଖାଯାଇଛି। ଏବେ ଦେଶରେ ଚିତାବାଘ ସଂଖ୍ୟା ୨୪ରେ ପହଁଚିଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରୟାସ ଜାରି ରହିଛି। ଏହି ଜଙ୍ଗଲୀ ବିରାଡି'ର ସୁରକ୍ଷା ଏକ ଆହ୍ୱାନ ହୋଇଥିବା ସମୟରେ ଏବେ ବହୁ କଠିନ ସମୟ ଦେଇ ଗତି କରୁଛି ବୋଲି କୁହାଯାଇପାରେ। ବିଶେଷ କରି ଜଙ୍ଗଲ କ୍ଷୟ, ମାନବ ବସତି ସମ୍ପ୍ରସାରଣ, ଜଙ୍ଗଲ କାଟି ଶିଳ୍ପକାରଖାନା ପ୍ରତିଷ୍ଠା, ରେଳ ଲାଇନ ସଂଯୋଗ, କଙ୍କ୍ରିଟ ନିର୍ମାଣ, ଜଙ୍ଗଲ ପୋଡ଼ି, ଆଖିବୁଜା ଗଛକଟା ଯୋଗୁଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ସେହିପରି ଅନିୟମିତ ବର୍ଷା ଏବଂ ଜଳବାୟୁର ଦ୍ରୁତ ପରିବର୍ତନ ଯୋଗୁଁ ଏହି ଜଙ୍ଗଲୀ ରାଜାଙ୍କ ପାଇଁ ଏବେ ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଛି। ଆହୁରି ମଧ୍ୟ ଜଙ୍ଗଲରେ ହରିଣ, କୁଟୁରା, ନୀଳଗାଇ ଆଦି ପଶୁଙ୍କ ସଂଖ୍ୟା ହ୍ରାସ ପାଇବା ଯୋଗୁଁ ଖାଦ୍ୟ ପାଇଁ ବାଘ ଏବେ ଜନବସତି ମୁହାଁ ହୋଇଛି। ଫଳସ୍ୱରୁପ ବାଘ-ମଣିଷ ଲଢେଇ ଏବେ ଭୟଙ୍କର ରୂପ ନେଇଛି। ବିଶେଷ କରି ଅଭୟାରଣ୍ୟ ବାହାରେ ଥିବା ବାଘ ସୁରକ୍ଷିତ ନୁହଁନ୍ତି। ଯାହାର ପରିଣତି ସ୍ୱରୁପ ଶିକାରୀ ଗୁଳିରେ ବାଘର ମୃତ୍ୟୁ ଘଟୁଛି। କେବଳ ଏତିକି ନୁହେଁ ବାଘ ଚମଡା, ନିଶ, ନଖ ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ବାଘ ରହିଛି। ଆମ ରାଜ୍ୟରେ କଲରାପତରିଆ ବାଘ ଶିକାର ଏବେ ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହା ନିସନ୍ଦେହ ଯେ, ବାଘ-ମଣିଷ ଲଢେଇ ଏବ ଏହି ଜଙ୍ଗଲୀ ବିରାଡି ଜୀବନ ପ୍ରତି ଗୁରୁତର ଧମକ ସୃଷ୍ଟି କରିଛି। ଏହା ସତ୍ୟ ଯେ, ବାଘ ସୁରକ୍ଷା ହିଁ କେବଳ ଦେଶରେ ଜଙ୍ଗଲ କ୍ଷୟ ରୋକିବା ସହ ସବୁଜିମା ସୃଷ୍ଟି କରିବାରେ ସହାୟକ ହୋଇପାରିବ। ବାଘ ସୁରକ୍ଷା ପାଇଁ ଉପଯୁକ୍ତ ଅର୍ଥ ବିନିଯୋଗ ସହ ତାଲିମପ୍ରାପ୍ତ ଉତ୍ସର୍ଗିକୃତ ଫିଲଡ୍ କର୍ମଚାରୀ ଆବ୍ୟାକ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨, ମୋବାଇଲ ନଂ-୭୯୭୮୬୬୬୪୦୩**


# ବନ୍ଧୁତା ପାଇଁ ଏହା କି ପ୍ରକାରର ପୁରସ୍କାର ?



**ଡକ୍ଟର ଲକ୍ଷ୍ମଣ ସାହୁ**

ବନ୍ଧୁତା ଏପରି ଏକ ଶବ୍ଦ ଯାହା ବିଶ୍ୱାସ, ଆତ୍ମବିଶ୍ୱାସ, ସମାନ ସ୍ୱାର୍ଥ ଓ ସମାନ ମୂଲ୍ୟବୋଧ ଆଶା କରେ। କିନ୍ତୁ ଯେତେବେଳେ ଏହି ବନ୍ଧୁତା ଏକପାଖିଆ ଶବ୍ଦ ଉପରେ ଆଧାରିତ ହୁଏ ଓ ଏହାର ଆଧାରରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ସେତେବେଳେ ଏହି ସମ୍ପର୍କ ବନ୍ଧୁତା ବଦଳରେ ଏକପାଖିଆ ପ୍ରାଧାନ୍ୟର ରୂପ ନେଇଥାଏ। ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଭାରତ ଉପରେ ୨୫ ପ୍ରତିଶତର ଏକ ବିଶାଳ ଶୁଳ୍କ ଲାଗୁ କରି ଠିକ୍ ଏହି ବାର୍ତ୍ତା ସୂଚେଇ ଦେଇଛି। ଏହା କେବଳ ଆର୍ଥିକ ନୀତିର ଏକ ସାଧାରଣ ନିଷ୍ପତ୍ତି ନୁହେଁ, ବରଂ ଏହା ଏକ ଏଭଳି ନିଷ୍ପତ୍ତି ଯାହା ଭାରତ-ଆମେରିକା ସମ୍ପର୍କର ବାସ୍ତବତାକୁ ପ୍ରକାଶ କରେ। କହିବାକୁ ଗଲେ ଯାହା ଏହି ତଥାକଥିତ ରଣନୈତିକ ସହଭାଗୀତାର ପ୍ରକୃତ ସତ୍ୟକୁ ପ୍ରକାଶ କରେ।

ଟ୍ରମ୍ପ ଗର୍ବର ସହିତ ଘୋଷଣା କରିଥିଲେ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଆମେ ଭାରତ ସହିତ ବହୁତ ଭଲ ବାଣିଜ୍ୟ କରିଛୁ, ଯେତେବେଳେ ଭାରତ ଆମ ସହିତ କିଛି କେବେ କରିନାହିଁ। ଏହି ବକ୍ତବ୍ୟ କେବଳ ଏକ ସମ୍ବେଦନଶୀଳ କୂଟନୈତିକ ମନ୍ତବ୍ୟ ନୁହେଁ, ବରଂ ଜଣେ ରାଷ୍ଟ୍ରମୁଖ୍ୟଙ୍କ ମାନସିକତାକୁ ମଧ୍ୟ ପ୍ରତିଫଳିତ କରେ ଯିଏ ବାଣିଜ୍ୟ କ୍ଷତି-ଲାଭ ମାପରେ ବନ୍ଧୁତାକୁ ମଧ୍ୟ ତୁଳନା କରନ୍ତି। ବାଣିଜ୍ୟରେ, ଭାରତ ଆମେରିକା ସହିତ ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ସାମଗ୍ରୀ , ଅଳଙ୍କାର, ଔଷଧ ଉତ୍ପାଦ, ହାଲୁକା ଅଶୋଧିତ ତେଲ ଓ ପେଟ୍ରୋଲିୟମ୍ ବିଦ୍ୟୁତ୍ ଉତ୍ପାଦନ ବ୍ୟବସାୟ କରିଛି। କିନ୍ତୁ ଗତ କିଛି ବର୍ଷ ଧରି ଭାରତ ଆମେରିକା ସହିତ ସର୍ବାଧିକ ଯତ୍ନ ଓ ସମର୍ପଣ ସହିତ ସମ୍ପର୍କକୁ ଜାରି ରଖିଛି। ସାମରିକ ଚୁକ୍ତିନାମା ହେଉ ଅବା ବୈଷୟିକ ସହଭାଗୀତା ହେଉ କିମ୍ବା ବିଶ୍ୱ ମଞ୍ଚରେ ସମର୍ଥନ ହେଉ, ଭାରତ ସର୍ବଦା ଆମେରିକାକୁ ବନ୍ଧୁତା ସୂତ୍ରରେ ସମର୍ଥନ କରିଆସିଛି।

ଭାରତ ପ୍ରତ୍ୟେକ କ୍ଷେତ୍ରରେ ଆମେରିକାକୁ ପ୍ରାଥମିକତା ଦେଇଆସୁଛି। କିନ୍ତୁ ଶେଷରେ ପ୍ରତିଦାନ ସ୍ୱରୂପ, ଭାରତକୁ ବାଣିଜ୍ୟିକ ପ୍ରତିବନ୍ଧକ, ଚେତାବନୀ ଏବେ ଏହି ନୂତନ ୨୫ ପ୍ରତିଶତ ଦଣ୍ଡ ମିଳିଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯାହା ଭାରତର ଇସ୍ପାତ, ଆଲୁମିନିୟମ ଓ ଅନ୍ୟାନ୍ୟ ଭାରୀ ଶିଳ୍ପ ଉତ୍ପାଦ ରପ୍ତାନି ପାଇଁ ଏକ ସିଧାସଳଖ ଆଘାତ। ଭାରତ ପ୍ରତିବର୍ଷ ଆମେରିକାକୁ କୋଟି କୋଟି ଡଲାର ମୂଲ୍ୟର ଇସ୍ପାତ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି କରେ। ଏବେ ଏଗୁଡ଼ିକ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟିକସ ଲାଗୁ ହେବ, ଯାହା ସିଧାସଳଖ ଭାରତୀୟ ଶିଳ୍ପ, ଶ୍ରମିକ ଓ ଅର୍ଥନୀତିକ ଦିଗକୁ ପ୍ରଭାବିତ କରିବ। ଆମେରିକୀୟ ବଜାରରେ ପ୍ରତିଯୋଗିତା ପୂର୍ବରୁ କଠିନ, ତା ଉପରେ ଏପରି ଶୁଳ୍କ ଭାରତକୁ ଏଠାରୁ ବାହାର କରିବାକୁ ଏକ ପରୋକ୍ଷ ପ୍ରୟାସ। ଏହା ସେହି ଦେଶ ଦ୍ୱାରା କରାଯାଉଛି ଯାହାକୁ ଭାରତ କିଛି ଦଶନ୍ଧି ଧରି ଏକ ରଣନୈତିକ ସହଯୋଗୀ ବୋଲି ବିବେଚନା କରିଆସୁଛି।

ଭାରତ ସରକାରଙ୍କ ପ୍ରତିକ୍ରିୟା ସବୁବେଳେ ପରି ଉପରସ୍ତରର ଓ ସଂଯମ ଥିଲା। ଜାତୀୟ ସ୍ୱାର୍ଥ ସର୍ବୋପରି ବୋଲି କହି ସରକାର ପୁଣି ଥରେ ଆମେରିକା ନିକଟରେ ନିଜର ଆତ୍ମସମର୍ପଣକୁ ସୂଚାଇ ଦେଲେ। ଏହା କ'ଣ ଦେଶବାସୀଙ୍କୁ ଆତ୍ମନିର୍ଭରଶୀଳତା ବିଷୟରେ କଥାବାର୍ତ୍ତା କରୁଥିବା ସରକାର ? ଏହା କ'ଣ ସେହି ନେତୃତ୍ୱ ଯିଏ ଅନ୍ତର୍ଜାତୀୟ ମଞ୍ଚରେ ଭାରତକୁ ବିଶ୍ୱଗୁରୁ କରିବାର ସ୍ୱପ୍ନ ଦେଖନ୍ତି ? ଯେତେବେଳେ ଆମେରିକା ଭଳି ବନ୍ଧୁ ଖୋଲାଖୋଲି ଭାବରେ ଭାରତର ଆର୍ଥିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଏ, ସେତେବେଳେ କୂଟନୈତିକ ଶକ୍ତି ବଦଳରେ ନୀରବତା ଅବଲମ୍ବନ କରିବା ପରାଜୟର ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ପରାଜୟ କେବଳ ନୀତି ନୁହେଁ ବରଂ ଆତ୍ମସମ୍ମାନର ମଧ୍ୟ।

ବୋଧହୁଏ ଆମେରିକାର ଆପତ୍ତି ଅଭିଯୋଗ ମୁଖ୍ୟତଃ ଏହି କଥା ଉପରେ ଯେ ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣିଛି। ଅଶୋଧିତ ତେଲ କିଣିଛି। କିନ୍ତୁ ଭାରତ କେଉଁ ଦେଶରୁ ତା'ର ଶକ୍ତି ଓ ପ୍ରତିରକ୍ଷା ଆବଶ୍ୟକତା ପୂରଣ କରିବ ତାହା ନିଷ୍ପତ୍ତି ନେବାର ଅଧିକାର ଆମେରିକାର ଅଛି କି ? ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଏହା କ'ଣ ଭାରତର ସାର୍ବଭୌମତ୍ୱ ବିରୁଦ୍ଧରେ ହସ୍ତକ୍ଷେପ ନୁହେଁ ? କହିବାକୁ ଗଲେ ଆମେରିକା ନିଜେ ସାଉଦି ଆରବ ଭଳି ଦେଶରୁ ତେଲ କିଣୁଛି,



ଯେଉଁଠାରେ ମାନବାଧିକାର ପ୍ରାୟତଃ ନାହିଁ। ତେବେ ରୁଷ ସହିତ ଭାରତର ବାଣିଜ୍ୟକୁ ଟାର୍ଗେଟ କରିବାର ନୈତିକତା ଆମେରିକାର କେଉଁଠି ଅଛି? ଏହା ସ୍ପଷ୍ଟ କରେ ଯେ ଆମେରିକା ପାଇଁ, ନୈତିକତା ଓ ମୂଲ୍ୟବୋଧ କେବଳ ସେତେବେଳେ ଗୁରୁତ୍ୱପୂର୍ଣ୍ଣ ଯେତେବେଳେ ସେଗୁଡ଼ିକ ତା'ର ସ୍ୱାର୍ଥରେ ଅଛି।

ଏହି ପ୍ରସଙ୍ଗର ଅନ୍ୟ ପାର୍ଶ୍ୱ ଆହୁରି ଚିନ୍ତାଜନକ ହୋଇଛି। ଭାରତ ଆଜି ତାର ଶକ୍ତି ଆବଶ୍ୟକତା ପାଇଁ ରୁଷଠାରୁ ଶସ୍ତା ତେଲ କିଣୁଛି। ଆମେରିକା ଚାହୁଁଛି ଯେ ଭାରତ ନିଜ ସର୍ତ୍ତରେ ଇରାନ ଓ ରୁଷ ସହିତ ବାଣିଜ୍ୟ ବନ୍ଦ କରୁ ଏବଂ ତାର ତୈଳ କମ୍ପାନୀଗୁଡ଼ିକ ଠାରୁ ଅଶୋଧିତ ତେଲ କିଣୁ। କେବଳ ଏତିକି ନୁହେଁ, ଆମେରିକା ଚାହୁଁଛି ଯେ ଭାରତ ଆମେରିକୀୟ ଅସ୍ତ୍ରଶସ୍ତ୍ର କିଣିବ, ଆମେରିକୀୟ କୃଷି ଉତ୍ପାଦ କିଣିବ, ଆମେରିକୀୟ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବ କିନ୍ତୁ ବଦଳରେ ଆମେରିକାକୁ ତାର ଉତ୍ପାଦ ବିକ୍ରି କରିବ ନାହିଁ। ଏହା କ'ଣ ବନ୍ଧୁତାର ବଡ଼ ପଣ ? ନା ଏହା ଏକ ପ୍ରକାର ବାଣିଜ୍ୟ ଉପନିବେଶବାଦ ଯେଉଁଠାରେ ଏକ ଶକ୍ତିଶାଳୀ ଦେଶ ଅନ୍ୟ ଦେଶକୁ କେବଳ ଗ୍ରାହକ ଭାବରେ ରଖିବାକୁ ଚାହୁଁଛି ?

ଯେତେବେଳେ ବିଶ୍ୱ ବିଶ୍ୱ ଅସ୍ଥିରତା ଓ ମୁଦ୍ରାସ୍ଫୀତି ସହିତ ସଂଘର୍ଷ କରୁଛି, ସେହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ନିଷ୍ପତ୍ତି ଭାରତ ଭଳି ବିକାଶଶୀଳ ଦେଶ ଉପରେ ଅତିରିକ୍ତ ଆର୍ଥିକ ଚାପ ପକାଇଛି। ଭାରତ ପୂର୍ବରୁ ବେକାରୀ, ମୁଦ୍ରାସ୍ଫୀତି ଏବଂ ଶିଳ୍ପ ମାନ୍ଦାବସ୍ଥାର ଶିକାର ହେଉଛି। ଏବେ ଯଦି ଆମେରିକା ଭଳି ବଡ଼ ବାଣିଜ୍ୟିକ ଅଂଶୀଦାର ମଧ୍ୟ ଏପରି ବ୍ୟବହାର କରିବା ଆରମ୍ଭ କରନ୍ତି, ତେବେ ଭାରତର ଆର୍ଥିକ ଅବସ୍ଥା ଆହୁରି ଖରାପ ଆଡ଼କୁ ଗତି କରିବ। ଏହା ବିଶେଷ କରି ଭାରତର କ୍ଷୁଦ୍ର ଓଅଛ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ପହଞ୍ଚାଇ ଦେବ। ଯେଉଁମାନେ ପୂର୍ବରୁ ଆମେରିକା ଓ ୟୁରୋପୀୟ ବଜାରରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଏହା କେବଳ ବାଣିଜ୍ୟର ପ୍ରଶ୍ନ ନୁହେଁ, ବରଂ ଭାରତର ବୈଦେଶିକ ନୀତି, ଏହାର ପ୍ରତିଷ୍ଠା ଓ ସ୍ୱାବଲମ୍ବନର ଦାବିର ମଧ୍ୟ ବଡ଼ ପ୍ରଶ୍ନ। ଏହା ବାରମ୍ବାର ପ୍ରମାଣିତ ହେଉଛି ଯେ ଭାରତର ବୈଦେଶିକ ନୀତି କେବଳ ଆକର୍ଷଣୀୟ ସ୍ଲୋଗାନ ତଥା ଗଣମାଧ୍ୟମ-ବନ୍ଧୁତା ପର୍ଯ୍ୟନ୍ତ ସୀମିତ ଉଣା। ପ୍ରଧାନମନ୍ତ୍ରୀଙ୍କ 'ହାଦି ମୋଦି' ଭଳି ରାଲି ମାଧ୍ୟମରେ ଭାରତର ପ୍ରକୃତ ସହଯୋଗୀ ଭାବରେ ବର୍ଣ୍ଣନା କରାଯାଇଥିବା ଆମେରିକା ଆଜି ଭାରତକୁ ବାଣିଜ୍ୟ ଅପରାଧରେ ଜଳାଉଛି। ଭାରତ ପ୍ରତିବାଦରେ ଉପାୟ ଶୂନ୍ୟ ନୀରବ ରହିଛି।

ବାସ୍ତବରେ 'ବିଶ୍ୱଗୁରୁ' ହେବାର ସ୍ୱପ୍ନ ଦେଖୁଥିବା ଏକ ରାଷ୍ଟ୍ର କାହିଁକି ଅନ୍ତର୍ଜାତୀୟ ମଞ୍ଚରେ ନିଜର ସ୍ୱାର୍ଥକୁ ସୁରକ୍ଷା ଦେଉନାହିଁ ? ଯେତେବେଳେ ବି ଆମେରିକା ଭଳି ଦେଶ ଭାରତକୁ ଆର୍ଥିକ କିମ୍ବା କୂଟନୈତିକ ଆଘାତ ଦେଇଛି, ଭାରତ ନୀରବତା ଅବଲମ୍ବନ କରିଛି କିମ୍ବା ଅପେକ୍ଷା କର ନୀତି ଗ୍ରହଣ କରିଛି। ଏଭଳି ମାନସିକତା ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନୁହେଁ କି ଏହା ହୋଇପାରିବ ନାହିଁ। ଏଭଳି ଚରମ ମୁହୂର୍ତ୍ତରେ ଶବଭାରତକୁ ଏବେ ବିକଳ୍ପ ଖୋଜିବାକୁ ପଡିବ। ରୁଷ, ଚୀନ୍, ବ୍ରାଜିଲ୍ ଭଳି ଦେଶ ସହିତ ଆଞ୍ଚଳିକ ବାଣିଜ୍ୟ ଚୁକ୍ତିନାମା, ଇରାନ ସହିତ ତୈଳ ବାଣିଜ୍ୟର ପୁନରୁଦ୍ଧାର, ଆଫ୍ରିକା ଓ ଦକ୍ଷିଣ ଏସିଆରେ ବାଣିଜ୍ୟର ପ୍ରସାର, ଏହି ସମସ୍ତ ବିକଳ୍ପ ଉପଲବ୍ଧ। କିନ୍ତୁ ଏହା ସେତେବେଳେ ସମ୍ଭବ ଯେତେବେଳେ ଭାରତ ତାର କୂଟନୈତିକ ମେରୁଦଣ୍ଡକୁ ମଜବୁତ କରିବ ଓ ଆମେରିକା ଭଳି ଦେଶଗୁଡ଼ିକୁ ଏକ ବାର୍ତ୍ତା ପଠାଇପାରିବ ଯେ ଭାରତ ଏକ କଠୋର ରାଷ୍ଟ୍ର ନୁହେଁ।

ନିଷ୍କର୍ଷରେ କେବଳ ସୂଚନାଯୋଗ୍ୟ ଯେ ଏହି ବିକାଶ ଭାରତୀୟ ଜନତାଙ୍କୁ ସ୍ପଷ୍ଟ କରିଛି ଯେ ବିଶ୍ୱ ମଞ୍ଚରେ ଭାରତ ସହ ଆମେରିକାରର ବନ୍ଧୁତା ଏକ ମିଥ୍ୟା କଥା। ପ୍ରକୃତ ଶକ୍ତି ପରସ୍ପର ନିର୍ଭରଶୀଳତାରେ ନିହିତ, ଯାହା କେବଳ ଉତ୍ପାଦନ ସ୍ତରରେ ନୁହେଁ ବରଂ ବୈଦେଶିକ ନୀତି, କୂଟନୀତି ଓ ବିଶ୍ୱ ବାଣିଜ୍ୟ ନିଷ୍ପତ୍ତିରେ ମଧ୍ୟ ପ୍ରତିଫଳିତ ହେବା ଉଚିତ୍। ଯଦି ଭାରତ ପ୍ରକୃତରେ ଏକ ବିଶ୍ୱ ଶକ୍ତି ହେବାକୁ ଚାହୁଁଛି, ତେବେ ତାକୁ ଆମେରିକା ପରି ଶୁଳ୍କ ନୀତି ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ଦାମ୍ଭିକତାର ସହ ଠିଆ ହେବା ଶିଖିବାକୁ ପଡିବ। ଯଦି ଆମେ ଆଜି ଏହି ୨୫ ପ୍ରତିଶତ ଶୁଳ୍କକୁ ନୀରବ ସହମତିରେ ଗ୍ରହଣ କରୁ, ତେବେ ଏହା ୪୦ ପ୍ରତିଶତ କିମ୍ବା ୫୦ପ୍ରତିଶତ ହୋଇପାରେ। ଯାହା କି ସେତେବେଳକୁ ଆମର ପ୍ରତିକ୍ରିୟା ଦେବାର କ୍ଷମତା ମଧ୍ୟ ନ ଥାଇପାରେ। ତେଣୁ ଏବେ ଏହା ଏପରି ଏକ ସମୟ ଯେତେବେଳେ ଭାରତକୁ ଏକ ସ୍ପଷ୍ଟ ଓ ଦୃଢ଼ ସଙ୍କେତ ଦେବାକୁ ପଡିବ ଯେ ଏହା ତାର ନୀତି, ବାଣିଜ୍ୟ ଓ ସାର୍ବଭୌମତ୍ୱ କ୍ଷେତ୍ରରେ କାହାରି ଚାପରେ ଆସିବ ନାହିଁ। ଥରେ ମାତ୍ର ବିଚାର କରି ଦେଖନ୍ତୁ ସତରେ କଣ ବିଶ୍ୱରେ କୌଣସି ସ୍ଥାୟୀ ବନ୍ଧୁ ନାହାନ୍ତି, କେବଳ ସ୍ଥାୟୀ ସ୍ୱାର୍ଥ ଲୁଚି ରହିଛି ...!!!


**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪,**
**ମୋବାଇଲ୍: ୯୦୪୦୧୫୧୪୭୫**


## ଶିଶୁ ଭବନରେ ବ୍ରଙ୍କୋସ୍କୋପି ଚିକିତ୍ସା

# ମୃତ୍ୟୁ ମୁହଁରୁ ୯୧ ଶିଶୁଙ୍କ ଜୀବନ ଫେରିଛି

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



ପିଲାମାନଙ୍କ ଶ୍ୱାସନଳୀର ଶାରୀରିକ କ୍ଷେତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପିଲାଟିର ଶାରୀରିକ, ମାନସିକ ବୃଦ୍ଧିରେ କେବଳ ପ୍ରତିକୂଳ ପ୍ରଭାବ ପକାଇନଥାଏ ବରଂ ପିଲାଟି ପାଇଁ ଅତ୍ୟନ୍ତ ଘାତକ ଓ ଯନ୍ତ୍ରଣାଦାୟକ ପରିପାର୍ଶ୍ୱିକ ଓ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଥାଏ। ଏମିତିରେ କହିବା ପାଇଁ ଗଲେ ଅଧିକାଂଶ ପିଲାଙ୍କର ଶ୍ୱାସପଥ ପ୍ରବାହ ରହିଥାଏ ବା କେତେକ ପିଲାଙ୍କର ଜନ୍ମରୁ ଶ୍ୱାସପଥ ଦୁର୍ବଳ ଥିବାରୁ ଅଣନିଶ୍ୱାସୀ ପରିସ୍ଥିତି ସାମ୍ନା କରିଥାନ୍ତି। ସେହିପରି ଆଜିକା ସମୟରେ ପିଲାମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା କୁହାଯାଉଥିବା ବ୍ରଙ୍କୋସ୍କୋପି ଚିକିତ୍ସା କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁ ରୋଗ ସ୍ନାତକୋତ୍ତର ପ୍ରତିଷ୍ଠାନ ଶିଶୁ ଭବନରେ ଉପଲବ୍ଧ ହୋଇ ଏହି ଅତ୍ୟାଧୁନିକ ଓ ପିଲାମାନଙ୍କ ସଙ୍କଟାପନ୍ନ ଜୀବନକୁ ଫେରାଇ ପାରୁଥିବପା ବ୍ରଙ୍କୋସ୍କୋପି ସୁବିଧା ଅନେକ ଶିଶୁଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରୁଛି। ସାଧାରଣତଃ ଦେଖାଯାଏ ଶିଶୁମାନେ ଖେଳିବା ବେଳେ ଖେଳଣାରୁ ବାହାରୁଥିବା ଏଲଇଡ଼ି ବଲବ, ଫିରିକ କଣ୍ଟା, ମୁଦି, ହୁଇସିଲ, ଲକେଟ ଆଦି କଠିନ ପଦାର୍ଥ ସମେତ ବାଦାମ, କାଜୁ ଆଦି ବିଭିନ୍ନ ମଞ୍ଜି ଜାତୀୟ ଖାଦ୍ୟକୁ ପାଟିରେ ପୁରାଇବା ମାତ୍ରେ ତାହା ତଣ୍ଟି ଭିତର ଦେଇ ଶ୍ୱାସନଳୀରୁ ତଳକୁ ଖସିଯାଏ। ଏଥିରେ ଅତି ଛୋଟ ପିଲମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ଏପରିସ୍ଥିତିରେ ପିଲାଙ୍କୁ ଏହି ବିପଦପୂର୍ଣ୍ଣ ସ୍ଥିତିରୁ ରକ୍ଷା କରିବା ବହୁ କଷ୍ଟସାଧ ହୋଇଥାଏ। ତେବେ ଶିଶୁ ଭବନରେ ବ୍ରଙ୍କୋସ୍କୋପି ଦ୍ୱାରା ଜଟିଳ ସ୍ଥିତିରେ ଥିଠିବା




ଶିଶୁ ମାନଙ୍କ ଜୀବନ ବଞ୍ଚାଇବାରେ ବିଶେଷଜ୍ଞମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। କାହାର ଶ୍ୱାସନଳୀରୁ ଏଲଇଡ଼ି ବଲବ ତ ଆଉ କାହାର ଖୁଚୁରା ପଇସା, ଫିରିକି କଣ୍ଟି, ଆଲପିନ୍, ଲିଚୁ ଲାଇଟ ଆଦି ପଦାର୍ଥ ବ୍ରଙ୍କୋସ୍କୋପି ମାଧ୍ୟମରେ ବାହାର କରିବାରେ ସକ୍ଷମ ହୋଇଛି। ଗତବର୍ଷ ସେପ୍ଟେମ୍ବରରୁ ଅଦ୍ୟାବଧି ପ୍ରାୟ ୯୧ରୁ ଅଧିକ ସଙ୍କଟାପନ୍ନ ଅବସ୍ଥାରେ ଥିବା ଶିଶୁଙ୍କ ଜୀବନ ରକ୍ଷା କରାଯାଇ ପାରିଛି।

ଶିଶୁମାନେ କୌଣସି କଠିନ ଧାତୁ କିମ୍ବା ପଦାର୍ଥ ନାକ ଏବଂ ପାଟିରେ ପୂରେଇ ଦେଇଥାନ୍ତି। ଫଳରେ ତାହା ଶ୍ୱାସନଳୀ ଭିତରକୁ ସହଜରେ ଚାଲିଯାଇଥାଏ। ଏହା ପିଲାଟିର ଶ୍ୱାସ ନଳୀରେ ଅଟକି ଶ୍ୱାସରୁଦ୍ଧ ସହ ଫୁସଫୁସକୁ ବହୁଭାବେ କ୍ଷତିଗ୍ରସ୍ତ କରାଇଥାଏ। ଫଳରେ ଅନେକ କ୍ଷେତ୍ରରେ ଶିଶୁଙ୍କ ସଙ୍କଟାପନ୍ନ ଜୀବନ ଘାତକ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁ ହେବାର ଆଶଙ୍କା ଥାଏ। ତଣ୍ଟି ଓ ଛାତି ଏକ୍ସରେ ବା ସ୍କାନିଂରୁ ଶ୍ୱାସନଳୀରେ କୌଣସି ପଦାର୍ଥ ଥିବା ଜଣାପଡ଼ିଥାଏ। ତେଣୁ ବ୍ରଙ୍କୋସ୍କୋପି ପଦ୍ଧତିରେ ଫ୍ଲେକ୍ସିବୁଲ ଫାଇବର ଅପଟିକ୍ସ ଦ୍ୱାରା ଶ୍ୱାସନଳୀରେ ଥିବା ବାହ୍ୟ ବସ୍ତୁକୁ ଠିକ ଭାବେ ଠାବ କରାଯାଏ। ପରେ ନିର୍ଦ୍ଧାରିତ ପଦ୍ଧତି ଅନୁସରଣ କରି ଡର୍ମିଆ ବାସ୍କେଟ ଦ୍ୱାରା ସମ୍ପୃକ୍ତ ଶିଶୁ ଶ୍ୱାସନଳୀରେ ପଶି ରହିଥିବା ପଦାର୍ଥକୁ ବାହାର କରାଯାଇଥାଏ। ବିନା ଅସ୍ତ୍ରୋପଚାରରେ ଜଟିଳ ସ୍ଥିତିରେ ପିଲାର ଶ୍ୱାସନଳୀରେ ଥିବା ପଦାକୁ ବାହାର କରାଯାଇଥାଏ। ଏହି ଚିକିତ୍ସା କ୍ଷେତ୍ରରେ ଇଏନଟି ବିଶେଷଜ୍ଞ ଓ ନିଶ୍ଚେତକ ବିଶେଷଜ୍ଞଙ୍କ ସହାୟତା ମଧ୍ୟ ନିଆଯାଇଥାଏ। ଓଡ଼ିଶା ପାଇଁ ବଡ଼ଖୁସିର କଥା ଗତ ୧୦ ମାସରେ ଶିଶୁ ଭବନରେ ୯୧ରୁ ଅଧିକ ଶିଶୁଙ୍କୁ ବ୍ରଙ୍କୋସ୍କୋପି ଚିକିତ୍ସା ପଦ୍ଧତିରେ ଡାକ୍ତରମାନେ ମରଣ ମୁହଁରୁ ଉଦ୍ଧାର କରିବାରେ ସକ୍ଷମ ହୋଇପାରିଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାଧୁନିକ ବିନା ମୂଲ୍ୟରେ ପରୀକ୍ଷା, ଡାକ୍ତରୀ ପରାମର୍ଶ ଓ ଔଷଧ ପ୍ରଦାନ କରୁଛନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ପିଲାଟିର ଶ୍ୱାସନଳୀ ଭିତରକୁ ଚାଲିଯାଇଥିବା କୌଣସି ଜିନିଷକୁ ପ୍ରାୟତଃ ଅଭିଭାବକ ବା ତା ନିକଟ ସମ୍ପର୍କୀୟମାନେ ପ୍ରଥମେ ଦେଶୀୟ ଚିକିତ୍ସା ଆରମ୍ଭ କରିଥାନ୍ତି। ଅନ୍ୟମାନଙ୍କ କାନକୁହା କଥା ଶୁଣି ଏଣୁତେଣୁ ଚିକିତ୍ସା ଆରମ୍ଭ କରି ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲାବେଳକୁ ଯଥେଷ୍ଟ ବିଳମ୍ବ ହୋଇସାରିଥାଏ। ଯାହାଦ୍ୱାରା ଅନେକ କ୍ଷେତ୍ରରେ ପିଲାଟିର ଚିକିତ୍ସା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ ସ୍ଥଳବିଶେଷରେ ଅକାଳରେ ପିଲାଟିର ଜୀବନ ଦୀପ ନିର୍ବାପିତ ହୋଇଯାଏ। ତେଣୁ ଏପରି ସ୍ଥିତିରେ ସର୍ବପ୍ରଥମେ ଧୈର୍ଯ୍ୟହରା ନହୋଇ ପିଲାଟିକୁ ଆଶ୍ୱସ୍ତ ପ୍ରଦାନ କରି ତତକ୍ଷଣାତ୍ ନିକଟସ୍ଥ ଡାକ୍ତରଖାନା, ବଡ଼ ଡାକ୍ତରଖାନା କିମ୍ବା ଶିଶୁଭବନର ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**


# ପ୍ରାଚୀନ ଜାଭା ବା ଆଧୁନିକ ଇଣ୍ଡୋନେସିଆର କାକବିନ ରାମାୟଣ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପ୍ରାଚୀନ ଜାଭା ଭାଷାରେ ଓ କାକବିନ ଛନ୍ଦରେ ଲିଖିତ ସଂସ୍କୃତ ରାମାୟଣର ଆଉ ଏକ ସାହିତ୍ୟିକ ପରିପ୍ରକାଶ। ପ୍ରାଚୀନ ଜାଭା ବା ଆଧୁନିକ ଇଣ୍ଡୋନେସିଆରେ ପ୍ରାୟ ୮୭୦ ଖ୍ରୀଷ୍ଟାବ୍ଦ ସମୟରେ ମେଦାଙ୍ଗ ସାମ୍ରାଜ୍ୟର ରାଜା ମ୍ପୁ ସିଣ୍ଡୋକଙ୍କ ରାଜୁତି କାଳରେ ଏହାର ରଚନା ହୋଇଥିଲା ବୋଲି ଅନୁମାନ କରାଯାଏ। କାକବିନ ରାମାୟଣ ଏକ କାକବିନ ଯାହା କାବ୍ୟର ଜାଭା ରୂପ ଏବଂ ଏହି କବିତାବଳୀ ପାରମ୍ପରିକ ସଂସ୍କୃତ ଛନ୍ଦକୁ ଅନୁସରଣ କରି ରଚିତ। ଜାଭାରେ କାକବିନ ରାମାୟଣକୁ କଳାତ୍ମକ ପରିପ୍ରକାଶର ଉତ୍କୃଷ୍ଟ ଉଦାହରଣ ବୋଲି ବିବେଚନା କରାଯାଇଥାଏ। କାକବିନ ରାମାୟଣର ପୁରୁଣା ପାଣ୍ଡୁଲିପି ଓ ପୋଥିକୁ ଯେପରି ସଂରକ୍ଷିତ କରି ରଖାଯାଇଛି ସେଥିରୁ ଏହାର ଲୋକପ୍ରିୟତା ଓ ଆଦୃତି କେତେ ଅଧିକ ଥିଲା ତାହାର ସମ୍ୟକ ଧାରଣା ମିଳିଥାଏ। ଜାଭାର ହିନ୍ଦୁ-ବୌଦ୍ଧ ଯୁଗରେ ପ୍ରାଚୀନ ଜାଭା ଭାଷାରେ ଲିଖିତ ସମସ୍ତ କାକବିନ ମଧ୍ୟରୁ ଏହି ରାମାୟଣ ଦୀର୍ଘତମ। ମୂଳ ହିନ୍ଦୁ ଗ୍ରନ୍ଥଠାରୁ ଜାଭାର ରାମାୟଣରେ କିଛି ଭିନ୍ନତା ରହିଛି। ଏହି ଜାଭା ରାମାୟଣର ପ୍ରଥମାର୍ଦ୍ଧର ମୂଳ ସଂସ୍କୃତ କାବ୍ୟ ସହିତ ଅନେକ ସାମଞ୍ଜସ୍ୟ ରହିଛି। କିନ୍ତୁ ଶେଷାର୍ଦ୍ଧର ଅନେକ ଚରିତ୍ର ମୂଳ କାବ୍ୟଠାରୁ ଯଥେଷ୍ଟ ଭିନ୍ନ ଏବଂ ଭାରତୀୟ ରାମୟଣ ଶାସ୍ତ୍ରଜ୍ଞମାନେ ମଧ୍ୟ ଏହାକୁ ରାମାୟଣର ଅଂଶ ବୋଲି ଚିହ୍ନନ୍ତି ନାହିଁ। ଜାଭାର ପରମ୍ପରାରେ ସର୍ବଶକ୍ତିମାନ ଦେବ ସେମାର ଯିଏ ବାଲି ସାହିତ୍ୟର ତ୍ୱାଲେନ, ତାଙ୍କ ବିକୃତ ପୁତ୍ର ଗାରେଂଗ, ପେତ୍ରୁକ ଏବଂ ବାଗୋଂଗ ପ୍ରଭୃତି ଚରିତ୍ର ମୂଳ କଥାରୁ ଯଥେଷ୍ଟ ଅଲଗା। କାକବିନ ରାମାୟଣର ଏହି ଶେଷାର୍ଦ୍ଧ ଜାଭାରେ ଅତି ଲୋକପ୍ରିୟ ଏବଂ ସେମାନଙ୍କ ଅଧିକାଂଶ ୱାୟାଂଗ ନାଟକ ପ୍ରଦର୍ଶନରେ ଏହି ଅଂଶର ଅଭିନୟ କରାଯାଏ

କାକବିନ ରାମାୟଣର କାହାଣୀ ତଥା ସାରାଂଶ ରେ ଅଯୋଧାର ରାଜା ଦଶରତଙ୍କର ଚାରୋଟି ପୁତ୍ର ଥିଲେ ଯାହାଙ୍କ ନାମ ଥିଲା ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ। ଥରେ ଋଷି ବିଶ୍ୱାମିତ୍ର ତାଙ୍କ ଆଶ୍ରମକୁ ଆକ୍ରମଣ କରୁଥିବା ଏକ ରାକ୍ଷସକୁ ବିତାଡ଼ିତ କରିବା ପାଇଁ ଦଶରଥଙ୍କ ସାହାଯ୍ୟ ଲୋଡ଼ିଲେ। ରାମ ଓ ଲକ୍ଷ୍ମଣ ଏହି କାର୍ଯ୍ୟ ପାଇଁ ଋଷିଙ୍କ ଆଶ୍ରମକୁ ଗଲେ। ଆଶ୍ରମରେ ରାମ ଓ ଲକ୍ଷ୍ମଣ ରାକ୍ଷସମାନଙ୍କର ବିନାଶ କରିବା ପରେ ମିଥିଳା ଦେଶ ଅଭିମୁଖେ ଯାତ୍ରା କଲେ ଯେଉଁଠାରେ ଏକ ସ୍ୱୟମ୍ବର ଆୟୋଜିତ ହେଉଥିଲା। ଏହି ସ୍ୱୟମ୍ବରର ବିଜେତାଙ୍କ ବିବାହ ରାଜାଙ୍କ କନ୍ୟା ସୀନ୍ତା ଯିଏ ଆମ ରାମାୟଣରେ ସୀତା ନାମ ସହିତ ହେବାର ନିଶ୍ଚିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ଏକ ଧନୁ ଉଠାଇବାକୁ କୁହାଗଲା ଯାହା ସୀନ୍ତାଙ୍କ ଜନ୍ମ ସମୟରୁ ତାଙ୍କ ସାଥୀ ଥିଲା।




ରାମଙ୍କ ବ୍ୟତୀତ କେହି ଏହି ଧନୁକୁ ଉଠାଇବାରେ ସଫଳ ହୋଇନଥିଲେ। ରାମ ଓ ସୀନ୍ତା ଙ୍କୁ ବିବାହ କରି ଅଯୋଧା ଫେରି ଆସିଲେ। ଜ୍ୟେଷ୍ଠତମ ପୁତ୍ର ହୋଇଥିବାରୁ ଅଯୋଧାରେ ରାମଙ୍କ ରାଜ୍ୟାଭିଷେକର ପ୍ରସ୍ତୁତି ଚାଲିଲା। କିନ୍ତୁ ଦଶରଥଙ୍କ ଆଉ ଜଣେ ରାଣୀ କୈକେୟୀ ରାଜାଙ୍କୁ ଏକ ପୁରୁଣା ଶପଥ ମନେ ପକାଇ ନିଜ ପୁତ୍ର ଭରତଙ୍କ ରାଜ୍ୟାଭିଷେକ କରାଇବାକୁ ବାଧ କଲେ। ଦୁଃଖିତ ଦଶରଥ ଭରତଙ୍କୁ ରାଜା କରାଇଲେ। ରାମ, ସୀତା ଓ ଲକ୍ଷ୍ମଣଙ୍କୁ ରାଜ ପ୍ରାସାଦ ଛାଡ଼ିବାକୁ ପଡ଼ିଲା ଓ ଏହି ଦୁଃଖରେ ଦଶରଥ ପ୍ରାଣତ୍ୟାଗ କଲେ।

ନୂଆ ରାଜା ଭରତ ରାମଙ୍କ ଅନ୍ୱେଷଣରେ ବାହାରିଲେ। ରାମଙ୍କୁ ଅଯୋଧା ଫେରାଇ ନେବାକୁ ଓ ରାଜ ପଦରେ ବସାଇବାକୁ ସେ ଚେଷ୍ଟା କଲେ। କିନ୍ତୁ ରାମ ମନା କରି ଭରତଙ୍କୁ ନିଜର ପ୍ରତୀକ ସଦୃଶ ପାଦୁକାମାନ ପ୍ରଦାନ କଲେ। ଭରତ ପାଦୁକା ଧରି ଅଯୋଧା ଫେରି ଆସିଲେ। ରାମ, ସୀତା ଓ ଲକ୍ଷ୍ମଣ ବଣରେ ରହିବା ପାଇଁ ଚାଲିଗଲେ। ସେମାନଙ୍କ ବନବାସ ସମୟରେ ସୂର୍ପଣଖା ଯିଏ ଆମ ରାମାୟଣରେ ସୂର୍ପଣଖା ନାମକ ଏକ ରାକ୍ଷସୀ ଲକ୍ଷ୍ମଣଙ୍କ ପ୍ରେମରେ ପଡ଼ିଗଲେ ଓ ଏକ ସୁନ୍ଦର ସ୍ତ୍ରୀ ବେଶରେ ଲକ୍ଷ୍ମଣଙ୍କୁ ପ୍ରେମ ନିବେଦନ କଲେ। ଲକ୍ଷ୍ମଣ ତା'ଦ୍ୱାରା ଆକର୍ଷିତ ନ ହେବାରୁ ରାକ୍ଷସୀ ବଳ ପୂର୍ବକ ବିବାହ ନିବେଦନ କଲେ ଓ ଲକ୍ଷ୍ମଣ ତାଙ୍କର ନାସାଗ୍ର ଛେଦନ କଲେ। ରାକ୍ଷସୀ ରାଗରେ ନିଜ ଭାଇ ଲଙ୍କାର ରାକ୍ଷସ ରାଜା ରାବଣଙ୍କୁ ଜଣାଇଲେ ଏବଂ ତାଙ୍କ ଆଗରେ ସୀନ୍ତାଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ତାଙ୍କୁ ଅପହରଣ କରିବାକୁ ପ୍ରରୋଚିତ କଲେ। ଥରେ ସୀନ୍ତା ଏକ ସୁନ୍ଦର ହରିଣ ଦେଖି ରାମଙ୍କୁ ତାହା ଆଣିଦେବାକୁ କହିଲେ। ଲକ୍ଷ୍ମଣଙ୍କୁ ସୀତାଙ୍କ ସୁରକ୍ଷା ଦାୟିତ୍ୱ ଦେଇ ରାମ ହରିଣ ଧରିବାକୁ ବାହାରିଲେ। ରାମ ବହୁ ସମୟ ଧରି ନ ଫେରିବାରୁ ସୀତା ଲକ୍ଷ୍ମଣଙ୍କୁ ରାମଙ୍କୁ ଖୋଜିବା ପାଇଁ କହିଲେ। ଏହି ସମୟରେ ରାବଣ ସୀନ୍ତାଙ୍କ ଅପହରଣ କରି ତାଙ୍କୁ ଲଙ୍କା ନେଇ ଆସିଲେ। ରାମ ଓ ଲକ୍ଷ୍ମଣ ସୀତାଙ୍କୁ ଫେରି ପାଇବାକୁ ଚେଷ୍ଟା କଲେ। ସେମାନଙ୍କୁ ଏହି ଚେଷ୍ଟାରେ ବାନରମାନଙ୍କ ରାଜା ହନୁମାନଙ୍କ ସହାୟତା ମିଳିଲା। ଶେଷରେ ରାବଣଙ୍କୁ ବଧ କରି ରାମ ଓ ସୀନ୍ତା ଅଯୋଧା ଫେରିଲେ ଓ ରାମଙ୍କୁ ରାଜପଦରେ ଅଭିଷିକ୍ତ କରାଗଲା। ଏହି କାହାଣୀ ଆମ ଦେଶର ବାଲ୍ମିକୀ ଓ ତୁଳସୀ ରାମାୟଣ ସହିତ ପ୍ରାୟ ସମାନ। ସାହିତ୍ୟ ବିଦୂଷୀମାନେ ସଂସ୍କୃତ ଭାଷାରେ ରଚିତ ଏକ ପୁରାତନ କାବ୍ୟ ରାବଣବଧ କିମ୍ବା ଭଟ୍ଟିକାବ୍ୟକୁ କାକବିନ ରାମାୟଣର ଉତ୍ସ ବୋଲି ମତ ଦେଇଛନ୍ତି। ଭଟ୍ଟି କାବ୍ୟ ଭାରତର ଜଣେ ସଂସ୍କୃତ କବି ଭଟ୍ଟିଙ୍କଦ୍ୱାରା ଖ୍ରୀଷ୍ଟାବ୍ଦ ୬ଷ୍ଠ ରୁ ୭ମ ଶତାବ୍ଦୀ ମଧ୍ୟରେ ରଚନା କରାଯାଇଥିଲା। କାକବିନ ରାମାୟଣର ପ୍ରଥମାଂଶ ପ୍ରାୟ ଭଟ୍ଟିକାବ୍ୟ ପରି


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ଭାରତ ଭଲ ବାଣିଜ୍ୟ ସହଯୋଗୀ ନୁହେଁ: ଟ୍ରମ୍ପ

## ଭାରତ ଓ ରୁଷର କଡ଼ା ଜବାବ



ୱାଶିଂଟନ, ୫।୮: ଭାରତକୁ ପୁଣିଥରେ ନାଲି ଆଖି ଦେଖାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ରୁଷଠାରୁ ଭାରତ ଶସ୍ତାରେ ତେଲ କିଣି ନିଜର ଆବଶ୍ୟକତା ପୂରଣ କରୁଥିବାରୁ ଏହାକୁ ସହିପାରୁ ନାହାନ୍ତି ଟ୍ରମ୍ପ। ଏଥିପାଇଁ ପୁଣିଥରେ ଭାରତକୁ ଅତିରିକ୍ତ ଟାରିଫ ବୃଦ୍ଧିର ଧମକ ଦେଇଛନ୍ତି। ଭାରତ ଭଲ ବାଣିଜ୍ୟ ବା ବ୍ୟବସାୟିକ ସହଯୋଗୀ ନୁହେଁ ବୋଲି ଟ୍ରମ୍ପ ମତ ରଖିବା ସହ ୨୪ ଘଣ୍ଟା ମଧ୍ୟରେ ଶୁଳ୍କ ବୃଦ୍ଧି କରିବାର ଧମକ ଦେଇଛନ୍ତି। ସେପଟେ ରୁଷ ଏହାକୁ ତୀବ୍ର ସମାଲୋଚନା କରିଛି। କୌଣସି ସାର୍ବଭୌମ ରାଷ୍ଟ୍ରକୁ ଏଭଳି ଶୁଳ୍କବୃଦ୍ଧି ଧମକ ଦେଇ ତେଲ ବନ୍ଦ କରିବାକୁ ଚାପ ପକାଇବା ଆଇନ ଉଲ୍ଲଂଘନ କରୁଛି। ଏହା କେବେହେଲେ ବରଦାସ୍ତ କରାଯାଇପାରିବନି ବୋଲି ରୁଷ କହିଛି। ଭାରତ କହିଛି, ୟୁକ୍ରେନ ସହ ଯୁଦ୍ଧ ଆରମ୍ଭ ପରେ ଆମେରିକା କେମିତି ରୁଷ ଠାରୁ ତୈଳ ଆମଦାନୀ ଆରମ୍ଭ କରିବାକୁ ଚେଷ୍ଟା କରିଥିଲା, ସେକଥା ଭାରତ ସରକାର ମନେ ପକାଇ ଦେଇଛନ୍ତି। ଆମେରିକା ଓ ୟୁରୋପୀୟ ସଂଘ ରୁଷ୍ ସହ ଜାରି ରଖିଥିବା ବାଣିଜ୍ୟିକ ସମ୍ପର୍କ କଥା ଭାରତ ପକ୍ଷରୁ ସମସ୍ତଙ୍କୁ ଅବଗତ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୟୁରୋପ-ରୁଷିଆ ବାଣିଜ୍ୟ ସମ୍ପର୍କ କେବଳ ତୈଳ ଭଳି ଶକ୍ତିରେ ସୀମିତ ନୁହେଁ। ବରଂ ସାର, ଖଣି ଉତ୍ପାଦ, ରାସାୟନିକ ପଦାର୍ଥ, ଲୁହା, ଇସ୍ପାତ, ଯନ୍ତ୍ରପାତି ଓ ପରିବହନ ଉପକରଣ ମଧ୍ୟ ଅନ୍ତର୍ଭୁକ୍ତ। ଏପରି କି ପରମାଣୁ ଶିଳ୍ପ ପାଇଁ ୟୁରାନିୟମ ହେକ୍ସାଫ୍ଲୋରାଇଡ, ଇଭି ଶିଳ୍ପ ପାଇଁ ପାଲାଡିୟମ, ସାର ଓ ରାସାୟନିକ ପଦାର୍ଥ ମଧ୍ୟ ରୁଷରୁ ଆମଦାନୀ କରାଯାଉଛି।

ସିଏନବିସିକୁ ସାକ୍ଷାକାର ଦେଇ ଟ୍ରମ୍ପ କହିଛନ୍ତି, "ଭାରତ ଗୋଟିଏ ଭଲ ବାଣିଜ୍ୟ ସହଯୋଗୀ ନୁହେଁ। କାରଣ ସେମାନେ ଆମ ସହ ଅନେକ ବ୍ୟବସାୟ କରୁଛନ୍ତି। କିନ୍ତୁ ଆମେ ସେମାନଙ୍କ ସହ ବ୍ୟବସାୟ କରୁ ନାହୁଁ। ତେଣୁ ଆମେ ଭାରତ ଉପରେ ୨୫% ଟାରିଫ ଲାଗୁ କରିଥିଲୁ। କିନ୍ତୁ ମୁଁ ଭାବୁଛି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହାକୁ ବୃଦ୍ଧି କରାଯିବ। କାରଣ ସେମାନେ ରୁଷ ଠାରୁ ତେଲ କିଣିବା ଜାରି ରଖିଛନ୍ତି। ସେମାନେ ଯୁଦ୍ଧ ମେସିନରେ ତେଲ ଭର୍ତ୍ତି କରୁଛନ୍ତି।" ସୋମବାର ରାତିରେ ମଧ୍ୟ ଟ୍ରମ୍ପ ଭାରତକୁ ଟାରିଫ ଧମକ ଦେଇଥିଲେ। ସେ କହିଥିଲେ, "ଭାରତ କେବଳ ରୁଷ ଠାରୁ ବିପୁଳ ପରିମାଣର ତେଲ କିଣୁ ନାହିଁ, ବରଂ ଏହାକୁ ଖୋଲା ବଜାରରେ ବିକି ଲାଭ ପାଉଛି। ରୁଷର ଯୁଦ୍ଧାସ୍ତ୍ରରେ ୟୁକ୍ରେନରେ କେତେ ଲୋକ ମରୁଛନ୍ତି, ସେଥିପ୍ରତି ଭାରତର ନିଘା ନାହିଁ। ଏହି କାରଣ ପାଇଁ ଆମେରିକାକୁ ଭାରତ ଦେଉଥିବା ଟାରିଫକୁ ମୁଁ ବୃଦ୍ଧି କରିବି।"

# ସତ୍ୟପାଳ ମଲିକଙ୍କ ପରଲୋକ



ନୂଆଦିଲ୍ଲୀ, ୫।୮: ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ ଆଉ ନାହାନ୍ତି। ବୟସାଧିକ ଅସୁସ୍ଥତା ଓ କିଡ୍‌ନୀ ଜନିତ ସମସ୍ୟା କାରଣରୁ ସେ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଦିଲ୍ଲୀର ଆରଏଲଏମ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶ୍ରୀ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଆଜି ହଠାତ୍ ବିଗିଡ଼ି ଯାଇଥିଲା। ଏଥିପାଇଁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ସବୁ ପ୍ରକାରର ଚେଷ୍ଟା ସତ୍ତ୍ୱେ ସେ ସବୁ ଦିନ ପାଇଁ ଆଖି ବୁଜି ଦେଇଛନ୍ତି। ଦିନ ପ୍ରାୟ ୧ଟା ବେଳେ ତାଙ୍କର ଦେହାନ୍ତ ହୋଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି।

ଜମ୍ମୁ-କଶ୍ମୀର ରାଜ୍ୟର ଶେଷ ରାଜ୍ୟପାଳ ଭାବେ ଶ୍ରୀ ମଲିକ କାମ କରିଥିଲେ। ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ମାସ ଯାଏ ସେ ଏହି ପଦରେ ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହୋଇଥିଲା।

୨୦୧୯ ମସିହା ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଉପତ୍ୟକା ଠାରୁ ରାଜ୍ୟ ମାନ୍ୟତା ଛଡ଼ାଇ ନେଇଥିଲେ। ଏବେ ଜମ୍ମୁ-କଶ୍ମୀର ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ। ଏଠାରେ ରାଜ୍ୟପାଳ ବଦଳରେ ଉପ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ଆଜି ଜମ୍ମୁ-କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ ହେବା ଘଟଣାକୁ ୬ ବର୍ଷ ପୂରିଛି। ଆଜିର ଦିନରେ ଜମ୍ମୁ-କଶ୍ମୀର ରାଜ୍ୟର ଶେଷ ରାଜ୍ୟପାଳ ଶ୍ରୀ ମଲିକଙ୍କ ଦେହାନ୍ତ ହୋଇଛି। ଜମ୍ମୁ-କଶ୍ମୀର ପରେ ସତ୍ୟପାଳ ମଲିକଙ୍କୁ ଗୋଆ ଓ ଏହାପରେ ମେଘାଳୟର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ସେ ୨୦୨୨ ଅକ୍ଟୋବର ମାସ ଯାଏ ମେଘାଳୟର ରାଜ୍ୟପାଳ ଭାବେ କାମ କରିଥିଲେ। ୨୦୧୭ରେ ସେ କିଛି ମାସ ପାଇଁ ବିହାରର ରାଜ୍ୟପାଳ ଭାବେ ମଧ୍ୟ ନିଯୁକ୍ତ ହୋଇଥିଲେ। ଏହି ସମୟରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିଲା। ୨୦୧୮ ଅଗଷ୍ଟରେ ତାଙ୍କୁ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିଲା।

ଉତ୍ତର ପ୍ରଦେଶର ବାଘପଟର ଜାଟ ନେତା ଭାବେ ପରିଚିତ ଶ୍ରୀ ମଲିକଙ୍କ ରାଜନୀତିକ ଯାତ୍ରା ୧୯୭୦ ଦଶକୁ ଛାତ୍ର ଆନ୍ଦୋଳନରୁ ଆରମ୍ଭ ହୋଇଥିଲା। ୧୯୭୪ରେ ସେ ଚୌଧୁରୀ ଚରଣ ସିଂହଙ୍କ ଭାରତୀୟ କ୍ରାନ୍ତୀ ଦଳରୁ ପ୍ରଥମଥର ଭାଘପଟରୁ ଜିତି ଉତ୍ତର ପ୍ରଦେଶର ବିଧାନସଭାକୁ ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଲୋକ ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ୧୯୮୦ରୁ ୧୯୮୯ ଯାଏ ଉତ୍ତର ପ୍ରଦେଶରୁ ରାଜ୍ୟସଭାକୁ ଯାଇଥିଲେ। ରାଜ୍ୟସଭାରେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳ କଂଗ୍ରେସ ସାଂସଦ ଭାବେ ପୂରା ହୋଇଥିଲା। ଲୋକ ଦଳ ବଦଳରେ କଂଗ୍ରେସ ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲା।

ତେବେ ୧୯୮୭ରେ ବୋଫର୍ସ ସ୍କାମ ଦୁର୍ନୀତି ଅଭିଯୋଗରେ ପ୍ରବଳ ବିକ୍ଷୋଭ ହୋଇଥିଲା। ଏଥିପାଇଁ ସେ ରାଜ୍ୟସଭା ଓ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଏହାପରେ ସେ ଜନ ମୋର୍ଚ୍ଚା ନାଁରେ ନିଜସ୍ୱ ରାଜନୀତିକ ଦଳ ଗଠନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଶ୍ରୀ ମଲିକଙ୍କ ଦଳ ଜନତା ଦଳରେ ଲୀନ ହୋଇ ଯାଇଥିଲା। ଶ୍ରୀ ମଲିକ ୧୯୮୯ରେ ଜନତା ଦଳ ଟିକେଟରୁ ଆଲିଗଡ଼ ଲୋକସଭା ଆସନରୁ ବିଜୟୀ ଲୋକ ସଂସଦକୁ ଯାଇଥିଲେ।

୧୯୯୦ରେ ସେ କିଛି ମାସ ପାଇଁ କେନ୍ଦ୍ର ସଂସଦୀୟ ବ୍ୟାପର ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୪ରେ ସେ ବିଜେପିରେ ସାମିଲ ହୋଇ ବାଘପଟରୁ ଲୋକସଭା ନିର୍ବାଚନ ଲଢ଼ିଥିଲେ। କିନ୍ତୁ ତାଙ୍କୁ ଆରଏଲଡି ମୁଖ୍ୟ ଅଜିତ ସିଂହଙ୍କ ଠାରୁ ହାରିବାକୁ ପଡ଼ିଥିଲା। ନରେନ୍ଦ୍ର ମୋଦି ସରକାରର ପ୍ରଥମ ପାଳିରେ ଶ୍ରୀ ମଲିକ ଜମି ଅଧିଗ୍ରହଣ ବିଲର ଯାଞ୍ଚ ପାଇଁ ସଂସଦୀୟ କମିଟିର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱାଧୀନ କମିଟି ବିଲ ବିରୋଧୀ ମତ ଦେଇଥିଲା। ଏଥିପାଇଁ ପ୍ରସ୍ତାବିତ ବିଲକୁ ଉପସ୍ଥାପନ କରି ନଥିଲେ।

# ଶାହଙ୍କ ନୂଆ କୀର୍ତ୍ତିମାନ

## ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନୂଆ ରେକର୍ଡ



ନୂଆଦିଲ୍ଲୀ, ୫।୮: ରେକର୍ଡ ବୁକରେ ଅମିତ ଶାହଙ୍କ ନାଁ। ଅମିତ ଶାହ ହାସଲ କରିଛନ୍ତି ନୂଆ କୀର୍ତ୍ତିମାନ। ଦେଶର ଗୃହମନ୍ତ୍ରୀ ଭାବେ ସବୁଠାରୁ ଅଧିକ ସମୟ ଧରି କାର୍ଯ୍ୟ କରିବାର ରେକର୍ଡ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଯାଇଛି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ୨୨୫୮ ଦିନ ହେଲା କାର୍ଯ୍ୟ କରୁଛନ୍ତି। ୨୦୧୯ ମେ' ୩୦ରେ ସେ ପ୍ରଥମଥର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସେବେଠାରୁ ସେ ଏହି ପଦରେ ରହିଛନ୍ତି। ତାଙ୍କ ଠାରୁ ଅଧିକ ଦିନ ଦେଶର କୌଣସି ରାଜନେତା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରି ନାହାନ୍ତି। ପୂର୍ବରୁ ସର୍ବାଧିକ ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରିବାର ରେକର୍ଡ ବିଜେପି ଭେଟରାନ ଲାଲକୃଷ୍ଣ ଆଡଭାନୀଙ୍କ ନାଁରେ ଥିଲା। ଏବେ ଆଡଭାନୀଙ୍କୁ ପଛରେ ପକାଇ ଦେଇଛନ୍ତି ଅମିତ ଶାହ। ସବୁଠାରୁ କୌତୁହଳର ବିଷୟ ହେଲା, ଏହି କୀର୍ତ୍ତିମାନ ଅଗଷ୍ଟ ୫ରେ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ସମ୍ପର୍କରେ ଅମିତ ଶାହ ସଂସଦରେ ଘୋଷଣା କରିଥିଲେ। ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ମାନ୍ୟତା ହରାଇଥିଲା। ଆଜି ଏହାକୁ ୬ ବର୍ଷ ପୂରିଥିବା ବେଳେ ଅମିତ ଶାହ ମଧ୍ୟ ଆଜିର ଦିନରେ ସର୍ବାଧିକ ସମୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଅମିତ ଶାହଙ୍କ ପୂର୍ବରୁ ଦେଶରେ ଗୃହ ମନ୍ତ୍ରୀ ଭାବେ ୨ ଜଣ ସର୍ବାଧିକ ସମୟ ଧରି କାର୍ଯ୍ୟ କରିଥିଲେ। ଜଣେ ହେଲେ କଂଗ୍ରେସ ନେତା ଗୋବିନ୍ଦ ବଲ୍ଲଭ ପନ୍ତ ଓ ଆଉ ଜଣେ ହେଲେ ବିଜେପିର ଲାଲ କୃଷ୍ଣ ଆଡଭାନୀ।

ଆଡଭାନୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ୧୯୯୮ ମସିହା ମାର୍ଚ୍ଚ ୧୯ରୁ ୨୦୦୪ ମେ' ୨୨ ଯାଏ କାର୍ଯ୍ୟ କରିଥିଲେ। ଏହାର ଅର୍ଥ ସେ ୨୨୫୬ ଦିନ ଏହି ପଦରେ ରହିଥିଲେ। ଗୋବିନ୍ଦ ବଲ୍ଲଭ ପନ୍ତ ୬ ବର୍ଷ ୫୬ ଦିନ ଅର୍ଥାତ ୧୯୫୫ ମସିହା ଜାନୁଆରୀ ୧୦ରୁ ୧୯୬୧ ମସିହା ମାର୍ଚ୍ଚ ୭ ଯାଏ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରିଥିଲେ।

ଅମିତ ଶାହ ୨୦୧୯ ମସିହା ମେ' ୩୦ରେ ପ୍ରଥମଥର ଦେଶର ଗୃହ ମନ୍ତ୍ରୀ ହୋଇଥିଲେ। ଏହି ପଦରେ ସେ ୨୦୨୪ ଜୁନ ୯ ଯାଏ କାର୍ଯ୍ୟ କରିଥିଲେ। ଏହାପରେ ୨୦୨୪ ଜୁନ ୧୦ରେ ସେ ପୁଣି ଗୃହ ମନ୍ତ୍ରୀ ହୋଇଥିଲେ। ଏବେ ବି ସେ ଗୃହ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବ୍ୟତୀତ ଶ୍ରୀ ଶାହ ଦେଶର ପ୍ରଥମ କର୍ପୋରେସନ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ହେବା ଆଗରୁ ଅମିତ ଶାହ ଗୁଜରାଟର ଗୃହ ମନ୍ତ୍ରୀ ଓ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଧ୍ୟ ରହିଥିଲେ।

# ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ଅନିୟମିତତା

## ବହୁ ଅଫିସର ସସ୍‌ପେଣ୍ଡ

ନୂଆଦିଲ୍ଲୀ,୫।୮ : ପଶ୍ଚିମବଙ୍ଗ ଭୋଟର ତାଲିକାରେ ନାମ ସାମିଲ କରିବା ଦାୟିତ୍ୱ ଠିକ୍‌ରେ ତୁଲାଇ ନଥିବାରୁ ଅନେକ ଅଧିକାରୀଙ୍କୁ ନିଲମ୍ବିତ କରି ଦିଆଯାଇଛି। ଏହାସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ୨୯ ଜୁଲାଇରେ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ଏଥିରେ ଖୁଲାସା ହୋଇଛି ଯେ, ଦକ୍ଷିଣ ୨୪ ପରଗନାର ବରୁଇପୁର ପୂର୍ବ ଓ ପୂର୍ବ ମେଦିନିପୁରର ମୋଇନାରେ ଭୋଟର ତାଲିକାରେ ଭୁଲ୍ ଉପାୟରେ ନାମ ଯୋଡ଼ା ଯାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଓ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ କେବଳ ନିଜର କାମ ଠିକ୍‌ରେ କରୁ ନାହାନ୍ତି, ବରଂ ଡାଟା ସିକ୍ୟୁରିଟି ପଲିସିର ଉଲ୍ଲଙ୍ଘନ କରି ଲଗିନ୍ ଆଇଡି ମଧ୍ୟ ସେୟାର କରିଥିଲେ।

ଭାରତୀୟ ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇଛନ୍ତି ଏବଂ ପ୍ରତିନିଧି ଜନତା ଅଧିନିୟମ , ୧୯୫୦ର ଧାରା ୧୩ (ବି) ଓ ୧୩ (ସିସି) ଅନୁସାରେ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେଇଛନ୍ତି। ଦେବୋତ୍ତମ ଦତ୍ତ ଚୌଧୁରୀ , ତଥାଗତ ମଣ୍ଡଳ , ବିପ୍ଳବ ସରକାର ଓ ସୁଦିପ୍ତ ଦାସଙ୍କୁ ଦୋଷୀ କରାଯାଇଛି। କମିଶନ ଏହି ଅଧିକାରୀଙ୍କୁ ତତ୍କାଳ ପ୍ରଭାବରେ ନିଲମ୍ବିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଏବଂ ଫୌଜଦାରୀ ଅପରାଧ ପାଇଁ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ନିର୍ବାଚନ କମିଶନ ଡାଟା ଏଣ୍ଟ୍ରି ଅପରେଟର ସୁରୋଜିତ ହଲଦରଙ୍କ ବିରୋଧରେ ମଧ୍ୟ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଭୋଟର ତାଲିକାର ପ୍ରସ୍ତୁତି ଓ ସଂଶୋଧନରେ ଅବହେଳା ଓ ଡାଟା ସୁରକ୍ଷା ଉଲ୍ଲଙ୍ଘନର ଗମ୍ଭୀର ଅଭିଯୋଗ ପାଇଁ ନିଆଯାଇଛି। ଇସିଆଇ ଏହି ନିର୍ଦ୍ଦେଶର କଡ଼ାକଡ଼ା ଭାବେ ପାଳନ ସୁନିଶ୍ଚିତ କରିବା ଓ ଖୁବ୍ ଶୀଘ୍ର ରିପୋର୍ଟ ପଠାଇବାର ଆଦେଶ ଦେଇଛନ୍ତି। ଏହାକୁ ନେଇ କୁହାଯାଇଛି ଯେ, ଏହି ପଦକ୍ଷେପ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ନିଆଯାଇଛି।

# କାନାଡାରେ ଖଲିସ୍ଥାନୀ ଖୋଲିଲେ ନକଲି ଦୂତାବାସ

ସରେ,୫।୮: କାନାଡାରେ ଖଲିସ୍ତାନୀମାନଙ୍କ ଏକ ବଡ଼ ଷଡ଼ଯନ୍ତ୍ର ସାମ୍ନାକୁ ଆସିଛି। କାନାଡାର ସରେରେ ଖଲିସ୍ତାନୀମାନେ ତଥାକଥିତ ରିପବ୍ଲିକ୍ ଅଫ୍ ଖଲିସ୍ତାନର ଏକ ଦୂତାବାସ ସ୍ଥାପନ କରିଛନ୍ତି। ନକଲି ଦୂତାବାସର ଖବର ଆସିବା ମାତ୍ରେ ଭାରତର ତଦନ୍ତ ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି। ଏହି ଘଟଣା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କକୁ ସୁଧାରିବା ପାଇଁ ପ୍ରୟାସ କରାଯାଉଛି। ଭାରତୀୟ ଏଜେନ୍ସିଗୁଡ଼ିକ ସରେରେ ଖଲିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି। ସେଠାରୁ ଆସିଥିବା ରିପୋର୍ଟରେ କୁହାଯାଇଛି ଯେ, ହରଦୀପ ସିଂହ ନିଜ୍ଜରର ସମର୍ଥନରେ ସରେରେ ଏହି ଦୂତାବାସ ସ୍ଥାପନ କରାଯାଇଛି। ଭାରତ ଦ୍ୱାରା ନିଜ୍ଜରକୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା। ସରେରେ ଖୋଲାଯାଇଥିବା ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରର ପୋଷ୍ଟର ଲାଗିଛି। କେବଳ ଏତିକି ନୁହେଁ, କାନାଡାର ଖାଲିସ୍ତାନି ସଂଗଠନ ଏସଏଫଜେ (ଶିଖ ଫର୍ ଜଷ୍ଟିସ୍) ଆଗାମୀ ଦିନରେ ଆଉ ଏକ କଥିତ ଶିଖ ଜନମତ ସଂଗ୍ରହ କରିବାକୁ ଘୋଷଣା କରିଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଭୟ କରୁଛନ୍ତି ଯେ, ଏହା କେବଳ ଭାରତ ବିରୋଧୀ ଭାବନାକୁ ଉସୁକାଇ ନାହିଁ, ବରଂ ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବା ପାଇଁ ବିଦେଶୀ ଭୂମିକୁ ମଧ୍ୟ ବ୍ୟବହାର କରାଯାଉଛି।

# ପରିବାରର ସମ୍ମତି ବିନା ପ୍ରେମ ବିବାହ ମନା

ଚଣ୍ଡୀଗଡ଼,୫।୮: ପଞ୍ଜାବ ମୋହାଲି ମାନକପୁର ସରିଫ୍ ଗ୍ରାମ ପଞ୍ଚାୟତ। ଚଣ୍ଡିଗଡ଼ରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ। ଗାଁରେ ପାସ୍ ହୋଇଛି ପ୍ରେମ ବିବାହକୁ ନିଷିଦ୍ଧ ପ୍ରସ୍ତାବ। ଜୁଲାଇ ୩୧ ତାରିଖରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି ନିଷ୍ପତ୍ତି। ପ୍ରସ୍ତାବରେ ରହିଛି ପରିବାରର ଅନୁମୋଦନ ବିନା ବିବାହ ମନା। ଏମିତିକି ଦମ୍ପତିମାନଙ୍କୁ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ରହିବାକୁ ବି ନିଷେଧ କରାଯାଇଛି। ଯଦି କେହି ନିୟମ ନମାନିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ତେବେ ଏହା କୌଣସି ଦଣ୍ଡ ନୁହେଁ, ବରଂ ଆମର ପରମ୍ପରା ଓ ମୂଲ୍ୟବୋଧର ସୁରକ୍ଷା। ପ୍ରତିରୋଧକ ପଦକ୍ଷେପ ବୋଲି କହିଛନ୍ତି ସରପଞ୍ଚ ଦଲବୀର ସିଂହ। ସଂକଳ୍ପ ଜାରି ହେବା ପଛରେ ବି ରହିଛି କାରଣ। ସାମ୍ପ୍ରତିକ ଘଟଣା ପରେ ଆକ୍ସନ ମୁଡ୍‌କୁ ଆସିଛନ୍ତି ଗାଁ ଲୋକେ। ସରପଞ୍ଚଙ୍କ କହିବା କଥା ୨୬ ବର୍ଷୀୟ ଯୁବକ ଦବିନ୍ଦର, ୨୪ ବର୍ଷୀୟ ଭାଣିଜୀ ବେବିଙ୍କୁ କରିଥିଲେ ବିବାହ। ଘଟଣା ପରଠୁ ଗାଁ ଛାଡିସାରିଛନ୍ତି ଦମ୍ପତି। ତଥାପି ଘଟଣାର ପ୍ରଭାବ ୨୦୦୦ ଗ୍ରାମବାସୀଙ୍କ ଉପରେ ପଡ଼ିଛି। ଯଦିଓ ଆମେ ପ୍ରେମ ବିବାହ ବା ଆଇନ ବିରୋଧରେ ନାହୁଁ। ତଥାପି ଆମ ପଞ୍ଚାୟତରେ ଏସବୁକୁ ଅନୁମତି ଦେଉନାହୁଁ। ସଂକଳ୍ପ ଅନୁଯାୟୀ, ଏପରି ବିବାହକୁ ରୋକିବା ସମଗ୍ର ସମ୍ପ୍ରଦାୟର ଦାୟିତ୍ୱ। ପଞ୍ଚାୟତ ମଧ୍ୟ ପଡ଼ୋଶୀ ଗ୍ରାମଗୁଡ଼ିକୁ ସମାନ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛି। ସ୍ଥାନୀୟ ଯୁବକ ଓ ଗ୍ରାମବାସୀମାନେ ସରପଞ୍ଚଙ୍କ ଏହି ନିଷ୍ପତ୍ତିକୁ ଜଣାଇଛନ୍ତି ସମର୍ଥନ।



ଆଉ ପ୍ରସ୍ତାବ ପାସ୍ ପରେ ଆରମ୍ଭ ହୋଇଛି ରାଜନୀତି। ଖାସ୍ କରି ରାଜନେତା ଏବଂ ମାନବାଧିକାର କର୍ମୀ କରିଛନ୍ତି ତୀବ୍ର ସମାଲୋଚନା। ପଟିଆଲାର କଂଗ୍ରେସ ସାଂସଦ ଧରମବୀରା ଗାନ୍ଧୀ ପ୍ରସ୍ତାବକୁ କରିଛନ୍ତି ନିନ୍ଦା। ଯାହାକୁ ସେ ତାଲିବାନୀ ଶାସନର ଆଖ୍ୟା ଦେଇଛନ୍ତି। ତାଙ୍କ କହିବା କଥା ନିଜର ଜୀବନସାଥୀ ବାଛିବାର ସ୍ୱାଧୀନତା ପ୍ରତ୍ୟେକ ବୟସ୍କଙ୍କ ମୌଳିକ ଅଧିକାର।

ସେହପରି ପଞ୍ଜାବ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ରାଜ ଲାଲି ଗିଲ୍ ଏହି ପ୍ରସ୍ତାବକୁ ଅସାମ୍ବିଧାନିକ ବୋଲି କହିଛନ୍ତି। ତାଙ୍କ କହିବା କଥା ଏହା ଅସାମ୍ବିଧାନିକ ଏବଂ ଏପରି ପଞ୍ଚାୟତର ନିଷ୍ପତ୍ତିର କୌଣସି ଅର୍ଥ ନାହିଁ। ଆମେ ଏହା ଉପରେ ବିଚାର କରିବୁ। ଆମେ ଏହା ବିରୁଦ୍ଧରେ କୌଣସି ଅଭିଯୋଗ ପାଇନାହୁଁ ବୋଲି ସେ କହିଛନ୍ତି। ସେପଟେ ଗାଁରେ ପ୍ରସ୍ତାବ ଗୃହୀତ ହେବା ପରେ, ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ବିବାଦୀୟ ଦମ୍ପତି। ଉଭୟ କହିଛନ୍ତି ସେମାନେ ନିଜ ଇଚ୍ଛାରେ ବିବାହ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ନିଷ୍ପତ୍ତିକୁ ତୀବ୍ର ସମାଲୋଚନା ବି କରିଛନ୍ତି।

# ଦଳାଚକଟାରେ ୨ ମୃତ

ଭୋପାଳ, ୫।୮: ମଧ୍ୟପ୍ରଦେଶ ସିହୋର ଜିଲ୍ଲାର କୁବେରେଶ୍ୱର ଧାମରେ ଦଳାଚକଟା। ଦଳାଚକଟା ଯୋଗୁଁ ୨ ଜଣ ମହିଳାଙ୍କ ଜୀବନ ଚାଲିଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ ହସପିଟାଲକୁ ପଠାଇଛି। କୁବେରେଶ୍ୱର ଧାମରେ ଶ୍ରାବଣ ମାତ୍ରରେ କାଉଡିଆ ପାଇଁ ଅଧିକ ଭିଡ଼ ଜମିଥିଲା। ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ହଠାତ୍ ଠେଲାପେଲା ହୋଇଥିଲେ। ଫଳରେ ଏଠାରେ ଥିବା ୨ ଜଣ ମହିଳା ତଳେ ପଡିଯାଇଥିଲେ। ଦଳାଚକଟା ଯୋଗୁଁ ୨ ଜଣ ମହିଳାଙ୍କ ଜୀବନ ଚାଲିଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଆହତଙ୍କୁ ହସପିଟାଲ ପଠାଯାଇଛି। ଦଳାଚକଟା ଖବର ପାଇବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଛି। ତେବେ ଦଳାଚକଟା କେମିତି ହେଲା ତାହାର କାରଣ ଖୋଜାଚାଲିଛି। ତେବେ ପ୍ରଶାସନ ଲୋକଙ୍କୁ ଧୈର୍ଯ୍ୟ ଏବଂ ସହଯୋଗ ପାଇଁ ଅପିଲ୍ କରିଛି। ଟ୍ରାଫିକ ଡାଇଭର୍ସନ କରାଯାଇଛି।

ସୂଚନାଯୋଗ୍ୟ, କୁବେରେଶ୍ୱର ଧାମରେ ପୂର୍ବରୁ ଏଭଳି ଘଟଣା ହୋଇଛି। ୨୦୨୩ରେ ରୁଦ୍ରାକ୍ଷ ବିତରଣ ସମୟରେ ଦଳାଚକଟା ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଥିଲା। ଏହାପରେ ବଢୁଥିବା ଭିଡ଼ ଦେଖି ରୁଦ୍ରାକ୍ଷ ମହୋତ୍ସବକୁ ବନ୍ଦ କରାଯାଇଥିଲା।

# ବଦଳିଲା ଇସ୍ରାଏଲର ମାନଚିତ୍ର

## ୩ ଦେଶର ୪୨୦ କିମି କବଜା କଲେ ନେତାନ୍ୟାହୁ

ଜେରୁଜେଲମ, ୫।୮: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଷ୍ଟ୍ରିପକୁ ସମ୍ପୂର୍ଣ୍ଣ ଦଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଗୋଟିଏ ବର୍ଷ ମଧ୍ୟରେ ଇସ୍ରାଏଲ ସିରିଆ, ଲେବାନନ୍ ଏବଂ ପାଲେଷ୍ଟାଇନରେ ମୋଟ ୪୨୦ କିଲୋମିଟର ଜମି ଉପରେ ବାସ୍ତବ ନିୟନ୍ତ୍ରଣ ସ୍ଥାପନ କରାଯାଇଛି। ପ୍ରକୃତରେ, ନେତାନ୍ୟାହୁ ଇଜିପ୍ଟ ସୀମା ପର୍ଯ୍ୟନ୍ତ ଗାଜା ଷ୍ଟ୍ରିପର ସମ୍ପୂର୍ଣ୍ଣ ସାମରିକ ଦଖଲକୁ ଅନୁମୋଦନ କରିଛନ୍ତି। ସେହିପରି ଲେବାନନ ସୀମା ଭିତରେ ୫ କିଲୋମିଟର ପର୍ଯ୍ୟନ୍ତ ଅନୁପ୍ରବେଶ କରିଛି। ହେଜବୁଲ୍ଲା ବିରୋଧରେ ଅଭିଯାନର ଅଂଶ ସ୍ୱରୂପ, ଇସ୍ରାଏଲ ଲେବାନନର ସୀମା ଭିତରେ ୫ କିଲୋମିଟର ପର୍ଯ୍ୟନ୍ତ ଏକ ଅଞ୍ଚଳକୁ ନିୟନ୍ତ୍ରଣ କରିଛି। ଇସ୍ରାଏଲୀ ସୈନ୍ୟ ଏଠାରେ ଉପସ୍ଥିତ ଅଛନ୍ତି ଏବଂ ଏହି ଅଞ୍ଚଳରେ ସାଧାରଣ ଲୋକଙ୍କ ଗତିବିଧି ମଧ୍ୟ ପ୍ରଭାବିତ ହୋଇଛି। ଇସ୍ରାଏଲ ଏହାକୁ ଏକ ପ୍ରତିରକ୍ଷାମୂଳକ କାର୍ଯ୍ୟାନୁଷ୍ଠାନ ବୋଲି କହୁଛି, କିନ୍ତୁ ଲେବାନନ ଏହାକୁ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି ଅଭିଯୋଗ କରିଛି। ଇସ୍ରାଏଲ ପାଲେଷ୍ଟାଇନର ୧୨ କିଲୋମିଟର ମଧ୍ୟ ଦଖଲ କରିଛି। ଏଥିରେ ୱେଷ୍ଟ ବ୍ୟାଙ୍କର ଅନେକ ଗ୍ରାମ ଏବଂ ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଏହି ସମ୍ପୂର୍ଣ୍ଣ ବିସ୍ତାର ସମୟରେ, ଇସ୍ରାଏଲ ପାଲେଷ୍ଟାଇନୀ ଜନସଂଖ୍ୟାକୁ କମାଇ ଦେଇଛି। ଅପରପକ୍ଷରେ ଏହି ଅଞ୍ଚଳରେ ନୂତନ ଇହୁଦୀ ବସତି ନିର୍ମାଣର ଗତି ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ଇସ୍ରାଏଲର ନଜର ଗାଜା ଉପରେ ରହିଛି। ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସାମରିକ ଚାପ ପ୍ରାୟ ୪୧ କିଲୋମିଟର ଲମ୍ବା ଗାଜା ଷ୍ଟ୍ରିପ୍ ଉପରେ ରହିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୨୦୨୩ରେ ଆରମ୍ଭ ହୋଇଥିବା ଗାଜା ଯୁଦ୍ଧ ପୂର୍ବରୁ ଇସ୍ରାଏଲର କ୍ଷେତ୍ରଫଳ ପ୍ରାୟ ୨୨,୦୦୦ ବର୍ଗ କିଲୋମିଟର ଥିଲା। କିନ୍ତୁ ଯଦି ଆମେ ସାମ୍ପ୍ରତିକସାମରିକଅଭିଯାନଏବଂପ୍ରକୃତନିୟନ୍ତ୍ରଣାଧୀନଅଞ୍ଚଳଗୁଡ଼ିକୁଯୋଡିବା,ତେବେ ଇସ୍ରାଏଲ ଅତି କମରେ ୪୨୦ କିଲୋମିଟର ନୂତନ ଅଞ୍ଚଳକୁ ନିଜର ଦଖଲକୁ ନେଇଛି। ଯଦିଓ ଏହି ଦଖଲ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ନୁହେଁ, କିନ୍ତୁ ବାସ୍ତବତା ହେଉଛି ଯେ, ଇସ୍ରାଏଲୀ ସେନା ଏହି ଅଞ୍ଚଳଗୁଡ଼ିକରେ ଏକ ଦୃଢ଼ ଉପସ୍ଥିତି ବଜାୟ ରଖିଛନ୍ତି।

## ଆମେରିକାର ପାକିସ୍ତାନ ପ୍ରେମ

# ଗୁମର ଖୋଲିଲା ଭାରତୀୟ ସେନା




ନୂଆଦିଲ୍ଲୀ, ୫।୮: ମଙ୍ଗଳବାର ଭାରତୀୟ ସେନା ୧୯୭୧ ମସିହାର ଗୋଟିଏ ପେପର କଟିଂକୁ ସୋଶାଲ ମିଡିଆରେ ପୋଷ୍ଟ କରି ଆମେରିକାକୁ କଟାକ୍ଷ କରିଛି। ଆମେରିକା ଓ ଭାରତ ମଧ୍ୟରେ କୂଟନୀତିକ ସମ୍ପର୍କ ବିଗିଡ଼ିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଧମକ ପରେ ଭାରତ ସରକାର ଏହାର ଉପଯୁକ୍ତ ଜବାବ ଦେଇଥିଲେ। ରୁଷ ଠାରୁ ଭାରତ ତେଲ କିଣୁଥିବାରୁ ଟ୍ରମ୍ପ ବାରମ୍ବାର ନୂଆଦିଲ୍ଲୀକୁ ଧମକ ଦେଇ ଚାଲିଛନ୍ତି।

ସୋମବାର ରାତିରେ ଭାରତ ସରକାର ଆମେରିକା ଓ ୟୁରୋପୀୟ ୟୁନିୟନର ଦୋମୁହାଁ ନୀତିର ପର୍ଦ୍ଦାଫାସ କରିଥିଲେ। ଭାରତକୁ ରୁଷ ସହ ବ୍ୟବସାୟ କରିବାକୁ ବାରଣ କରୁଥିବା ଆମେରିକା ଓ ୟୁରୋପୀୟ ୟୁନିୟନ ଏବେ ବି ମସ୍କୋ ସହ ବାଣିଜ୍ୟ କାରବାର ଜାରି ରଖିଥିବା ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା।

ମଙ୍ଗଳବାର ଭାରତୀୟ ସେନା ୧୯୭୧ ମସିହାର ଗୋଟିଏ ପେପର କଟିଂକୁ ସୋଶାଲ ମିଡିଆରେ ପୋଷ୍ଟ କରି ଆମେରିକାକୁ କଟାକ୍ଷ କରିଛି। ଆମେରିକା ଦୀର୍ଘ ଦଶନ୍ଧି ଧରି କେମିତି ଭାରତ ବିରୋଧରେ ଯାଇ ପାକିସ୍ତାନକୁ ସମର୍ଥନ କରି ଆସୁଛି, ସେକଥା ଭାରତୀୟ ସେନା ନିଜର ପୋଷ୍ଟ ମାଧ୍ୟମରେ ପୂରା ବିଶ୍ୱକୁ ଜଣାଇଛି।

ସୋମବାର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ରୁଷ ଠାରୁ ତେଲ କିଣୁଥିବା ଭାରତକୁ ଟାରିଫ ଧମକ ଦେଇଥିଲେ। ଭାରତୀୟ ଦ୍ରବ୍ୟ ଉପରେ ଆମେରିକା ଅଧିକ ପରିମାଣର ଟାରିଫ ଲଗାଇବ ବୋଲି ସେ କହିବାର ଦିନକ ପରେ ଭାରତୀୟ ସେନାର ପୋଷ୍ଟ ସାମ୍ନାକୁ ଆସିଛି। ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ ଶେୟାର କରାଯାଇଥିବା ପୋଷ୍ଟଟି ୧୯୭୧ ମସିହା ଅଗଷ୍ଟ ୫ ତାରିଖର। ଆମେରିକା କେମିତି ଦୀର୍ଘ ଦଶନ୍ଧି ଧରି ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଛି, ସେକଥା ଏଥିରେ ଉଲ୍ଲେଖ ରହିଛି। ଏପରି ଯୋଗାଣ କରି ପାକିସ୍ତାନକୁ ୧୯୭୧ ମସିହା ଯୁଦ୍ଧ ପାଇଁ ଆମେରିକା ପ୍ରସ୍ତୁତ କରିଥିଲା ବୋଲି ଭାରତୀୟ ସେନା କହିଛି। ସେନା ଉକ୍ତ କ୍ଲିପ ସହ ଲେଖିଛି ଯେ "ଏହି ଦିନ, ସେହି ବର୍ଷ ଯୁଦ୍ଧ ପାଇଁ ପ୍ରସ୍ତୁତି କରିବା- ଅଗଷ୍ଟ ୫, ୧୯୭୧।" ଖବରକାଗଜ କ୍ଲିପରେ ଉଲ୍ଲେଖ ରହିଛି ଯେ, ବାଂଲାଦେଶରେ ଇସଲାମାବାଦର ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ ସମୟରେ ନାଟୋ ରାଷ୍ଟ୍ର ଓ ସୋଭିଏତ ୟୁନିୟନକୁ ପାକିସ୍ତାନ କେମିତି ଅସ୍ତ୍ରଶସ୍ତ୍ର ପାଇବା ପାଇଁ ଯୋଗାଯୋଗ କରିଥିଲା, ସେକଥା ତତ୍କାଳୀନ ପ୍ରତିରକ୍ଷା ଉତ୍ପାଦନ ମନ୍ତ୍ରୀ ଭିସି ଶୁକ୍ଳା ରାଜ୍ୟସଭାକୁ ଅବଗତ କରାଇଥିଲେ। ସୋଭିଏତ ୟୁନିୟନ ଓ ଫ୍ରାନ୍ସ ସରକାରଙ୍କ ପକ୍ଷରୁ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ମନା କରି ଦିଆଯାଇଥିଲା। କିନ୍ତୁ ଆମେରିକା ସହାୟତାର ହାତ ବଢ଼ାଇଥିବା ଏଥିରେ ଉଲ୍ଲେଖ ରହିଛି। ଏଥିରରେ ଆହୁରି କୁହାଯାଇଛି ଯେ, ଆମେରିକା ଓ ଚାଇନା ବହୁତ କମ ଦାମରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ। ଏହି ଦୁଇ ଦେଶ ପକ୍ଷରୁ ମିଳିଥିବା ଅସ୍ତ୍ରଶସ୍ତ୍ର ଦ୍ୱାରା ପାକିସ୍ତାନ ୧୯୭୧ରେ ଭାରତ ସହ ଯୁଦ୍ଧ କରିଥିଲା। ୧୯୫୪ରୁ ୧୯୭୧ ମଧ୍ୟରେ ଆମେରିକା ପକ୍ଷରୁ ପାକିସ୍ତାନକୁ ୨ ବିଲିୟନ ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର ଯୋଗାଇ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା।

ଆମେରିକା ଏବେ ବି ଭାରତ ବିରୋଧରେ ଯାଇ ପାକିସ୍ତାନକୁ ଟାରିଫରେ କୋହଳ ମନୋଭାବ ପୋଷଣ କରିଛି। ଆମେରିକା ବ୍ୟବସାୟକୁ ଫାଇଦା ଦେବା ପାଇଁ ଟ୍ରମ୍ପ ଅଗଷ୍ଟ ୧ରେ ଏକାଧିକ ରାଷ୍ଟ୍ର ଉପରେ ବର୍ଦ୍ଧିତ ଟାରିଫ ଲାଗୁ କରିଥିଲେ। କିନ୍ତୁ ପାକିସ୍ତାନ ଉପରେ ଲାଗୁ ହେଉଥିବା ଟାରିଫକୁ ୨୯%ରୁ ୧୯%କୁ ହ୍ରାସ କରି ଦେଇଥିଲେ। ଭାରତ ଉପରେ ୨୫% ଟାରିଫ ଲାଗୁ କରିବା ସହ ରୁଷ ସହ ବ୍ୟବସାୟ କରୁଥିବାରୁ ଅତିରିକ୍ତ ଜରିମାନା ଲଗାଇବାକୁ ଟ୍ରମ୍ପ ପଛାଇ ନଥିଲେ। ଟ୍ରମ୍ପଙ୍କ ଟାରିଫ ଝଟକାରେ ଭାରତ କୌଣସି ପ୍ରତିକ୍ରିୟା ଦେଇ ନଥିଲା। ସୋମବାର ଟ୍ରମ୍ପ ପୁଣି ଟାରିଫ ବୃଦ୍ଧିର ଧମକ ଦେବାରୁ ପ୍ରଥମେ ସରକାର ଓ ଏବେ ଭାରତୀୟ ସେନା ଆମେରିକାକୁ ଆଇନ ଦେଖାଇଛନ୍ତି।

# ଭାରତୀୟ ହକି ଦଳରେ ଓଡ଼ିଶାରୁ ୩

**ଭୁବନେଶ୍ୱର, ୫।୮ (ସଂଚାର ବ୍ୟୁରୋ):** ହକି ଇଣ୍ଡିଆ ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଲାଗି ସୋମବାର ୨୪ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ଓଡ଼ିଶାରୁ ୩ ଜଣ ଅମିତ ରୋହିଦାସ, ନୀଲମ ସଂଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱଭାର ପୂର୍ବପରି ହର୍ମନପ୍ରୀତ ସିଂହଙ୍କ ହାତରେ ରହିଛି। ଏସିଆ କପ୍ ବିଜେତା ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ନିଶ୍ଚିତ ଥିବାରୁ ଏହି ପ୍ରତିଯୋଗିତା ଗୁରୁତ୍ୱ ରଖୁଛି। ବିହାରର ରାଜଗିରିଠାରେ ଚଳିତମାସ ୨୯ ତାରିଖରୁ ହେବାକୁ ଥିବା ଏସିଆ କପ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପୂର୍ବରୁ ଏହି ଗସ୍ତରେ ଖେଳାଳିଙ୍କ ପାଇଁ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିଛି। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଅଗଷ୍ଟ ୧୫ରୁ ୨୧ ତାରିଖ ମଧ୍ୟରେ ପର୍ଥରେ ଘରୋଇ ଦଳ ବିପକ୍ଷରେ ୪ ମ୍ୟାଚ୍ ଖେଳିବ।


ଅମିତ


ଶିଳାନନ୍ଦ


ନୀଲମ

**ଭାରତୀୟ ହକି ଦଳ:** ଗୋଲି-କୃଷ୍ଣ ବି ପାଠକ, ସୂରଜ ରକେରା, ଡିଫେଣ୍ଡର-ସୁମିତ, ଜର୍ମନପ୍ରୀତ ସିଂହ, ହର୍ମନପ୍ରୀତ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଯୁଗରାଜ ସିଂହ, ପୂଭାନ୍ନା ସିବି, ମିଡ୍‌ଫିଲ୍ଡର-ରାଜିନ୍ଦର ସିଂହ, ରାଜକୁମାର ପାଲ, ହାର୍ଦ୍ଦିକ ସିଂହ, ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂହ ମୋଇରାଙ୍ଗଥେମ, ବିଷ୍ଣୁକାନ୍ତ ସିଂହ, ଫରୱାର୍ଡ-ମନଦୀପ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ସେଲ୍‌ଭାମ କାର୍ତ୍ତି, ଆଦିତ୍ୟ ଲାଲାଗେ।

# ପନ୍ତଙ୍କ ଭଳି ଓକ୍ସ ବି ଦେଶ ପାଇଁ ଲଢ଼ିଲେ

**ନୂଆଦିଲ୍ଲୀ, ୫।୮:** ଭାରତ-ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟର ଟେଷ୍ଟରେ ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଋଷଭ ପନ୍ତ ଭଙ୍ଗା ପାଦରେ ବ୍ୟାଟିଂକୁ ଆସି ଦେଶ ପାଇଁ ଲଢ଼ିଥିଲେ। ସେହିଭଳି ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ଓକ୍ସ ଆହତ ସତ୍ତ୍ୱେ ଦ ଓଭାଲରେ ବ୍ୟାଟିଂକୁ ଆସି ମହାନତା ଦେଖାଇଛନ୍ତି। ଏହି ଟେଷ୍ଟର ପ୍ରଥମ ଦିନରେ ଫିଲ୍ଡିଂ କରୁଥିଲା ବେଳେ ଡାଇଭ୍ ମାରି ବାଉଣ୍ଡରି ନିକଟରେ ବଲ୍ ଅଟକାଇଲା ବେଳେ ତାଙ୍କ କାନ୍ଧହାଡ଼ ଖସିଯାଇଥିଲା। ଫଳରେ ସେ ଆଉ ପଡ଼ିଆକୁ ଆସି ନଥିଲେ। ଏପରିକି ପ୍ରଥମ ପାଳିରେ ସେ ବ୍ୟାଟିଂ ମଧ୍ୟ କରି ନଥିଲେ। ହେଲେ ଦ୍ୱିତୀୟ ପାଳିରେ ଦଳକୁ ବିଜୟ ପାଇଁ ୧୭ରନ୍ ଆବଶ୍ୟକ ଥିଲା ବେଳେ ୯ ୱିକେଟ୍ ଝଡ଼ି ଯାଇଥିଲା। ତେଣୁ ଦଳକୁ ବିଜୟ ଦେବା ଆଶାରେ ସେ ଗୋଟିଏ ହାତବନ୍ଧା ଅବସ୍ଥାରେ ପଡ଼ିଆକୁ ଆସିଥିଲେ। ଏପରିକି ସେ ଦଶମ ୱିକେଟ୍‌ରେ ଗସ୍ ଆଟ୍‌କିନ୍‌ସନ୍‌ଙ୍କ ସହ ୧୦ ରନ୍ ଭାଗୀଦାରୀ ଗଢ଼ି ଦଳକୁ ବିଜୟ ନିକଟତର କରିଥିଲେ। ଆଟ୍‌କିନ୍‌ସନ୍ ତାଙ୍କୁ ଗୋଟିଏ ବି ବଲ୍ ସମ୍ମୁଖୀନ ହେବା ପରିସ୍ଥିତି ସୃଷ୍ଟି କରିନଥିଲେ। ହେଲେ ମହମ୍ମଦ ସିରାଜଙ୍କ ବଲ୍‌ରେ ଆଟ୍‌କିନ୍‌ସନ୍ ବୋଲ୍ଡ ହୋଇଯିବାରୁ ଭାରତ ୬ ରନ୍‌ରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଋଷଭ ପନ୍ତ ଗୁରୁତର ଆହତ ହୋଇଥିଲେ। କ୍ରିସ୍ ୱୋକ୍ସଙ୍କ ବଲ୍ ତାଙ୍କ ପାଦରେ ବାଜି ଫାଟିଯାଇଥିଲା। ଏହା ପରେ ପନ୍ତ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ୍ ଫେରିଯାଇଥିଲେ। କିନ୍ତୁ, ୱିକେଟ୍‌ପତନ କରି ନଥିଲେ ମଧ୍ୟ ଯେତେବେଳେ ଦଳକୁ ତାଙ୍କର ଆବଶ୍ୟକତା ଥିଲା, ସେହି ଭଙ୍ଗାପାଦରେ ସେ ବ୍ୟାଟିଂକୁ ଆସିଥିଲେ। ଦ୍ୱିତୀୟ ପାଳିରେ ଗିଲ୍, ଜାଡେଜା, ସୁନ୍ଦର ଶତକ ମାରି ଭାରତକୁ ଡ୍ର' ରଖିବାରୁ ପନ୍ତଙ୍କ ବ୍ୟାଟିଂର ଆବଶ୍ୟକତା ପଡ଼ିନଥିଲା।





# କାନ୍ଦିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ,୫।୮:** ଶୁବମନ ଗିଲଙ୍କ ଯୁବ ଭାରତୀୟ ଦଳ ଇଂଲଣ୍ଡ ଯାଇ ଇତିହାସ ସୃଷ୍ଟି କରିଛି। ଅଗଷ୍ଟ ୪ରେ ଓଭାଲ ଟେଷ୍ଟର ଶେଷ ଦିନରେ ଭାରତୀୟ ଦଳ ମାତ୍ର ୬ ରନରେ ଆୟୋଜକ ଦଳକୁ ପରାସ୍ତ କରିଥିଲା। ଯାହା ସହିତ ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜ ୨-୨ ଡ୍ରରେ ଶେଷ ହୋଇଥିଲା। ମ୍ୟାଚ ପରେ ଭାରତର ଡ୍ରେସିଂ ରୁମରେ ଖୁସିର ଲହରୀ ଖେଳିଯାଇଥିଲା। ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରତିକ୍ରିୟା ଏବେ ସାମ୍ନାକୁ ଆସିଛି। ବିସିସିଆଇ ଏକ ଭିଡିଓ ଜାରି କରିଛି। ଯେଉଁଥିରେ ସେ କାନ୍ଦୁଥିବାର ଦେଖାଯାଉଛି। ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଟିମ ଇଣ୍ଡିଆ ପ୍ରଥମ ଥର ପାଇଁ ବିଦେଶ ମାଟିରେ ଟେଷ୍ଟ ସିରିଜ ବରାବର କରିଛି। ପୂର୍ବରୁ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫି ସିରିଜରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଯାହା ପରେ ଗମ୍ଭୀରଙ୍କୁ ବହୁତ ସମାଲୋଚନା କରାଯାଇଥିଲା। ଏବେ ଓଭାଲ ଟେଷ୍ଟ ବିଜୟ ତାଙ୍କ ପାଇଁ ବହୁତ ଅର୍ଥ ରଖିବ। ଏହି ଯୁବ ଦଳ କେବଳ ପଞ୍ଚମ ଟେଷ୍ଟ ଜିତିନଥିଲା, ବରଂ ୧-୨ରେ ପଛୁଆ ରହିବା ପରେ ସିରିଜକୁ ବରାବର କରି ଶେଷ କରିଥିଲା।

ବିସିସିଆଇ ଗତକାଲି ଏହାର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ଅପଲୋଡ କରିଛି। ଏହା ଭାରତୀୟ ଡ୍ରେସିଂ ରୁମର ଏକ ଭିଡିଓ। ଯେଉଁଥିରେ ମ୍ୟାଚର ଶେଷ ମୁହୂର୍ତ୍ତଗୁଡ଼ିକ ଦେଖାଯାଇଛି। ମହମ୍ମଦ ସିରାଜ ଗସ ଆଟକିନସନଙ୍କୁ କ୍ଲିନ ବୋଲ୍ଡ କରିବା ମାତ୍ରେ ଦଳର ସହାୟକ କର୍ମଚାରୀ ପରସ୍ପରକୁ ଆଲିଙ୍ଗନ କରିଥିଲେ। ସମସ୍ତେ ଏହାକୁ ପୂର୍ଣ୍ଣ ଉତ୍ସାହର ସହିତ ପାଳନ କରିଥିଲେ। ଏହି ଅବସରରେ ଗୌତମ ଗମ୍ଭୀରଙ୍କ ଆଖି ଓଦା ହୋଇଯାଇଥିଲା। ଭାରତ ଏବଂ ଇଂଲଣ୍ଡ ୩୧ ଜୁଲାଇରୁ ପଞ୍ଚମ ଟେଷ୍ଟ ଖେଳିଥିଲେ। ସିରିଜରେ କ୍ରମାଗତ ପଞ୍ଚମ ଥର ପାଇଁ ଶୁବମନ ଗିଲ ଟସ ହାରିଥିଲେ। ବେନ ଷ୍ଟୋକ୍ସଙ୍କ ସ୍ଥାନରେ ଇଂଲଣ୍ଡର ଅଧିନାୟକତ୍ୱ କରୁଥିବା ଓଲି ପୋପ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଖେଳି ଭାରତ ପ୍ରଥମ ଇନିଂସରେ ୨୨୪ ରନ କରିଥିଲା। ଜବାବରେ, ଇଂଲଣ୍ଡ ଦଳ ୨୪୭ ରନରେ ଅଲଆଉଟ ହୋଇଥିଲା। ସେମାନେ ୨୩ ରନର ଲିଡ ପାଇଥିଲେ। ଦ୍ୱିତୀୟ ଇନିଂସରେ, ଭାରତୀୟ ଦଳ ୩୯୬ ରନ କରିଥିଲା। ଇଂଲଣ୍ଡକୁ ବିଜୟ ପାଇଁ ୩୭୪ ରନର ଟାର୍ଗେଟ ମିଳିଥିଲା। ଲକ୍ଷ୍ୟ ପିଛା କରି, ଆୟୋଜକ ଦଳ ୩୬୭ ରନ କରିବା ପରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ୯ ୱିକେଟ ନେଇଥିବାରୁ ମହମ୍ମଦ ସିରାଜଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

# ଜାତୀୟ ଉପକନିଷ୍ଠ ସନ୍ତରଣ: ସହିତାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୫।୮ (ସଂଚାର ବ୍ୟୁରୋ):** ବେଙ୍ଗାଲୁରୁରେ ଚାଲିଥିବା ୪୧ତମ ଉପକନିଷ୍ଠ ଓ ୫୧ତମ କନିଷ୍ଠ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସୋମବାର ଓଡ଼ିଶାକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ଏହି ପଦକଟି ଉପକନିଷ୍ଠ ବାଳିକା ବର୍ଗରେ ଓଡ଼ିଶାର ସହିତା ଘୋଷ ଜିତିଛନ୍ତି। ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍ ରେସ୍‌କୁ ସହିତା ୧ମିନିଟ୍ ୨୩.୪୮ ସେକେଣ୍ଡ୍‌ରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆସାମର କସ୍ତୁରୀ ଗୋଗୋଇ (୧:୨୦.୪୨) ସ୍ୱର୍ଣ୍ଣ ଏବଂ ମହାରାଷ୍ଟ୍ରର ନିଧୀ ତୁଷାର ସାମନ୍ତ (୧:୨୫.୦୪) କାଂସ୍ୟ ପାଇଥିଲେ। ରବିବାର ପୁରୁଷ ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ସାଇ ସ୍ୱରୂପ ସ୍ୱାଇଁ କାଂସ୍ୟ ଜିତି ଓଡ଼ିଶାକୁ ଏକ ବହୁ ପ୍ରତୀକ୍ଷିତ (୩୫ ବର୍ଷ) ପ୍ରଥମ ପଦକ ଭେଟି ଦେଇଥିଲେ। କାରଣ ପୁରୁଷ ବର୍ଗରେ ଓଡ଼ିଶା ପ୍ରଥମ ଓ ଶେଷ ଥର ପାଇଁ ୧୯୯୦ରେ ରଙ୍କନିଧି ସେଠଙ୍କ ଜରିଆରେ ଏକମାତ୍ର ପଦକ ଜିତିଥିଲା। ଚଳିତ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟ ୨ (୧ ରୌପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି।



# ୧୦ରୁ କଳିଙ୍ଗରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର,୫।୮ (ସଂଚାର ବ୍ୟୁରୋ):** ଦିନ ପାଖେଇ ଆସୁଛି। ଆୟୋଜକ ତତ୍ପର, କ୍ରୀଡ଼ାପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଆସିବେ ୧୯ଟି ଦେଶରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି। ଘରୋଇ ଖେଳାଳିମାନେ ମଧ ଉତ୍ସାହିତ। ଘରୋଇ ଷ୍ଟାଡିୟମରେ ବିଦେଶୀ ଖେଳାଳିଙ୍କ ସହ ଟକ୍କର ଦେବାକୁ ସେମାନେ ଚଳାଇଛନ୍ତି ପ୍ରସ୍ତୁତି। ମଝିରେ ଆଉ ୪ ଦିନ ରହିଲା। ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ ଲେଭେଲ) ୨୦୨୫। ବିଶ୍ୱ ଆଥଲେଟିକ୍ସ, ଭାରତୀୟ ଆଥଲେଟିକ୍ସ ସଂଘ (ଏଏଫ୍‌ଆଇ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। କ୍ରୀଡ଼ା ସଚିବ, କ୍ରୀଡ଼ା ନିର୍ଦ୍ଦେଶକ ବାରମ୍ବାର ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି। କ୍ରୀଡ଼ାମନ୍ତ୍ରୀ ମଧ ଏହା ଉପରେ ସତର୍କ ନଜର ରଖିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବାନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ବାରମ୍ବାର ଆଲୋଚନା ଚଳାଛନ୍ତି। ହୁଏତ ଆସନ୍ତା ୯ ତାରିଖରୁ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିବେ। ଦିନେ ଦୁଇ ଦିନର ପ୍ରସ୍ତୁତି ପରେ ସେମାନେ ୧୦ ତାରିଖରେ ଟ୍ରାକ୍‌କୁ ଓହ୍ଲାଇବେ।

ଓଡ଼ିଶାରୁ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅନିମେଶ କୁଜୁର (୧୦୦ ଓ ୨୦୦ ମିଟର), ଲାଲୁ ପ୍ରସାଦ ଭୋଇ (୧୦୦ ଓ ୨୦୦ ମିଟର), କିଶୋର କୁମାର ଜେନା (ଜାଭେଲିନ), ବିକ୍ରାନ୍ତ ମଲ୍ଲିକ (ଜାଭେଲିନ), ଶ୍ରାବଣୀ ନନ୍ଦ (ମହିଳା ୧୦୦ ମିଟର) ଓ ପ୍ରଜ୍ଞା ସାହୁ (୧୦୦ ମିଟର ହର୍ଡଲ୍ସ)। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅନିମେଶ ଓ ଲାଲୁ ପ୍ରସାଦ ଭାରତୀୟ ଦଳରେ ସାମିଲ ହୋଇଛି ୪ ଗୁଣା ୧୦୦ ମିଟରରେ ବ୍ରୋଞ୍ଜ ପଦକ ଜିତିଥିଲେ। ଚଳିତ ସିଜନରେ କିଶୋରଙ୍କ ପ୍ରଦର୍ଶନ ଭଲ ନାହିଁ। ହୁଏତ ନିଜ ଘରୋଇ ଗ୍ରାଉଣ୍ଡରେ ସେ ଶ୍ରେଷ୍ଠ ପ୍ରଦର୍ଶନ ଦେବେ।

ଯୋଗ୍ୟତା ମାନଦଣ୍ଡ ଅନୁସାରେ, ପୁରୁଷ ୧୦୦ ମିଟରରେ ୧୦.୬୦ ସେକେଣ୍ଡ, ୨୦୦ ମିଟରରେ ୨୧.୩୦ ସେକେଣ୍ଡ, ୪୦୦ ମିଟରରେ ୪୬.୨୦ ସେକେଣ୍ଡ, ୮୦୦ ମିଟରରେ ୧:୪୮.୫୦, ୧୫୦୦ ମିଟରରେ ୧୪:୧୦.୦୦, ଲଙ୍ଗ ଜମ୍ପରେ ୭.୮୦ ମିଟର, ଟ୍ରିପଲ ଜମ୍ପରେ ୧୬.୩୦ ମିଟର ଏବଂ ଜାଭେଲିନରେ ୭୫.୦୦ ମିଟର ରହିଛି। ସେମିତି ମହିଳା ୧୦୦ ମିଟରରେ ୧୧.୮୦ ସେକେଣ୍ଡ, ୨୦୦ ମିଟରରେ ୨୩.୫୦ ସେକେଣ୍ଡ, ୪୦୦ ମିଟରରେ ୫୩.୦୦ ସେକେଣ୍ଡ, ୮୦୦ ମିଟରରେ ୨:୦୫.୦୦, ୧୫୦୦ ମିଟରରେ ୪:୧୮.୦୦, ୧୦୦ ମିଟର ହର୍ଡଲ୍ସରେ ୧୩.୫୫ ସେକେଣ୍ଡ, ଲଙ୍ଗ ଜମ୍ପରେ ୬.୦୦ ମିଟର ଏବଂ ଜାଭେଲିନରେ ୫୨.୫୦ ମିଟର ରଖାଯାଇଛି। ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ ଏବଂ ମାଳଦ୍ୱୀପ ପ୍ରମୁଖ ଦେଶରୁ କ୍ରୀଡ଼ାବିତ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

୧୯ ଦେଶରୁ ଭାଗ ନେବେ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିୟମ ପାଳନରେ...

ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦୁର୍ନୀତି ବିରୋଧରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ, ଅଧିକାରୀ ମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଦେଇଥିଲେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନ ରେଖା। ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି। ଆଜି ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ। ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଗ୍ଲୋବାଲ୍...

ବିଭାଗ ଏବଂ ସ୍କିଲ୍ ଇଣ୍ଡିଆ ମଧ୍ୟରେ ଥିବା ସମନ୍ୱୟକୁ ବୃଦ୍ଧି କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଓଡ଼ିଶାର ଭବିଷ୍ୟତ ପିଢ଼ିଙ୍କୁ ଭବିଷ୍ୟତଗାମୀ ଦକ୍ଷତା ପ୍ରଦାନ ପ୍ରଦାନ କରିବା ପାଇଁ ବଦ୍ଧପରିକର । ଭାରତର ପ୍ରତିଭାବାନ ଯୁବଶକ୍ତି କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଆଜି ଏହି କଥାକୁ ବାସ୍ତବରେ ପରିଣତ କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

### ବୋର୍ଡ...

ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ରିମାଣ୍ଡରେ ଯିବାର ସମ୍ଭାବନା ରହିଛି। ଏଥିସକାଶେ କ୍ରାଇମ୍‌ବ୍ରାଞ୍ଚ୍ ତିନିଦିନିଆ ରିମାଣ୍ଡ ପାଇଁ ଆବେଦନ କରିବ। ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଲିକ ମାମଲାରେ ଗତକାଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ସଙ୍ଗିନ ଦଫା ଲାଗିଛି। ନୀହାରଙ୍କ ଲ୍ୟାପଟପରୁ ଚୋରି ହୋଇଥିଲା ପ୍ରଶ୍ନପତ୍ର। ପରୀକ୍ଷା ପରିଚାଳନା ପ୍ରକ୍ରିୟାରେ ଡାଟା ଏଣ୍ଟ୍ରି ଅପରେଟର ଜିତନଙ୍କର କୌଣସି ଭୂମିକା ନଥିବା ବେଳେ ଲ୍ୟାପଟପ ବ୍ୟବହାର ପାଇଁ ତାଙ୍କୁ ଅନୁମତି ଦେଇଥିଲେ ନିଜେ ନୀହାର। ଅଫିସ ବାହାରେ ଗତ ୩ ମାସରେ ଫୋନରେ ୧୦୦ ଥର କଥା ହୋଇଥିଲେ ନିହାର-ଜିତନ। ଏଯାଏ ପ୍ରଶ୍ନପତ୍ର ଲିକ ମାମଲାରେ ମୋଟ ୮ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣା ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି, ତା' ଜାଣିବା ସକାଶେ ଖୋଳତାଡ଼ ଚାଲିଛି। ଏଥିସହ ଆର୍ଥିକ କାରବାରକୁ ନେଇ କ୍ରାଇମ୍‌ବ୍ରାଞ୍ଚ୍ ଖୋଳତାଡ଼ ଚଳାଇଛି।

ସେହିପରି ଏହି ଘଟଣାରେ ଗିରଫ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଠିକାରେ କାମ କରୁଥିଲେ ମଧ୍ୟ ସେ ସଦର ଥାନା ଗୋପାଳପୁର ଅଞ୍ଚଳରେ ଜାଗା କିଣି ଘର କରି ରହୁଥିଲା। ତେବେ ବାଲେଶ୍ୱର ଅଞ୍ଚଳର ଜିତନ୍‌କୁ ତା' ଘରୁ ଗିରଫ କରିବା ସମୟରେ ତା'ର ଘରଦ୍ୱାର, ରହିବା ଶୈଳୀ ଆଦି ଦେଖି କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ଆଶ୍ଚର୍ଯ୍ୟଚକିତ ହୋଇଯାଇଛି। ସେହିପରି ତା'ର ଘରଦ୍ୱାର ଖାନତଲାସ ସମୟରେ ପ୍ରଚୁର ସମ୍ପତ୍ତିର ସନ୍ଧାନ ମିଳିଛି। ମାସକୁ ମାତ୍ର ୧୫ ହଜାର ଟଙ୍କା ଦରମା ପାଉଥିବା ଜଣେ ଠିକା କର୍ମଚାରୀ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିପାରିଛି, ତାହା ତଦନ୍ତକାରୀ ଅଧିକାରୀ ଦେଖି ତାଟକା ହୋଇଯାଇଥିଲେ। ଘର ଓ ଜାଗାବାଡ଼ି ସହ ସୁନାଗହଣା ଆଦି ପ୍ରଚୁର ସମ୍ପତ୍ତି ସେ ଠୁଳ କରିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜିତନ୍ ବାପା ବୋର୍ଡ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଅବସର ନେଇଥିଲେ। ତେଣୁ ବେତନ ଅନୁସାରେ ଘରବାଡ଼ିର ମୂଲ୍ୟ ଓ ଅନ୍ୟାନ୍ୟ ଆସବାବପତ୍ର, ସୁନାଗହଣା, ବ୍ୟାଙ୍କ ଜମା ରାଶି ଅନୁଧ୍ୟାନ କଲେ, ନିଶ୍ଚିତ ଭାବେ ସେ ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ମନେ ହେଉଛି।

### ରାସ୍ତାରେ...

ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଓ ବଳଙ୍ଗା ପୀଡ଼ିତା ମୃତ୍ୟୁ ଘଟଣା ପରେ ଛାତ୍ର ରାଜନୀତି କ୍ରମଶଃ ଉଗ୍ର ହେବାରେ ଲାଗିଛି। ବଳଙ୍ଗା ଘଟଣାରେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍କର୍ଷ ବାହାରି ନଥିବା ବେଳେ ମୃତ୍ୟୁବରଣ କରିଥିବା ନାବାଳିକାଙ୍କ ପିତା କିନ୍ତୁ ଝିଅ ଆତ୍ମହତ୍ୟା କରିଥିବା ନେଇ ପରୋକ୍ଷ ସୂଚନା ଦେବା ସହ ଏହି ଘଟଣାରେ କେହି ବି ରାଜନୀତି ନ କରିବାକୁ ଗୁହାରି କରିଛନ୍ତି। ତେବେ ରାଜନୈତିକ ଦଳ ସହ ବିଜେଡି ଓ କଂଗ୍ରେସର ଛାତ୍ର ସଂଗଠନ କିନ୍ତୁ ଏହି ପ୍ରସଙ୍ଗକୁ ହାତଛଡ଼ା କରିବାକୁ ରାଜି ନୁହନ୍ତି। ପ୍ରତିଦିନ କିଛି ନା କିଛି ବାହାନା କରି ରାଜଧାନୀରେ ଉଭୟ ସଂଗଠନ ପ୍ରତିବାଦ ଓ କ୍ୟାଣ୍ଡେଲ ମାର୍ଚ୍ଚ ଜାରି ରଖିଛନ୍ତି।

ତେବେ ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଛାତ୍ର ରାଜନୀତି ଥମିବାର ନାଁ ନେଉନାହିଁ। ପ୍ରଥମେ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ଘଟଣାରେ ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଜେଲ୍ ଯିବା ପରେ ଛାତ୍ର ସଂଗଠନଗୁଡ଼ିକ ଏହି ପ୍ରସଙ୍ଗରେ ପରସ୍ପରକୁ ଘେରିଥିଲେ। ତେବେ ଘଟଣା ଘଟିବାର କିଛିଦିନ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଘଟଣାରେ ଏବିଭିପିର ଦୁଇ ଛାମୁଆ ଛାତ୍ରନେତାଙ୍କୁ ଗିରଫ ପରେ ଏହା ଭିନ୍ନମୋଡ଼ ନେଇଛି। ଏବିଭିପି ଏହି ଘଟଣାରେ ଅକଳରେ ପଡ଼ିଯାଇଥିବା ବେଳେ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡିକୁ ମଉକା ମିଳିଯାଇଛି।

ଏହି ଦୁଇ ଘଟଣା ସମେତ ଓଟିଇଟି ପରୀକ୍ଷା ହେରଫେର ଭଳି ଘଟଣାରେ ମଧ ଛାତ୍ର ସଂଗଠନମାନେ ରାଜନୀତିକୁ ତୀବ୍ର କରୁଛନ୍ତି। ଇତିମଧ୍ୟରେ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ଓ ବିଜେଡିର ଛାତ୍ର ସଂଗଠନମାନେ ଅନେକ କଲେଜରେ ଆନ୍ଦୋଳନ କରିଥିବା ବେଳେ ଏବିଭିପିକୁ ଘେରିବା ଆରମ୍ଭ କରିଛନ୍ତି। ଏବିଭିପି ମଧ ଦୁଇ ଛାତ୍ର ସଂଗଠନକୁ ସହଜରେ ଛାଡ଼ିବା ମୁଡ୍‌ରେ ନାହିଁ। ତେଣୁ କଲେଜରେ ଅସଲ ଭୋଟ ହେବା ପୂର୍ବରୁ ତିନି ଛାତ୍ର ସଂଗଠନ ଏବେ ରାସ୍ତାରେ ନିଜ ନିଜ ପରାକ୍ରମ ପ୍ରଦର୍ଶନ କରୁଛନ୍ତି।

ଏମାନଙ୍କୁ ଟକ୍କର ଦେବା ପାଇଁ ଆଉ କିଛି ରାଜନୈତିକ ଦଳର ସମର୍ଥିତ ଛାତ୍ର ସଂଗଠନ ମଧ ମଇଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏମାନେ ମଧ ଏବେଠାରୁ କଲେଜ ସ୍ତରରେ ଛାତ୍ରଛାତ୍ରୀଙ୍କୁ ନିଜ ପଟକୁ ଆଣିବାରେ ଲାଗିଛନ୍ତି। ପ୍ରାୟତଃ ସମସ୍ତ ଛାତ୍ର ସଂଗଠନ ଏବେ ସୋସିଆଲ ମିଡିଆରେ ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପରସ୍ପରକୁ ପଛରେ ପକାଇବା ପାଇଁ ହେଉଥିବା ଉଦ୍ୟମ ସହ ରାସ୍ତାଘାଟରେ ଯେଉଁଭଳି ପ୍ରଦର୍ଶନ ଚାଲିଛି, ତାହା ଆଗାମୀ ଦିନରେ କିଭଳି ରୂପ ନେବ ଓ ନିର୍ବାଚନ ଉପରେ ଏହା କିଭଳି ପ୍ରଭାବ ପକାଇବ, ତାହା ଉପରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ସତର୍କ ଦୃଷ୍ଟି ରଖିଛନ୍ତି।

### ଦିଲ୍ଲୀ ଗଲେ...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ୭ ତାରିଖରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସରକାରରେ ରାଜନୀତିକ ନିଯୁକ୍ତି ବା ଥଇଥାନ ତାଲିକାକୁ ଚୂଡ଼ାନ୍ତ କରିବେ । ତେବେ ମନ୍ତ୍ରିମଣ୍ଡଳ ଅଦଳବଦଳ କିମ୍ବା ସମ୍ପ୍ରସାରଣ ପ୍ରକ୍ରିୟା ଏବେ ସାମୟିକ ପାଇଁ ସ୍ଥଗିତ ରହିଥିବା ଜଣାପଡ଼ିଛି । ଆସନ୍ତା ୧୫ ତାରିଖ ପରେ ଏନେଇ ପଦକ୍ଷେପ ଗ୍ରହଣ କରାଯିବାର ସମ୍ଭାବନା ରହିଛି।

ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ବୋର୍ଡ ଓ ନିଗମ ସମେତ ଅନ୍ୟାନ୍ୟ ରାଜନୈତିକ ନେତୃତ୍ୱଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ ପୂରଣ କରାଯିବ। ଏଭଳି ପ୍ରାୟ ୮୭ଟି ପଦପଦବୀ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୨ଟି ପୂରଣ ହୋଇସାରିଛି। ବାକି ୭୫ଟି ପଦବୀରେ ଦଳର କେଉଁ ନେତାମାନଙ୍କୁ ସୁଯୋଗ ମିଳୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତା'ଛଡ଼ା ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଉ ପ୍ରାୟ ଦେଢ଼ ବର୍ଷରୁ କମ୍ ସମୟ ରହିଛି। ଏଭଳି ସ୍ଥିତିରେ ସମ୍ଭାବ୍ୟ ଦିଗ ଓ ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ଶ୍ରୀ ମାଝୀ କେନ୍ଦ୍ରୀୟ ନେତୃତ୍ୱ ସହ ବିଚାରବିମର୍ଶ କରି ଏହି ଥଇଥାନ ତାଲିକାକୁ ଚୂଡ଼ାନ୍ତ କରିବେ ବୋଲି ଆକଳନ କରାଯାଉଛି।

### ଗୁମାସ୍ତାଙ୍କ ଘର...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଗୁମାସ୍ତା ଗତ ସରକାର ସମୟରେ ଯାଜପୁର ଜିଲ୍ଲାର ଜଣେ ଜଣାଶୁଣା ବିଜେଡି ନେତାଙ୍କ ଖାସ୍ ଅନୁଗତ ଥିଲେ। ତାଙ୍କରି ବଳରେ ସେ ସରକାରୀ କଳକୁ ବ୍ୟବହାର କରି ଅନେକ ବେଆଇନ ସମ୍ପତ୍ତି ହାତେଇଛନ୍ତି। ଯାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ପାଣିକୋଇଲି ମୌଜାର ଉକ୍ତ ଗୋଚର ଜମି। ୨୦୨୦ରୁ ଉକ୍ତ ଜମିରେ ସେ ଅଟ୍ଟାଳିକା ସଦୃଶ କୋଠା ନିର୍ମାଣ କରିସାରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସାଧାରଣ ଲୋକଟିଏ କେଉଁଠି ସରକାରୀ ଜାଗାକୁ ମାଡ଼ିବସିଥିବା ଅଭିଯୋଗ ଆସିଲେ ପ୍ରଶାସନ ତୁରନ୍ତ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିନ୍ତୁ ଦୀର୍ଘ ୫ ବର୍ଷ ହେଲା ଗୁମାସ୍ତା ଏପରି ବେଆଇନ ଜମି ଜବରଦଖଲ କରିଥିଲେ ମଧ ପ୍ରଶାସନ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା? ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ କହିଛନ୍ତି ଯେ ଜବରଦଖଲକାରୀ ଜଣଙ୍କ ଜମିର ପୁନଃ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ରାଜସ୍ଥାନୀ ମହଲ...

ଚାହିଦା ରହିଛି। ରାଜସ୍ଥାନର ବିଭିନ୍ନ ଦୁର୍ଗ, ମନ୍ଦିର, ମହଲ ପାଇଁ ଏହି ପଥର ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ଏମିତି ପଥର ମିଳେନାହିଁ। ଏହାର ନିର୍ମାଣ ମଧ ସବୁ କାରିଗର କରିପାରିବେ ନାହିଁ। ଏଥିପାଇଁ ସ୍ୱତନ୍ତ୍ର କାରିଗର ରହିଛନ୍ତି। ଏହି ଘରକୁ ବାହାରୁ ଦେଖିଲେ ଅତି କମ୍‌ରେ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବ ବୋଲି ଅନୁମାନ କରାଯାଉଛି। ଯାଜପୁର ସହରର ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମାଲିକଙ୍କ ନିଜ ପୈତୃକ ଗାଁର ଏଭଳି ଏକ ଘର ନିଶ୍ଚିତ ଭାବେ ଦର୍ଶନୀୟ ହୋଇଛି। ଚର୍ଚ୍ଚା ହେଉଛି ତାଙ୍କ ଘରେ ଯେଉଁ ପଥର ବ୍ୟବହାର ହୋଇଛି ସେହିଭଳି ପଥର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଅନ୍ୟ ପରିକ୍ରମା ପ୍ରକଳ୍ପରେ ବ୍ୟବହାର କରାଯାଇଛି।

### ୪ ମୃତ...

୧୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରକୃତିର ଏପରି ଧ୍ୱଂସଲୀଳାରେ ୪ ଜଣଙ୍କ ଜୀବନ ହାନି ହୋଇଥିବା ବେଳେ ଶତାଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ମାଟି ତଳୁ ଖୋଜା ଚାଲିଛି ଜୀବନ।

ଉତ୍ତରାଖଣ୍ଡର ହର୍ସିଲ ଠାରୁ ୪ କିମି ଦୂର ଧରାଲି ଗାଁରେ ପ୍ରକୃତିର ଭୟଙ୍କର ତାଣ୍ଡବ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ଆଜି ଅପରାହ୍ନ ୧.୪୫ରେ ଭୂସ୍ଖଳ ହେବା ପରେ ମାଟି ମିଶା ପାଣି ଜନବସତି ଆଡ଼କୁ ମାଡ଼ି ଆସିଥିଲା। ଭୂସ୍ଖଳନ ଯୋଗୁ ପବିତ୍ର ଗଙ୍ଗୋତ୍ରୀ ଧାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ବିପର୍ଯ୍ୟୟରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଏନଡିଆରଏଫ ଠାରୁ ସେନା ଯବାନମାନେ ଲାଗି ପଡ଼ିଛନ୍ତି। ପ୍ରଭାବିତ ଅଞ୍ଚଳଟି ମୁଖବା ଓ ଗଙ୍ଗୋତ୍ରୀ ଧାମର ଅତ୍ୟନ୍ତ ନିକଟବର୍ତ୍ତୀ। ପାହାଡ଼ର ଧ୍ୱଂସାବଶେଷ ସହ ପାଣି କେମିତି ଭୟଙ୍କର ଢଙ୍ଗରେ ତଳିଆ ଅଞ୍ଚଳକୁ ଆସୁଛି। ଶତାଧିକ ଘର, ହୋଟେଲ, ହୋମ ଷ୍ଟେ ଓ ରେଷ୍ଟୁରାଣ୍ଟକୁ ଭସାଇ ନେଉଛି।

ଜିଲ୍ଲା ପ୍ରଶାସନର କହିବା କଥା ଯେ, ବନ୍ଦ ହୋଇ ଯାଇଥିବା ରାସ୍ତା ଓ ଅବିଶ୍ରାନ୍ତ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଛି। ତଥାପି ନିଖୋଜଙ୍କୁ ଠାବ କରିବା ଓ ପ୍ରଭାବିତଙ୍କୁ ସହାୟତା ଯୋଗାଇ ଦେବାକୁ ସବୁ ପ୍ରକାରର ଚେଷ୍ଟା କରାଯାଉଛି। ଇଣ୍ଡୋ-ତିବ୍ବତ ବର୍ଡର ପୁଲିସ୍‌ର ୧୬ ଜଣିଆ ଟିମ ଧରାଲିରେ ପହଞ୍ଚିଛନ୍ତି। ଘଟଣାରେ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ସହ କଥା ହୋଇ ସବୁ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୧୦୭୮ କଇଁଛ ଜବତ, ୩ ଗିରଫ

**ମାଲକାନଗିରି, ୫।୮ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ନେତୃତ୍ୱରେ ଏକ ବିଶେଷ ଟିମ ମୋଟୁ - କୋଂଟା ବ୍ରିଜ ନିକଟରେ କଇଁଛ ଚୋରା ଚାଲାଣ ସହିତ ଜଡିତ ଥିବା ତିନି ଜଣ ବ୍ୟକ୍ତିଙ୍କୁ ଧରିଛନ୍ତି। ସେମାନଙ୍କ ଠାରୁ ମୋଟ ୧୦୭୮ ଟି କଇଁଛ ଜବତ କରାଯାଇଛି । ଯାହାମଧ୍ୟରୁ ୯୧୦ ଟି କଇଁଛ ଜୀବନ୍ତ ଓ ୧୬୮ ଟି କଇଁଛ ମୃତ ଜଣାଯାଇଛି। ଏହି ଅବୈଧ ଚାଲାଣରେ ବ୍ୟବହୃତ ହୋଇଥିବା ଗୋଟିଏ ବୋଲେରୋ ଗାଡି ଏବଂ ତିନି ଗୋଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏହି କଇଁଛ ଆନ୍ଧ୍ର ପ୍ରଦେଶରୁ ଟିଗଲ ପଞ୍ଚାୟତ ଏମପିଭି ୬୫ ଗ୍ରାମକୁ ବିକ୍ରୟ ଏବଂ ଖାଇବା ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିଲା। ମୁଖ୍ୟ ଆସାମୀ ଏମଭି ୭୯ ଥାନା ଅନ୍ତର୍ଗତ ଏମପିଭି ୬୫ ଗ୍ରାମର ସୁକୁମାର ତରଫଦାର ଓରଫ ଖୋକନ, ଗିରଫ ହେବା ସହିତ ଅନ୍ୟ ଦୁଇ ଜଣ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନାପାଲ ଗ୍ରାମର ଡ୍ରାଇଭର ଯୁଗଳ ଚନ୍ଦ୍ର ଦେ, ଓ ଏମଭି ୭୯ ଥାନା ଅନ୍ତର୍ଗତ ଏମପି ଭି ୫୬ ଗ୍ରାମର ବିଶ୍ୱନାଥ ମଣ୍ଡଳ ଗିରଫ ହୋଇଛନ୍ତି। ଅବୈଧ ବନ୍ୟଜନ୍ତୁ ବ୍ୟବସାୟରେ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସିଏଫ ମୁନସୁନ ଖେମୁଣ୍ଡୁ କହିଛନ୍ତି।

## ଫସିଲେ ବିଇଓଙ୍କ ଅଫିସ୍‌ର କନିଷ୍ଠ କିରାଣି

**ନନ୍ଦପୁର, ୫।୮(ସଂଚାର ମିଡିଆ):** ୨୦୧୯ରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ତା'ପରେ ତାଙ୍କ ପତ୍ନୀ ପେନ୍‌ସନ୍ ପାଉଛନ୍ତି ଓ ସେଥିରେ ଚଳୁଛନ୍ତି। ତେବେ ମୃତ ଶିକ୍ଷକଙ୍କର କିଛି ବକେୟା ଟଙ୍କା ଏଯାବତ ମିଳିନାହିଁ। ସେହି ଟଙ୍କା ପାଇବା ପାଇଁ ଆବଶ୍ୟକ କାମ କରିଦେବା ପାଇଁ ମୃତ ଶିକ୍ଷକଙ୍କ ପତ୍ନୀ ବାରମ୍ବାର ବିଇଓ ଶ୍ରୀ ତ୍ରିପାଠୀଙ୍କ ପାଖକୁ ଆସିଛନ୍ତି। କାମ କରିଦେବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ଶ୍ରୀ ତ୍ରିପାଠୀ ନନ୍ଦପୁରର ଏକ ଚା' ଦୋକାନ ନିକଟରେ ପ୍ରଥମ କିସ୍ତିରେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## ମିଶନ ଶକ୍ତି ଯୋଜନାରେ ବ୍ୟବସାୟ ଆଳରେ ୬ କୋଟି ଠକେଇ ; ଅଭିଯୁକ୍ତ ଗିରଫ




**ବ୍ରହ୍ମପୁର,୫।୮ (ସଂଚାର ବ୍ୟୁରୋ):** ମିଶନ ଶକ୍ତି ଯୋଜନା ଆଳରେ ବ୍ୟବସାୟୀଙ୍କ ଠାରୁ ୬ କୋଟି ଠକେଇ କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କୋଦଳା ଥାନା ଅନ୍ତର୍ଗତ ଦିଗପଡା ଗ୍ରାମର ଅନିଲ କୁମାର ମିଶ୍ର (୩୫) । ପୁଲିସ ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ ଓ ୪ଟି ବ୍ୟାଙ୍କ ପାସ ବୁକ୍ ଜବତ କରିଥିବା ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ମୟୁରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗ ମିଶ୍ରଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ଗତବର୍ଷ ଜଣେ ବନ୍ଧୁଙ୍କ ଜରିଆରେ ଅଭିଯୁକ୍ତଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଅନିଲ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ମିଶନ ଶକ୍ତି ବିଷୟରେ କହିଥିଲେ। ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ କୋଟି କୋଟି ଟଙ୍କାର କାମ ହେବାକୁ ଯାଉଛି । ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟ ହାତକୁ ନେବାକୁ ଅନିଲ ଅନୁରାଗଙ୍କୁ ବୁଝାଇବା ସହ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ । ଏହାଦ୍ୱାରା ସେମାନେ ବହୁଗୁଣା ଅର୍ଥ ରୋଜଗାର କରିପାରିବେ ବୋଲି କହିଥିଲେ। ୨୦୨୪ ମେ ୯ ତାରିଖରୁ ୨୦୨୫ ଏପ୍ରିଲ ୧୧ ତାରିଖରେ ଭିତରେ ଅନିଲ ଅନୁରାଗଙ୍କ ଠାରୁ ପ୍ରାୟ ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ଟଙ୍କା ଟଙ୍କା ନେଇ ଯାଇଥିଲେ। ହେଲେ ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ ହୋଇଥିବା କହି ୩ କୋଟି ବିଭିନ୍ନ ସମୟରେ ଫେରସ୍ତ କରିଥିଲେ। ହେଲେ ୨୦୨୫ ଏପ୍ରିଲ ୧୧ ତାରିଖ ଠାରୁ ଅନୁରାଗ ନିଜ ଟଙ୍କା ଫେରସ୍ତ ପାଇନଥିଲ । ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନା କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇନଥିବା ଅନୁରାଗ ଜାଣିବାକୁ ପାଇଥିଲେ। ଅନିଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ; ବିବାହିତ ଯୁବକ ଗିରଫ

**ବ୍ରହ୍ମପୁର,୫।୮ (ସଂଚାର ବ୍ୟୁରୋ):** ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ପ୍ରତାରଣା କରିବା ଅଭିଯୋଗରେ ଗୋଶାଣୀନୂଆଗାଁ ଥାନା ପୁଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ଆଙ୍କୁଲି ଶିଳ୍ପାଞ୍ଚଳର ରାଜେଶ କୁମାର ମାଝି ଓରଫ ରିଙ୍କୁ(୩୬)। ସୂଚନାପ୍ରକାରେ, ଅଭିଯୁକ୍ତ ରିଙ୍କୁ ବିବାହିତ ହୋଇଥିବା ବେଳେ ତାଙ୍କର ୨ଟି ସନ୍ତାନ ରହିଛନ୍ତି। ଏଭଳି ସ୍ଥିତିରେ ଗୋଶାଣୀନୂଆଗାଁ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ତାଙ୍କ ସହ ଅନେକ ଦିନ ହେବ ଶାରିରୀକ ସମ୍ପର୍କ ରଖିଥିଲେ। ଏହାଭିତରେ ଯୁବତୀ ଜଣଙ୍କ ଗର୍ବବତୀ ହୋଇଯାଇଥିଲେ। ସେହି କ୍ରମରେ ଯୁବତୀ ଜଣଙ୍କ ବିବାହ କରିବାକୁ ରିଙ୍କୁଙ୍କୁ କହିଥିଲେ। ହେଲେ ଗର୍ଭ ନଷ୍ଟ କରିବାକୁ ଅଭିଯୁକ୍ତ ରିଙ୍କୁ ଯୁବତୀଙ୍କୁ ବାଧ କରିଥିଲେ । ଏପରିକି ଗର୍ଭ ନଷ୍ଟ ନକଲେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ କରିବେ ବୋଲି ଧମକ ଦେଇଥିଲେ । ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ଯୁବତୀ ଜଣଙ୍କ ରିଙ୍କୁଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର,୫।୮ (ସଂଚାର ବ୍ୟୁରୋ):** ସ୍କୁଟି ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ବଡ଼ ବଜାର ଥାନା ଅଞ୍ଚଳର ରାହୁଲ ସାହୁ ଓରଫ ସନ୍ତୋଷ(୧୮) ।ସୂଚନାଯୋଗ୍ୟ ଯେ,ଲାଞ୍ଜିପଲ୍ଲୀ ଗଣେଷ ନଗର ନିବାସୀ ଦେବେନ୍ଦ୍ରନାଥ ଶତପଥୀ ଜୁଲାଇ ୨୪ ତାରିଖରେ କୌଣସି କାମରେ ଗାନ୍ଧୀ ନଗର ଷଷ୍ଠ ଲାଇନକୁ ଯାଇଥିଲେ । ସେଠାରେ ନିର୍ମାଣଧିନ ଏକ ଅପାର୍ଟମେଣ୍ଟ ନିକଟରେ ନିଜ ସ୍କୁଟିକୁ ରଖି କାମରେ ଯାଇଥିଲେ ।ସେଠାରୁ ଫେରି ଦେଖିବା ବେଳେ ସ୍କୁଟି ଉକ୍ତ ସ୍ଥାନରେ ନଥିବା ଦେଖିଥିଲେ। ବହୁ ଖୋଜା ଖୋଜି କରିବା ପରେ ମଧ ସ୍କୁଟିକୁ ପାଇନଥିଲେ । ଶେଷରେ ଅଗଷ୍ଟ ୧ ତାରିଖରେ ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଆଜି ଏଏସଆଇ ତଥା ତଦନ୍ତଧିକାରୀ ଜି ସାଇ କିରଣ ଅଭିଯୁକ୍ତ ରାହୁଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ବସ ଧକ୍କାରେ ଜଣେ ମୃତ

**ବୋରିଗୁମ୍ମା,୫।୮ (ସଂଚାର ବ୍ୟୁରୋ):** ବସ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ବୋରିଗୁମ୍ମା ଜୟନ୍ତଗିରି ଜାତୀୟ ରାଜପଥ ଶିବ ମନ୍ଦିର ନିକଟରେ ତାମିଲନାଡୁ ଅଭିମୁଖେ ଲେବର ନେଇ ଯାଉଥିବା ଏକ ବସ ରାସ୍ତା କଡରେ ଜୟନ୍ତଗିରି ଗ୍ରାମର ଚନ୍ଦ୍ର ହରିଜନ ଗାଈଗୋଠ ନେଇ ଯାଉଥିବା ସମୟରେ ପଛପଟୁ ଧକ୍କା ଦେଇଥିଲା। ଚନ୍ଦ୍ର ହରିଜନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ବୋରିଗୁମ୍ମା ମେଡ଼ିକାଲକୁ ଅଣାଯାଇଥିଲା ଡାକ୍ତର ମୃତ ଘୋଷଣା କରିଥିଲେ। ବୋରିଗୁମ୍ମା ପୁଲିସ ଘୋଟଣାସ୍ଥଳରେ ପହଂଚି ତଦନ୍ତ କରୁଛି।

# ଆଦିବାସୀ ସାହିରେ ନାହିଁ ଅଙ୍ଗନବାଡ଼ି

## ଦୁର୍ଦ୍ଦଶା ଭୋଗୁଛନ୍ତି କୁନିକୁନି ଶିଶୁ ଓ ଗର୍ଭବତୀ ମହିଳା




**ବେତନଟୀ,୫।୮ (ସଂଚାର ବ୍ୟୁରୋ):** ଭାରତ ସରକାର ଓ ଓଡ଼ିଶା ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ବିଶେଷ ପ୍ରାଧାନ୍ୟ ଦେଉଥିବା ଦାବି କରୁଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଗ୍ରାମ ପଞ୍ଚାୟତର ବେତନଟୀ ଆଦିବାସୀ ସାହିରେ ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳୁଛି। ଏହି ସାହିରେ ଅଙ୍ଗନବାଡ଼ି କେନ୍ଦ୍ର, ଯାହା ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ଓ ଗର୍ଭବତୀ ମାଆମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଓ ପୁଷ୍ଟିକର ଖାଦ୍ୟ ଯୋଗାଇବାର ଦାୟିତ୍ୱ ତୁଲାଇଥାଏ, ତାହା ଦୀର୍ଘ ବର୍ଷ ଧରି ଅଙ୍ଗନବାଡ଼ି ଶିକ୍ଷୟିତ୍ରୀଙ୍କ ଘରେ ଚାଲୁଛି। ଏହି ଘର ଗାଁରୁ ପ୍ରାୟ ୧ କିଲୋମିଟର ଦୂରରେ ଅବସ୍ଥିତ, ଯାହା ଫଳରେ ଶିଶୁ, ଗର୍ଭବତୀ ମାଆମାନେ ଓ ଅଭିଭାବକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ବାସିନ୍ଦା ଠାକୁରା ହାଁସଦାଙ୍କ ଅଭିଯୋଗ ଅନୁସାରେ, ସେ ଏହି ସମସ୍ୟା ନେଇ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ, କିନ୍ତୁ କୌଣସି ସୁଫଳ ମିଳିନାହିଁ। "ଆମ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାମାନେ ଓ ଗର୍ଭବତୀ ମାଆମାନେ ୧ କିଲୋମିଟର ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏହା ଶିଶୁମାନଙ୍କ ଶିକ୍ଷା ଓ ଗର୍ଭବତୀ ମାଆମାନଙ୍କ ସ୍ୱାସ୍ଥ୍ୟ ସେବାରେ ବଡ଼ ବାଧା ସୃଷ୍ଟି କରୁଛି। ଗର୍ଭବତୀ ମାଆମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏତେ ଦୂର ଯିବା ଅତ୍ୟନ୍ତ କଷ୍ଟଦାୟକ," ବୋଲି ଶ୍ରୀ ହାଁସଦା କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ବେତନଟୀ ଆଦିବାସୀ ସାହିର ଗର୍ଭବତୀ ମହିଳା, ଅଙ୍ଗନବାଡ଼ିର ମୌଳିକ ସୁବିଧା ଯଥା ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରୁଛି ଏବଂ ଆଦିବାସୀ ସମୁଦାୟର ସ୍ୱାସ୍ଥ୍ୟ ଓ ଶିକ୍ଷା ବିକାଶରେ ବାଧା ସୃଷ୍ଟି କରୁଛି। ସ୍ଥାନୀୟ ଲୋକେ ଗାଁ ମଧ୍ୟରେ ଏକ ସ୍ୱତନ୍ତ୍ର ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ଯାହା ଶିଶୁ ଓ ଗର୍ଭବତୀ ମାଆମାନଙ୍କ ପାଇଁ ସୁବିଧାଜନକ ହେବ। ଏହି ଗୁରୁତର ସମସ୍ୟାର ତୁରନ୍ତ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## କମେଣ୍ଟ ମରାରୁ ଉତ୍ତେଜନା, ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

**ଜୟପୁର,୫।୮ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଘିଉରି ଗ୍ରାମର ଶତାଧିକ ମହିଳା ଆଜି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୩୧ ତାରିଖରେ ଜଣେ ଯୁବତୀ ଦୋକାନ ଯାଉଥିବା ସମୟରେ ତିନି ଜଣ ଯୁବକ କମେଣ୍ଟ ମାରିଥିଲେ। ପରେ ଯୁବତୀ ଜଣକ ଘରେ ଆସି ସବୁ କଥା କହିବା ପରେ ଯୁବତୀର ଭାଇ ଓ ସାଙ୍ଗ ମାନେ କମେଣ୍ଟ ମାରିଥିବା ୩ ଜଣଙ୍କୁ ପଚାରିଥିଲେ। ଘଟଣାଟି ବଡ ଧରଣର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ପରେ ରକ୍ତାକ୍ତ ରୂପ ନେଇ ଉଭଭ ପକ୍ଷ ଜଣେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ଅନ୍ୟ ଜଣେ କୋରାପୁଟ ସ୍ଥିତ ମେଡିକାଲ କଲେଜ ଏବଂ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୋଲିସ ଏସଡିପିଓଙ୍କ ନିକଟରେ ଅଭିଯୋଗ କରିବାରୁ ପୋଲିସ ପାଟ୍ରୋଲିଂ କରିଥିଲା। ପରିବାର ଲୋକେ ଅସୁରକ୍ଷିତ ଥିବାରୁ ପ୍ରଶାସନ ସୁରକ୍ଷା ନିମନ୍ତେ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

## ୨୫୦ରୁ ଅଧିକ ମୋଡିଫାଏଡ ସାଇଲେନ୍ସର ଉପରେ ଚଢ଼ିଲା ରୋଲର



**ଭଦ୍ରକ,୫।୮ (ସଂଚାର ବ୍ୟୁରୋ):** ମୋଡ଼ିଫାଏଡ ସାଇଲେନ୍ସର ଲଗାଇ ବିକଟାଳ ଶବ୍ଦ କରୁଥିଲା ବାଇକ୍। ବାଇକ୍ ଗୁଡ଼ିକରୁ ମୋଡ଼ିଫାଏଡ ସାଇଲେନ୍ସର ଜବତ କରିବା ସହ ଜରିମାନା ଲଗାଇଥିଲା ପୋଲିସ । ଏବେ ଜବତ ମୋଡ଼ିଫାଏଡ ସାଇଲେନ୍ସର ଉପରେ ରୋଲର ଚଢାଇ ନଷ୍ଟ କରିଛି ପୋଲିସ । ଭଦ୍ରକ ସହରାଞ୍ଚଳ ପୋଲିସ ଗତ ମାସେ ହେବ ସହର ଭିତରେ ସ୍ୱତନ୍ତ୍ର ଡ୍ରାଇଭ୍ କରି ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାଇକ୍ ଜବତ କରିଥିଲା। ପରେ ଯେଉଁ ଗାଡ଼ି ଗୁଡ଼ିକରେ ଅରିଜିନାଲ ସାଇଲେନ୍ସର ଖୋଲି ମୋଡ଼ିଫାଏଡ ସାଇଲେନ୍ସର ଲଗାଇଥିଲେ ସେହି ଗାଡ଼ି ଗୁଡ଼ିକ ଉପରେ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଲଗାଇବା ସହ ମୋଡ଼ିଫାଏଡ ସାଇଲେନ୍ସର ଜବତ କରିଥିଲା । ପରେ ପ୍ରାୟ ୨୫୦ରୁ ଅଧିକ ଜବତ ମୋଡ଼ିଫାଏଡ ସାଇଲେନ୍ସର ଉପରେ ରୋଲର ଚଢାଇ ନଷ୍ଟ କରିଛି । ଆଗାମୀ ଦିନରେ ମୋଡ଼ିଫାଏଡ ସାଇଲେନ୍ସର ଲଗାଇଥିବା ବାଇକ୍ ଓ ବିକ୍ରି କରୁଥିବା ଦୋକାନ ଉପରେ ମଧ ଆକ୍ସନ ହେବ ବୋଲି କହିଛନ୍ତି ଭଦ୍ରକ ସହରାଞ୍ଚଳ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ।

## ଅନଲାଇନ ଉପସ୍ଥାନକୁ ଶିକ୍ଷକ ସଙ୍ଘର ବିରୋଧ

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କାକଟପୁର/ଅସ୍ତରଙ୍ଗ,୫।୮ (ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ଅନଲାଇନରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଉପସ୍ଥାନ ନେବା ନିର୍ଦ୍ଦେଶକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ "ମିଳିତ ଶିକ୍ଷକ ସଙ୍ଘ "ଅସ୍ତରଙ୍ଗ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ମଙ୍ଗଳବାର ଦିନ ମଧାହ୍ନରେ ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଙ୍ଘ, ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଙ୍ଘ, ଅଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଙ୍ଘ ଆଦି ପକ୍ଷରୁ ଏକ ଶୋଭାଯାତ୍ରା ସ୍ଥାନୀୟ ସମଗ୍ର ଶିକ୍ଷା କାର୍ଯ୍ୟାଳୟରୁ ବାହାରି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଠାରେ ମିଳିତ ଶିକ୍ଷକ ସଙ୍ଘ ସଭାପତି ବିପିନ ବିହାରୀ ମହାନ୍ତି, ସମ୍ପାଦକ ନିରଞ୍ଜନ ବେହେରା, ମହାସଚିବ ମଙ୍ଗୁଳି ଚରଣ ଦାସ, କାର୍ଯ୍ୟକାରୀ ସଭାପତି ନାରାୟଣ ପରିଡା ପ୍ରମୁଖ ବିନା ଭିତ୍ତିଭୂମିରେ ରାଜ୍ୟ ସରକାରଙ୍କ ଅନଲାଇନ ଉପସ୍ଥାନ ନିର୍ଦ୍ଦେଶକୁ ଜୋରଦାର ବିରୋଧ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଥମେ ଏ ବାବଦରେ ଉପଯୁକ୍ତ ଭିତ୍ତିଭୂମିର ବିକାଶ କରି ଅନଲାଇନ ଉପସ୍ଥାନ ପାଇଁ ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡିକୁ ଯୋଗାଇ ନ ଦେଇ କେବଳ ଅନଲାଇନି ଉପସ୍ଥାନ ପାଇଁ ଚିଠି କରିଥିବାରୁ ମିଳିତ ଶିକ୍ଷକ ସଙ୍ଘ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯାଇଛି।




## ଫସଲ ବୀମା ରଥ ଉଦ୍‌ଘାଟିତ



**ବ୍ରହ୍ମପୁର,୫।୮ (ସଂଚାର ବ୍ୟୁରୋ):** ଚାଷୀ ମାନଙ୍କ ଫସଲ ସୁରକ୍ଷା ପାଇଁ ଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର "ବୀମା ରଥ"ଉଦଘାଟିତ ହୋଇଯାଇଛି। ଜିଲ୍ଲା ମୂଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ପତାକା ଦେଖାଇ ଏହି ପ୍ରଚାର ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଫସଲ ବୀମାର ଉପଯୋଗୀତା ସମ୍ପର୍କରେ ଚାଷୀ ଭାଇ ମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ବ୍ଲକ ପରିଭ୍ରମଣ କରିବ। ସୂଚନା ଯୋଗ୍ୟ, ଅଣ ଋଣୀ ଚାଷୀ ଭାଇ ମାନଙ୍କ ପାଇଁ ପଞ୍ଜିକରଣ ତିଥି ଅଗଷ୍ଟ ୧୪ ପଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରତିଟି ପ୍ଲଟ ପିଛା ମାତ୍ର ଏକ ଟଙ୍କା ଦେଇ ଚାଷୀ ବିଜ୍ଞାପିତ ଫସଲର ବୀମା, ନିକଟସ୍ଥ ଜନସେବା କେନ୍ଦ୍ର, ବ୍ୟାଙ୍କ, ସମବାୟ ସମିତିରେ ଚାଷୀ କରି ପାରିବେ। ହେକ୍ଟର ପିଛା ଜଳସେଚିତ ଜମିର କ୍ଷୟକ୍ଷତି ପାଇଁ ୯୭,୫୦୦ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ମିଳିବାର ସୁବିଧା ଏହି ଯୋଜନାରେ ରହିଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଜିଲ୍ଲା କୃଷି ବିଭାଗ ନୋଡାଲ ଅଧିକାରୀ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ରିଲାଏନ୍ସ ଜିଲ୍ଲା ସଂଯୋଜକ ସୌମ୍ୟ ମହାପାତ୍ର ପରିଚାଳନା କରିଥିଲେ। ଏହାସହ ରିଲାଏନ୍ସ ରିସ୍କ ଟିମ୍ ସଂଯୋଜକ ସନ୍ତୋଷ ମହାକୁଡ଼ ,ସମସ୍ତ କୃଷି ବିଭାଗ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

**କଙ୍କଡାପାଳ ଡଙ୍ଗାବୁଡ଼ି ଘଟଣା**

## ବଡ଼ପୁଅର ମୃତଦେହ ଉଦ୍ଧାର, ଏବେ ବି ମିଳିନି ବାପାଙ୍କ ପତ୍ତା

**ବାଲିଆପାଳ,୫।୮ (ସଂଚାର ବ୍ୟୁରୋ):** ସମୁଦ୍ରକୁ ମାଛ ମାରିବାକୁ ଯାଇ ନିଖୋଜ ଥିବା ବଡ ପୁଅ ରବୀନ୍ଦ୍ର ଗିରି(୩୮) ମୃତଦେହ ୩ ଦିନ ପରେ ଉଦ୍ଧାର ହୋଇଛି। ତେବେ ଏବେ ବି ବାପା ଗୋପାଳ ଗିରିଙ୍କ ପତ୍ତା ମିଳିପାରିନାହିଁ। ପଶ୍ଚିମବଙ୍ଗ ସେଉଳା ମୁହାଣ ନିକଟରୁ ଉଦ୍ଧାର ହୋଇଛି। ଅପରାହ୍ନରେ ପରିବାର ଲୋକେ ମୃତଦେହକୁ ଚିହ୍ନଟ ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି। ରବିବାର ଜଗନ୍ନାଥ ଏବଂ ମଧୁସୂଦନକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରଯାଇଥିଲା। ସେମାନଙ୍କଠାରୁ ରବୀନ୍ଦ୍ର ଜୀବନ୍ତ ଥିବା ସୂଚନା ମିଳିଥିଲା। ତେବେ ଏହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ସାମାନ୍ୟ ଆଶାର ସଂଚାର ହୋଇଥିଲା । ଓଡିଶା ଏବଂ ପଶ୍ଚିମବଙ୍ଗ ପ୍ରଶାସନ ସ୍ଥାନୀୟ ମତ୍ସ୍ୟଜୀବି ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ପ୍ରକ୍ରିୟା ଗ୍ରହଣ କରାଯାଇଥିଲା। ତେବେ ଆଜି ରବୀନ୍ଦ୍ରଙ୍କ ମୃତଦେହ ମିଳିବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ରାସ୍ତା ଜବରଦଖଲ ଯୋଗୁଁ ବଢୁଛି ଦୁର୍ଘଟଣା, ଯାତାୟାତରେ ସମସ୍ୟା



**ନାଉଗାଁ,୫।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ପୂର୍ତ୍ତ ବିଭାଗର ବିଭିନ୍ନ ରାସ୍ତା ରହିଛି। ଏହି ରାସ୍ତାରେ ପ୍ରତ୍ୟହ ଯାତ୍ରୀବାହୀ, ମାଲବାହୀ ଗାଡି ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଗ୍ରାମ ରହିଥିବା ବେଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ରହିଅଛି। ପ୍ରତ୍ୟେହ ଏହି ରାସ୍ତା ଦେଇ ବିଭିନ୍ନ କାର୍ଯ୍ୟରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଯିବା ଆସିବା କରିଥାନ୍ତି। ସହଜ ଓ ସୁବିଧାରେ ଯାତାୟାତ ପାଇଁ ବିଭାଗ ପକ୍ଷରୁ ରାସ୍ତା ମରାମତି, ପୁନଃ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣ ମଧ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜନସାଧାରଣ ଯାତାୟାତ ପାଇଁ ରାସ୍ତା ନିର୍ମାଣ କରାଯାଇଥିଲେ ମଧ ଜବରଦଖଲ ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ମୁଖ୍ୟତଃ ଏହି ବ୍ଲକରେ ଥିବା ବାଲିଭଉଁରୀ-ଶିଖରଘାଟ ରାସ୍ତା ଓ କୋକିଢିଅ-ତେଲସରା ରାସ୍ତାର ବର୍ମ ଜବରଦଖଲକାରୀଙ୍କ କବଜାରେ ରହିଛି। ଏହି ରାସ୍ତା ପାର୍ଶ୍ୱ (ବର୍ମ)ରେ କୋକିଢିହ, ଗଙ୍ଗଦାହାଟରୁ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟ ମଧରେ କେତେକ ବ୍ୟବସାୟ ବର୍ଷ ବର୍ଷ ଧରି ଗୋଡି ରଖି ବ୍ୟବସାୟ କରୁଛନ୍ତି। ଟ୍ରକରେ ଗୋଡି ଆଣି ରାସ୍ତାର ବର୍ମରେ ଅନଲୋଡ କରିବା ସମୟରେ ରାସ୍ତା ଉପରେ ଟ୍ରକ ରଖାଯାଉଛି। ଏପରିକି ଗୋଡି ଟ୍ରାକ୍ଟରରେ ଲୋଡ କରିବା ସମୟରେ ମଧ ରାସ୍ତା ଉପରେ ଟ୍ରକ୍ଟାର ରଖାଯାଉଛି। ଗୋଡି ଅନଲୋଡ ଓ ଲୋଡ ସମୟରେ ଗୋଡିରୁ ଧୁସ ଉଡୁଥିବା ବେଳେ ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣଙ୍କ ଆଖିରେ ପଶୁଛି। ସେହିପରି କେତେକ ଲୋକ ରାସ୍ତା ପାର୍ଶ୍ୱରେ ଗ୍ୟାରେଜ କରି ରାସ୍ତା ଉପରେ ଗାଡି ଧୁଆ ଧୋଇ କରୁଛନ୍ତି। ବର୍ତ୍ତମାନ ବର୍ଷା ଦିନ ଚାଲିଥିବା ବେଳେ ଚାଷ କାର୍ଯ୍ୟ ମଧ ଜାରି ରହିଛି। ଚାଷ କାର୍ଯ୍ୟରେ ଟ୍ରାକ୍ଟର ଆଦି ନିୟୋଜିତ ହେଉଥିବା ବେଳେ ଗାଡି ଗୁଡିକ କାଦୁଅ ହୋଇ ରାସ୍ତା ଉପରେ ରଖି ଧୂଆ ଧୋଇ କରୁଛନ୍ତି। ଯାହାଫଳରେ ରାସ୍ତାରେ କାଦୁଅ ଜମା ହୋଇ ରହୁଛି। ସାମାନ୍ୟ ବର୍ଷା ହେଲେ ଉକ୍ତ କାଦୁଅ ରାସ୍ତା ସାରା ପଡୁଛି। ଯାହାଫଳରେ କାଦୁଅରେ ଗାଡି କିମ୍ବା ସାଇକେଲରେ ଯିବା ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ସାଧାରଣ ରାସ୍ତାକୁ ଅବରୋଧ କିମ୍ବା ଜବରଦଖଲ କରି ରଖିବା ଦଣ୍ଡନୀୟ ଅପରାଧ ଅଟେ। ରାସ୍ତା ଅବରୋଧ କରି ରଖିଥିବା ବ୍ୟକ୍ତି ବିଶେଷଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସେମାନେ ରାସ୍ତାରେ ବିଭିନ୍ନ ଜିନିଷ ରଖି ବ୍ୟବସାୟ କରୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କେନାଲ ବନ୍ଧ ସଫେଇରେ ଦୁର୍ନୀତି ଅଭିଯୋଗ

### ମିଥ୍ୟା ବିଲ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ଚଳୁ କରିବାକୁ ପ୍ରୟାସ

### ଭିଜିଲାନ୍ସ ତଦନ୍ତ ଦାବି

### ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରା



**କାକଟପୁର/ଅସ୍ତରଙ୍ଗ,୫।୮ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ ମଧ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିତ ସଲାସୁତୁରା ପାଇଁ ସରକାରଙ୍କ ଏହି ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଆବଶ୍ୟକୀୟ ସ୍ଥଳେ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର କରି ଠିକାଦାର ଓ ଯନ୍ତ୍ରୀଙ୍କ ସଲା ସୁତୁରାରେ ମିଥ୍ୟା ବିଲ ପ୍ରସ୍ତୁତ କରାଯାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଉଛି।

ମିଳିଥିବା ଖବର ମୁତାବକ, ନିମାପଡା ଜଳ ସମ୍ପଦ ବିଭାଗ ଅଧୀନ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ପଂଚାୟତ ଦେଇ ଯାଇଥିବା କେନାଲ ସହ ଅନ୍ୟାନ୍ୟ ଛୋଟ ମୋଟ କେନାଲରେ ପାଣି ନିଷ୍କାସନ ପାଇଁ ଶଯ୍ୟା ଖନନ ବ୍ୟବସ୍ଥା ଓ କେନାଲ ବନ୍ଧ ଘାସ ଛାଞ୍ଚିବା, ସଫେଇ କରାଯାଉଛି। ଏହି ସଫେଇ କାର୍ଯ୍ୟ ଜୁଲାଇ ମାସ ପୂର୍ବରୁ କରାଯିବା କଥା। ମାତ୍ର ବିଭାଗର ତରଫରୁ ବିଳମ୍ବ ସତ୍ତ୍ୱେ ମଧ ଜୁଲାଇ ମାସରେ ସଫେଇ କରାଯାଇଛି। ଗ୍ରୀଷ୍ମ ଦିନରେ ଶୋଇ ପଡ଼ିଥିବା ବେଳେ ଶ୍ରାବଣ ମାସରେ ତର ବରିଆ ଭାବେ କେନାଲ ବନ୍ଧ ସଫେଇ ଅନେକ ସ୍ଥାନରେ ହୋଇଛି। କିନ୍ତୁ ଅଗଷ୍ଟ ମାସ ହୋଇଥିଲେ ମଧ ନାଗପୁର ଦେଇ ଯାଇଥିବା କେନାଲ ଏ ପର୍ଯ୍ୟନ୍ତ ସଫେଇ ହୋଇନି। ଯାହା ଲୋକେସନ ଟ୍ୟାଗ ଫୋଟ ପ୍ରମାଣ ସ୍ୱରୂପ ଉଚ୍ଚ ସ୍ତରୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କୁ ଏକ୍ସ ମାଧ୍ୟମରେ ଅବଗତ କରାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସଫେଇ କାର୍ଯ୍ୟ ଶ୍ରମିକଙ୍କ ଦ୍ୱାରା କରାଯିବା କଥା। ମାତ୍ର ଠିକାଦାର ଲାଭଖୋର ମନୋଭାବ ରଖି ଶ୍ରମିକ ବଦଳରେ ମେସିନ ନିୟୋଜିତ କରି କାର୍ଯ୍ୟ ନିର୍ବାହ କରିଛନ୍ତି। ଏହା ଫଳରେ କେନାଲ ବନ୍ଧ ଦୁର୍ବଳ ହେଉଥିବା ପରିଲିକ୍ଷିତ ହେଉଛି। ବିଶେଷ କରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଦେଇ ଯାଇଥିବା କେନାଲରେ ଘାସ ଛାଞ୍ଚିବା ସହ ଜଙ୍ଗଲ ସଫେଇ ପାଇଁ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଇଛି। ମାତ୍ର ଯନ୍ତ୍ରୀଙ୍କ ଅବହେଳା ଓ ଠିକାଦାରଙ୍କ ମନମୁଖି ନୀତି ପାଇଁ ଏହି ସଫେଇ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଅନେକ ସ୍ଥାନରେ କେନାଲ ସଫେଇ ହୋଇନାହିଁ। ମେସିନ ନିୟୋଜିତ କରି ଠିକାଦାର"ର "୦ "ଭାବେ ଏହି ସଫେଇ କାର୍ଯ୍ୟ କରିଥିବାରୁ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ଏଭଳି ଚରମ ଅବହେଳା ପାଇଁ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଅପବ୍ୟୟ ହେଉଥିବା ଅଭିଯୋଗ ହେଉଛି। ତେବେ ଏହି ବିଭାଗ ଅଧୀନରେ ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିର ଫର୍ଦାଫାସ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଏନ୍‌ସିସି ସିଏଟିସି କ୍ୟାମ୍ପ-୨୦୨୫ ଉଦ୍‌ଯାପିତ






**ଭୁବନେଶ୍ୱର,୫।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଆୟୋଜିତ ଏକ ୧୦ ଦିନିଆ ଏନ୍‌ସିସି କମ୍ବାଇନଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ (ସିଏଟିସି) ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ୟାମ୍ପ ୪ (ଓ) କଟକ ଓ ୧ (ଓ) ମେଡିକାଲ୍ ୟୁନିଟର ସହଯୋଗରେ ଜୁଲାଇ ୨୩ ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଶିକ୍ଷା ସଂସ୍ଥାନରୁ ପ୍ରାୟ ୪୨୦ ଜଣ ଏନ୍‌ସିସି କ୍ୟାଡେଟ ଏବଂ ୩୦ ଜଣ ସେନା କର୍ମଚାରୀ ଏନ୍‌ସିସି ସିଏଟିସି କ୍ୟାମ୍ପ ୨୦୨୫ରେ ଅଂଶ ଗ୍ରହଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ୪ (ଓ) କଟକର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ଶାନ୍ତନୁ ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କ୍ୟାମ୍ପର ଶୁଭାରମ୍ଭ କରିବା ସହ କ୍ୟାଡେଟମାନଙ୍କୁ ଦୈନିକ କ୍ରିୟାକଳାପ, ଅନୁଶାସନ, ସହଯୋଗ ଓ ଜାତୀୟ ଭାବନାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପରେ ଅଂଶ ଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ହେଲେ ଏମ୍‌ଏସ୍ ହାଇସ୍କୁଲ, ଏଏନ୍ ହାଇସ୍କୁଲ, ଏମ୍‌ପିଏଲ୍ ସ୍କୁଲ, ଭକ୍ତ ମଧୁ ପବ୍ଲିକ ସ୍କୁଲ, ରାଣିହାଟ ହାଇସ୍କୁଲ, କେଡବ୍ଲ୍ୟୁଏସ୍ ଜରିପଡ଼ା, କଖଡି ହାଇସ୍କୁଲ୍, ସିସି ସ୍କୁଲ, ବାଦାମବାଡି ହାଇସ୍କୁଲ, ଶୈଳଗୋବିନ୍ଦପୁର ହାଇସ୍କୁଲ, ସଇଦ୍ ସେମିନାରୀ, ଗୁରୁନାନକ ହାଇସ୍କୁଲ ଏବଂ ମହାବିଦ୍ୟାଳୟ ଭାବେ ଆଇଟିଇଆର, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଏବଂ ଆର୍ଯ୍ୟନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜି।

ଏହି ଶିବିରରେ କ୍ୟାଡେଟମାନେ ଶାରୀରିକ ଅଭ୍ୟାସ, ଏନ୍‌ସିସି ବିଷୟରେ ଥିଓରୀ କ୍ଲାସ, ମ୍ୟାପ୍ ରିଡିଙ୍ଗ୍, ଇଣ୍ଡିଆନ୍ ଜିଓଗ୍ରାଫି ଉପରେ ଶିକ୍ଷା ଗ୍ରହଣ କରିଥିବା ବେଳେ ଗାର୍ଡ ଅଫ୍ ଅନର୍, ପାଇଲଟିଂ ଏବଂ ନେତୃତ୍ୱ ପ୍ରଶିକ୍ଷଣ ନେଇଥିଲେ।

## କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ (ପିଏମ୍‌ପିଏମ୍‌ସି) ଓ ଫୁଲବାଣୀର ସରକାରୀ ମେଡିକାଲ କଲେଜ (ଜିଏମ୍‌ସି)ର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର (ଏଲ୍‌ଓପି) ପାଇଁ ନିବେଦନ କରିବା ସହ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

» ସାଥୀରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ବି ମହଜୁଦ

» ୨ ମେଡିକାଲ୍ କଲେଜ ଏଲ୍‌ଓପି ପାଇଁ ନିବେଦନ

୨୦୨୫-୨୬ ଶିକ୍ଷା ବର୍ଷରେ ଉଭୟ କଲେଜରେ ଶହେ ଜଣ ଲେଖାଏଁ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ଭର୍ତ୍ତି ପାଇଁ ଏଲ୍‌ଓପି ହାସଲ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତ୍ୱରିତ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ ଯେ ନୂତନ ଭାବେ ପ୍ରତିଷ୍ଠିତ ୨ ମେଡିକାଲ୍ କଲେଜର ଡିନ ଓ ଅଧ୍ୟକ୍ଷ ନିଜ ଏଲ୍‌ଓପି ପାଇଁ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନ୍‌ଏମ୍‌ସି ଟିମ ମଧ୍ୟ ଗତ ଜୁନ୍ ୨୩ରେ ପିଏମ୍‌ପିଏମ୍‌ସି ଓ ମେ' ୨୮ରେ ଜିଏମ୍‌ସିର ଭୌତିକ ନିରୀକ୍ଷଣ କରିଥିଲେ। ଏଲ୍‌ଓପି ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇଟି କଲେଜ ଯୋଡ଼ିହେବ। ଏଥିସହ ୧୬ଟି ସରକାରୀ କଲେଜରେ ସମୁଦାୟ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୧୮୦୦କୁ ବଢ଼ିବ। ସାକ୍ଷାତାଲୋଚନା ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ରବି ନାରାୟଣ ନାଏକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ର ଶିଳାନ୍ୟାସ

## ତାରକସି ହବକୁ ମିଳିବ ଐତିହ୍ୟ ଶିଳ୍ପୀ ଗ୍ରାମ ମାନ୍ୟତା: ଉପମୁଖ୍ୟମନ୍ତ୍ରୀ



**କଟକ,୫।୮(ସଂଚାର ବ୍ୟୁରୋ):** ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଂଚାଇବା ନିମନ୍ତେ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି କଟକ ସିଡିଏ ସେକ୍ଟର-୬ସ୍ଥିତ ବିଡ଼ାନାସୀ ପେଟାନାଳଠାରେ ଶିଳାନ୍ୟାସ କରିବା ଅବସରରେ ଉକ୍ତ କେନ୍ଦ୍ର କଟକର ପରମ୍ପରାକୁ ବଜାୟ ରଖିବା ସହ ନବସୃଜନକୁ ଆପଣାଇ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକକୁ ଏକ ସ୍ୱତନ୍ତ୍ର ପରିଚିତ ଦେବ ବୋଲି କହିଛନ୍ତି। ପ୍ରାୟ ସାଢ଼େ ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ୧୫୦୦ ବର୍ଗଫୁଟ ଆୟତନର ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ ସହ କାରିଗରଙ୍କୁ ତାଲିମ ଓ ବଜାର ସୁବିଧା ଆଦି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ। ଏହା ଆଗାମୀ ପିଢ଼ିର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ। ଆଜି କଟକ ସହରରେ ୫୦୦ କାରିଗର ଥିବାବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ, ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବ। କଟକର ସ୍ୱାଭିମାନ କଟକ ତାରକସିର ଚମକ ଯେଭଳି ବିଶ୍ୱ ଦରବାରରେ ସ୍ଥାନ ପାଇବ, ସେ ଦିଗରେ ଏହି ସୁବିଧା କେନ୍ଦ୍ର କାର୍ଯ୍ୟ କରିବ। ଏହା ଷ୍ଟାର୍ଟ ଅପ୍‌ମାନଙ୍କୁ ମଧ୍ୟ ଦିଗଦର୍ଶନ ଦେବ। ଭୋକାଲ ଫର ଲୋକାଲ ଓ ଲୋକାଲ ଟୁ ଗ୍ଲୋବାଲ ମନ୍ତ୍ରରେ ଏହି ସୁବିଧା କେନ୍ଦ୍ରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ। ଏଠାରେ ଦର୍ଶକ ସ୍ୱଚକ୍ଷୁରେ ତାରକସି ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀ ଦେଖିପାରିବେ। ତାରକସି ଭଳି ଏକ କଠିନ କାର୍ଯ୍ୟକୁ କିଭଳି ଆମ କାରିଗରମାନେ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିଛନ୍ତି, ତାହା ଏହି ସୁବିଧା କେନ୍ଦ୍ରରେ ସଂରକ୍ଷିତ ହୋଇ ରହିବ। କଟକର ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୮ ମାସ ମଧ୍ୟରେ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

ଏହି ଅବସରରେ ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୋସ କହିଛନ୍ତି ଯେ ତାରକସି କେବଳ ଆଭୂଷଣରେ ସୀମିତ ହୋଇ ରହିବ ନାହିଁ, ଏହା କାରିଗର ପରିବାର ସହ କଟକକୁ ଏହାର ଚମକରେ ଋଦ୍ଧିମନ୍ତ କରିବ। ଏହାଦ୍ୱାରା ପ୍ରତ୍ୟେକ କଟକବାସୀଙ୍କ ସ୍ୱପ୍ନ ମଧ୍ୟ ପୂରଣ ହେବ। ତେଲଙ୍ଗାନାର କରିମ ନଗର ଓ ବଡ଼ ବଜାର ଭଳି ରୌପ୍ୟ ତାରକସି ପାଇଁ ଏହି ସୁବିଧା କେନ୍ଦ୍ର ନିଜର ପରିଚୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି କେନ୍ଦ୍ର କାରିଗରମାନଙ୍କ ତାଲିମ କ୍ଷେତ୍ରରେ ଲାଭଦାୟକ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ଥିଲେ। ଶେଷରେ କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋଟା ଧନ୍ୟବାଦ ଦେଇଥିଲେ।

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

● ଆଜି ପୂର୍ବାହ୍ନ ୧୧ଟାରୁ ପଞ୍ଜିକରଣ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଆସନ୍ତା ସୋମବାର ଅର୍ଥାତ୍ ଅଗଷ୍ଟ ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଉକ୍ତଦିନ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ନ ୧୧ଠାରୁ ଆରମ୍ଭ ହୋଇ ସର୍ବାଧିକ ଏକ ହଜାର ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜ ଅଭିଯୋଗପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

### ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ

## ଓଡ଼ିଶାରେ ନିବେଶ ପାଇଁ କୃଷି ଉଦ୍ୟୋଗୀଙ୍କୁ ଦେଲେ ଆମନ୍ତ୍ରଣ




**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦୟ ଇଣ୍ଡିଆ ପ୍ରାୟୋଜିତ ନୂଆଦିଲ୍ଲୀ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଆଜି ଅନୁଷ୍ଠିତ ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଯୋଗଦେଇଛନ୍ତି। ଭାରତରେ ୬୦ ନିୟୁତ ହେକ୍ଟରରୁ ଅଧିକ ଅନୁର୍ବର କିମ୍ବା ଅବ୍ୟବହୃତ ଜମି ରହିଥିବା ବେଳେ ଏଥିରୁ ପ୍ରାୟ ୨୦ ନିୟୁତ ଜୈବିକ କୃଷି ପାଇଁ ଉପଯୁକ୍ତ। ଜୈବିକ ଉତ୍ପାଦର ବିଶ୍ୱ ଚାହିଦା ବୃଦ୍ଧି ପାଇବା ସହ ଏହା ଆମ କୃଷକମାନଙ୍କ ପାଇଁ ସ୍ଥାୟୀ କୃଷି କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ନେବାର ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ବଳଭଦ୍ର ଜୈବିକ ଚାଷ ମିଶନ ସହ ଆମେ ପ୍ରାଚୀନ ଆଦିବାସୀ ଅଞ୍ଚଳଗୁଡ଼ିକୁ ଜୈବିକ କ୍ଲଷ୍ଟରରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଆମର ଚାଷଯୋଗ୍ୟ ଜମିର ପ୍ରାୟ ୩୨ ପ୍ରତିଶତରେ ସର୍ବନିମ୍ନ ରାସାୟନିକ ବ୍ୟବହାର ହେଉଛି। ଏବେ ଆମେ ଗୋଟିଏ ଜିଲ୍ଲା-ଗୋଟିଏ ଜୈବିକ କ୍ଲଷ୍ଟର, ଆମ୍ବ, ହଳଦୀ, ବାଜରା ଓ ଅଦା ପାଇଁ କୃଷି-ପ୍ରକ୍ରିୟାକରଣ ୟୁନିଟ୍, ରପ୍ତାନି-ମୁଖୀ କୃଷି ପାର୍କ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏଫପିଓ ସହ ଜଡ଼ିତ ହୋଇ ଜୈବିକ ମୂଲ୍ୟ ଶୃଙ୍ଖଳ, ମାଣ୍ଡିଆ ଓ ବାଜରା-ଭିତ୍ତିକ ଉଦ୍ୟୋଗ ଏବଂ ଇକୋ-କୃଷି ହବ୍ ବୃଦ୍ଧି କରୁଛୁ। ନିବେଶକ ଓ ଉଦ୍ଭାବକମାନଙ୍କ ପାଇଁ ଓଡ଼ିଶା ଦୃଢ଼ ନୀତି, ଜମି, ବିଦ୍ୟୁତ୍, ସବସିଡି, ପୁଞ୍ଜି ପ୍ରୋତ୍ସାହନ ଏବଂ ଫାଷ୍ଟ-ଟ୍ରାକ୍ ମଞ୍ଜୁରୀ ପ୍ରଦାନ କରୁଛି ବୋଲି ମତ ଦେବା ସହ ଶ୍ରୀ ସିଂହଦେଓ ବିଶ୍ୱସ୍ତରୀୟ ଅଂଶୀଦାର ଓ କୃଷି ଉଦ୍ୟୋଗୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରି ଏହି ପରିବର୍ତ୍ତନରେ ଭାଗୀଦାର ହେବାକୁ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ନରଓ୍ୱେର କୃଷି ଉଦ୍ୟୋଗୀ ଓଡ଼ିଶାର ପରିବେଶ-କୃଷି କ୍ଷେତ୍ରକୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ 'ଉଦୟ ଇଣ୍ଡିଆ' ପତ୍ରିକାର ସମ୍ପାଦକ ଦୀପକ କୁମାର ରଥ, ନୀତି ନିର୍ଦ୍ଧାରକ, କୃଷି-ବ୍ୟବସାୟୀ ନେତା, ଚାଷୀ ସଂଗଠନ, ଭୂମି ସଂସ୍କାର ରପ୍ତାନି ଏବଂ ବିକାଶ ସଂସ୍ଥା ଯୋଗଦେଇଥିଲେ।

## ସବୁ ରାଜସ୍ୱ କାର୍ଯ୍ୟାଳୟରେ ଲାଗିବ ବାୟୋମେଟ୍ରିକ

### ସାବାଡ଼ ହେବେ କର୍ମଚାରୀ



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଏଣିକି ଆଉ ଅଫିସକୁ ମନଇଚ୍ଛା ଆସିପାରିବେନି ସରକାରୀ କର୍ମଚାରୀ। ଯଦି କେହି ବି ବିଳମ୍ବରେ ଆସିବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। କାରଣ ଏଣିକି ସବୁ ରାଜସ୍ୱ କାର୍ଯ୍ୟାଳୟରେ ଲାଗିବ ବାୟୋମେଟ୍ରିକ। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଲାଗୁ ହେବା ପାଇଁ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ସମସ୍ତ ଜିଲ୍ଲାପାଳଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି। ଯେଉଁସବୁ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା ନାହିଁ, ସେଠାରେ ତୁରନ୍ତ ଏହି ବ୍ୟବସ୍ଥା କରିବାକୁ କୁହାଯାଇଛି। ଅର୍ଥାତ୍ ସବୁ ବିଭାଗ ବାୟୋମେଟ୍ରିକ ବ୍ୟବସ୍ଥା କାର୍ଯ୍ୟକ୍ଷମ ନେଇ ସୁନିଶ୍ଚିତ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। କନିଷ୍ଠ କର୍ମଚାରୀଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚ ପଦବୀରେ ଥିବା ଅଧିକାରୀଙ୍କ ପାଇଁ ଏହା ଲାଗୁ ହେବ। ଅଫିସକୁ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ଅଭିଯୋଗ ହେଉଥିବା ବେଳେ ଏଥିରେ ରୋକ ଲଗାଇବା ସକାଶେ ରାଜ୍ୟ ସରକାରଙ୍କ ସବୁ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କଡ଼ାକଡ଼ି ହେବ। ଏ ସଂକ୍ରାନ୍ତ ଡାଟାକୁ ଏନଆଇସି ଦ୍ୱାରା ବିକଶିତ ବାୟୋମେଟ୍ରିକ ଆଟେଣ୍ଡାନ୍ସ ସିଷ୍ଟମ ପୋର୍ଟାଲ ସହ ଲିଙ୍କ କରିବାକୁ କୁହାଯାଇଛି। ସବୁ ସରକାରୀ କର୍ମଚାରୀ ଅଫିସରେ ପହଞ୍ଚିବା ଓ ଅଫିସ ଛାଡ଼ିବା ସମୟରେ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥାରେ ସେମାନଙ୍କ ଉପସ୍ଥାନ ଦେବେ। ଏହାଦ୍ୱାରା ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଅଧିକ ଶୃଙ୍ଖଳିତ ହେବ ଓ ଜନସାଧାରଣଙ୍କୁ ଏହାର ଫାଇଦା ମିଳିବ ବୋଲି ଆଶା କରାଯାଉଛି।

## ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

● ଗୁଣି ସନ୍ଦେହରେ ହତ୍ୟା ଅଭିଯୋଗ

**ରାୟଗଡ଼ା/ଲାଞ୍ଜିଗଡ଼,୫।୮(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଦହିଖାଲ ରେଳ ଧାରଣାରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ଗୁଣିଗାରେଡ଼ି ସନ୍ଦେହରେ ଉକ୍ତ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ବୃଦ୍ଧ ଜଣଙ୍କ ଗତ ୩୦ ତାରିଖରୁ ନିଖୋଜ ଥିଲେ। ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ପାଇନଥିଲେ। ତେବେ ଆଜି ରାୟଗଡ଼ା ଦହିଖାଲ ରେଳ ଧାରଣାରେ ଜଣେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

### ଏକ ଯୁଗର ଅନ୍ତ

## ସେପ୍ଟେମ୍ବର ୧ରୁ ବନ୍ଦ ହେବ ଆର୍‌ପିଏସ୍

**ନୂଆଦିଲ୍ଲୀ,୫।୮:** ଭାରତୀୟ ଡାକ ବିଭାଗ ଏହାର ବହୁପୁରୁଣା ସେବା ରେଜିଷ୍ଟର୍‌ଡ ପୋଷ୍ଟ୍ ସର୍ଭିସ୍ (ଆର୍‌ପିଏସ୍)କୁ ବନ୍ଦ କରିବ। ଆସନ୍ତା ୧ ତାରିଖରୁ ଏହି ସେବାରେ ପୂର୍ଣ୍ଣଚ୍ଛେଦ ଲାଗିବ। ଫଳତଃ ୫୦ ବର୍ଷ ଧରି ଚାଲିଥିବା ଏହି ନିର୍ଭରଯୋଗ୍ୟ ସେବାର ଏକ ଯୁଗର ଶେଷ ହେବ। ଆସନ୍ତା ୧ରୁ ଡାକସେବାର ଆଧୁନିକୀକରଣ ଲକ୍ଷ୍ୟରେ ସ୍ପିଡପୋଷ୍ଟ ସହ ଏକ ରଣନୈତିକ ସମନ୍ୱୟର ଅଂଶ ଭାବେ ଏହି ସେବାକୁ ପର୍ଯ୍ୟାୟ କ୍ରମେ ବନ୍ଦ କରାଯିବ। ଦୀର୍ଘ ୫୦ ବର୍ଷ ଧରି ଏହି ସେବା ଚାକିରି ପ୍ରସ୍ତାବ, ଆଇନଗତ ନୋଟିସ ଓ ସରକାରୀ ଚିଠିପତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ପ୍ରଦାନ କ୍ଷେତ୍ରରେ ଲକ୍ଷ ଲକ୍ଷ ଭାରତୀୟଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସାମ୍ପ୍ରତିକ ସମୟରେ ଡିଜିଟାଲ୍ ଗ୍ରହର ଏବଂ ଘରୋଇ କୋରିଅର୍ ସ ଇ-କମର୍ସ ଲଜିଷ୍ଟିକ୍ସ ସହ ଏହା ପ୍ରତିଯୋଗିତା କରିବା ସ୍ଥିତିରେ ନ ଥିବାରୁ ଡାକ ବିଭାଗର ସଚିବ ଓ ମହାନିର୍ଦ୍ଦେଶକ ଆସନ୍ତା ୧ ସୁଦ୍ଧା ଏହାକୁ ବନ୍ଦ କରିବା ସହ ସମସ୍ତ ବିଭାଗ, କୋର୍ଟ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବହାରକାରୀଙ୍କୁ ନୂତନ ବ୍ୟବସ୍ଥାର ଉପଯୋଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଫସିଲେ ବିମାନବନ୍ଦର ନିର୍ଦ୍ଦେଶକ

### ମରଣାନ୍ତକ ଆକ୍ରମଣ ସହ ଜାତିଗତ ଆକ୍ଷେପ ଅଭିଯୋଗ

**ଝାରସୁଗୁଡ଼ା,୫।୮(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ ତିୱାରୀଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଏୟାରପୋର୍ଟ ଥାନାରେ ତାଙ୍କ ନାଁରେ ଏଫଆଇଆର ଦେଇଛନ୍ତି ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘର ସଭାପତି ସନ୍ଦୀପ କୁମାର ମିଞ୍ଜ। ଝାରସୁଗୁଡ଼ା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ମିଞ୍ଜ ତାଙ୍କ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଯେ, କର୍ମଚାରୀମାନଙ୍କ ବିଭିନ୍ନ ଦାବି ସଂପର୍କରେ ଆଲୋଚନା କରିବା ପାଇଁ ଆଜି ସକାଳ ୧୦ଟା ୪୫ ମିନିଟ୍‌ରେ ସେ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀଙ୍କୁ ଭେଟିବାକୁ ଯାଇଥିଲେ। ଆଲୋଚନା ଚାଲିଥିବା ବେଳେ ହଠାତ୍ ଶ୍ରୀ ତିୱାରୀ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଘରୁ ଉଠାଇ ନେଇ ମାରିଦେବେ ଓ ଶବ ମିଳିବ ନାହିଁ ବୋଲି ଧମକ ଦେଇଥିଲେ। ତାଙ୍କ ଜାତିକୁ ଆକ୍ଷେପ କରି ଗାଳି କରିଥିଲେ। ତା' ସହିତ ତାଙ୍କ ମୁହଁକୁ ଦୁଇ ଥର ମୁଥ ମାରିଥିଲେ। ସେ ତଳେ ପଡ଼ିଯିବା ପରେ ଶ୍ରୀ ତିୱାରୀ ତାଙ୍କୁ ଗୋଇଠା ମାରିଥିଲେ। ଫଳରେ ତାଙ୍କ ମୁହଁ, ପିଠି ଓ ଛାତିରେ ଗୁରୁତର ଆଘାତ ଲାଗିଛି। ଶ୍ରୀ ତିୱାର ଏକ ଲୁହାରଡ୍ ଧରି ତାଙ୍କୁ ପିଟିବାକୁ ଅଗ୍ରସର ହେଉଥିବା ବେଳେ ସେ ସେଠାରୁ ପଳାଇ ଆସିଥିଲେ। କର୍ମଚାରୀ ସଂଘ ସଭାପତି ସେଠାରୁ ସିଧା ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ତାଙ୍କ ଦାନ୍ତମୂଳରୁ ରକ୍ତ ବାହାରୁଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ବିମାନ ବନ୍ଦର ନିର୍ଦ୍ଦେଶକ ଶ୍ରୀ ତିୱାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କ ଏଫଆଇଆରରେ ଦାବି କରିଛନ୍ତି ଶ୍ରୀ ମିଞ୍ଜ। ଅନ୍ୟପକ୍ଷରେ ଏହି ଘଟଣା ନେଇ ଶ୍ରୀ ତିୱାରୀ କିମ୍ବା ପୁଲସର ପ୍ରତିକ୍ରିୟା ମିଳିପାରିନାହିଁ।

### କାଦୁଅ ଯୋଗୁଁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

## ପୁଣି ଖଟିଆରେ ବୁହାହେଲେ ରୋଗୀ




**ନବରଙ୍ଗପୁର,୫।୮(ସଂଚାର ବ୍ୟୁରୋ):** ପୁଣି ଖଟିଆରେ ବୁହା ହେଲେ ରୋଗୀ, ହେଲେ ମୃତ ହୋଇକି ଫେରିଲେ । ମରଶରୀରକୁ ମଧ୍ୟ ଖଟିଆରେ ବୋହିଲେ। ଚିକିତ୍ସାଧୀନ ଅବସ୍ଥାରେ ହୋଇଛି ଏହି ମୃତ୍ୟୁ। ମୃତ ହୋଇକି ଫେରିଲା ପରେ ମଧ୍ୟ ଶବକୁ ଦୁଇ କିଲୋମିଟର ବୁହାହୋଇଛି। ଏଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜବାଗୁଡା ଗାଁରୁ। ମୈଦଲପୁର ପଞ୍ଚାୟତ ଜବାଗୁଡା ଗାଁର ହରିସିଂ ଯାନୀଙ୍କ ପତ୍ନୀ ଲଳିତା ଯାନୀଙ୍କୁ ଦୀର୍ଘ ୫ ଦିନ ହେବ ଜ୍ୱର ହେବା ସହ ଦେହ ଅସୁସ୍ଥ ରହିଥିଲା । ଫଳରେ ହଠାତ ସେ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁକୁ ନ ପହଞ୍ଚି ପ୍ରାୟ ଦୁଇ କିଲୋମିଟର ଦୂର କଣ୍ଟାସାରୁ ଗାଁ ନିକଟରେ ରହିଯାଇଥିଲା। ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ହାତରେ ଟର୍ଚ୍ଚ, ମୋବାଇଲ ଲାଇଟ ଲଗାଇ ଖଟିଆରେ ଭାର କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ ।

ଆମ୍ବୁଲାନ୍ସ ସାହାଯ୍ୟରେ ଲଳିତାଙ୍କୁ ପ୍ରଥମେ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଂଙ୍କଟାପନ୍ନ ରହିଥିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡିକାଲକୁ ନିଆଯାଇଛି। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ତେବେ ଗାଁରେ ବିଭିନ୍ନ ସମ୍ପ୍ରଦାୟର ୭୦ ପରିବାରରୁ ୩୦୦ ରୁ ଅଧିକ ଲୋକ ବସବାସ କରନ୍ତି । ପକ୍କା ରାସ୍ତା ଖଣ୍ଡେ ପାଇଁ ପ୍ରଶାସନ ନିକଟରେ ସେମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ ଆଣୁଛନ୍ତି। ଆଜି ଯଦି ଲଳିତା ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ଯାଇଥାଆନ୍ତେ ହୁଏତ ତାଙ୍କ ଜୀବନ ବଞ୍ଚିଯାଇଥାଆନ୍ତେ ।

● ସାଇବର ଠକେଇ ମାମଲାର ପର୍ଦ୍ଦାଫାସ୍

## ୪ ଗିରଫ, ୨୦ ଲକ୍ଷ ଜବତ



**ସମ୍ବଲପୁର,୫।୮(ସଂଚାର ବ୍ୟୁରୋ):** ସମ୍ବଲପୁର ପୋଲିସ ଦ୍ୱାରା ଏକ ବଡ଼ ଧରଣର ସାଇବର ଠକେଇର ଖୁଲାସା ହୋଇଛି । ଏହି ଠକେଇ ଘଟଣାରେ ୪ ଗିରଫ। ଦୁଇ ଜଣ ସମ୍ବଲପୁରର ହୋଇଥିବା ବେଳେ ଜଣେ ଦେବଗଡ଼ ଓ ଅନ୍ୟ ଜଣେ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡିଛି । ଏମାନଙ୍କ ନିକଟରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତଙ୍କ ନିକଟରୁ ୨୧ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୫ଟି ମୋବାଇଲ ଫୋନ, ୪ଟି ଚେକ ବହି, ୩ଟି ପାସବୁକ୍ ଜବତ କରିଛି। ଏହି ସାଇବର ଠକେଇର ମାଷ୍ଟର ମାଇଣ୍ଡ ସାଉଦି ଆରବର ବୋଲି ଏସପି କହିଛନ୍ତି । ଅଇଁଠାପାଲି ଥାନା ଅଞ୍ଚଳର ରମେଶ ଚନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କୁ ଷ୍ଟକ ମାର୍କେଟରେ ଟଙ୍କା ଲଗାଇବା ପାଇଁ ଅଭିଯୁକ୍ତମାନେ ଲୋଭ ଦେଖାଇଥିଲେ । ତାଙ୍କଠାରୁ ଅଭିଯୁକ୍ତମାନେ ବିଭିନ୍ନ ଉପାୟରେ ୮୮ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହି ଠକମାନେ ଚତୁରତାର ସହ ଜିଏସଟି ଥିବା ବିଭିନ୍ନ ଆକାଉଣ୍ଟଧାରୀଙ୍କୁ ମୋଟା ଅଙ୍କରେ କମିଶନ ଦେବେ କହି ତାଙ୍କ ଆକାଉଣ୍ଟରେ ଟଙ୍କା ପଠାଉଥିଲେ। ତା ବଦଳରେ ଜିଏସଟି ଆକାଉଣ୍ଟ ଧାରୀଙ୍କୁ ମିଳୁଥିଲା ମୋଟା ଅଙ୍କରେ କମିଶନ ବୋଲି ସମ୍ବଲପୁର ଏସପି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ପୁଣି ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ



**ତାଳଚେର,୫।୮(ସଂଚାର ବ୍ୟୁରୋ):** ପୁଣି ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି । ତାଳଚେର ବିଜୁ ପଟ୍ଟନାୟକ ପ୍ରଶିକ୍ଷଣ ତାଲିମ ଅନୁଷ୍ଠାନରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ଜଣେ ଛାତ୍ରୀ । ପ୍ରଶିକ୍ଷଣ ତାଲିମ ଅନୁଷ୍ଠାନର କେନ୍ଦ୍ର ପରିଚାଳକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ତାଳଚେର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ପାଇ ତାଳଚେର ପୋଲିସ ପହଞ୍ଚି ଅସଦାଚରଣ କରିଥିବା କେନ୍ଦ୍ର ପରିଚାଳକଙ୍କୁ ଅଟକ ରଖି ପଚାରା ଉଚାରା ଜାରି କରିଛି।

ସୂଚନା ମୁତାବକ, କେଉଁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଛାତ୍ରୀ ଜଣକୁ କେନ୍ଦ୍ର ପରିଚାଳକ ତାଙ୍କ ଘରକୁ ନେବା ବାଟରେ ତାଙ୍କୁ ଅସଦାଚରଣ କରିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କୁ ମଧ୍ୟ ରାତ୍ରିରେ ଫୋନ କରିବା ସହିତ ନିଜ ଘରକୁ ଆସିବାକୁ କହିଥିଲେ କେନ୍ଦ୍ର ପରିଚାଳକ । ଯାହାକୁ ଛାତ୍ରୀ ଜଣକ ବାରଣ କରିବା ସହିତ ଆଜି ଏ ନେଇ ପ୍ରଥମେ ଛାତ୍ରମାନଙ୍କୁ ଅବଗତ କରାଇଥିଲେ ।

ପରେ ଏ ନେଇ ଛାତ୍ରୀ ଜଣଙ୍କ ତାଳଚେର ଥାନାର ଦ୍ୱାରସ୍ଥ ହୋଇଥିଲେ । ଥାନାରେ ଅଭିଯୋଗ ପାଇ ପୁଲିସ୍ ସଙ୍ଗେ ସଙ୍ଗେ ବିଜୁ ପଟ୍ଟନାୟକ ପ୍ରଶିକ୍ଷଣ ତାଲିମ ଅନୁଷ୍ଠାନରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ପରିଚାଳକଙ୍କୁ ଅଟକ ରଖି ପଚାରା ଉଚାରା ଜାରି ରଖିଛି। ଅନ୍ୟପଟେ ଜିଲ୍ଲା ଦକ୍ଷତା ବିକାଶ -ତଥା ନିୟୋଜନ ଅଧିକାରୀ ଦେବାଶିଷ ସାହୁ ଶିକ୍ଷା ଅନୁଷ୍ଠାନରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଏହାର ତଦନ୍ତ ଜାରି ରଖିଥିଲେ ।

ପୂର୍ବରୁ ଏଭଳି ଘଟଣା ଘଟିଥିବାରୁ ଜଣେ ଛାତ୍ରୀ ଶିକ୍ଷା କେନ୍ଦ୍ର ଛାଡ଼ି ଦେବା ସହିତ ନିଜ ତାଲିମ ନେବା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଥିଲା । ଅପର ପକ୍ଷରେ ଝିଅକୁ ଅସଦାଚରଣ ହୋଇଥିବା ଖବର ପାଇ ଛାତ୍ରୀଙ୍କ ପରିବାର ଲୋକେ ଶିକ୍ଷାନୁଷ୍ଠାନରେ ପହଞ୍ଚି ଝିଅକୁ ନ୍ୟାୟ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ କ୍ୟାମେରା ଆଗରରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି ।

## ୮ ବର୍ଷ ପରେ ବୁଢ଼ାଗୁଡା ଫାଣ୍ଡି ଉଦ୍‌ଘାଟିତ

**ଦାରିଙ୍ଗବାଡି,୫।୮(ସଂଚାର ବ୍ୟୁରୋ):** ଗୁହାରି ଶୁଣିଲେ ମୋହନ ସରକାର। ଆଠ ବର୍ଷ ପରେ ଉଦଘାଟନ ହେଲା ପୋଲିସ ଫାଣ୍ଡି। ଏମିତି ଚିତ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାରେ। ଦାରିଙ୍ଗବାଡ଼ି ବ୍ଲକ ବୁଢ଼ାଗଡ଼ା ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତର ଚତୁଃ ପାର୍ଶ୍ୱରେ ରହିଛି ସାତଗୋଟି ପଞ୍ଚାୟତ ଯଥା କୋଟଗଡ଼ ବ୍ଲକର ପକାରୀ ଓ ପାରିଗଡ଼ ,ବାଲିଗୁଡା ବ୍ଲକର ରତୁଙ୍ଗିଆ ,ଦାରିଙ୍ଗବାଡି ବ୍ଲକର ବୁଡାଗୁଡା, ଡିଲୋରୀ , କିରୀକୁଟି ଓ ଗୁମିକିଆ। ଏହି ସମସ୍ତ ପଞ୍ଚାୟତ ସମସ୍ୟା ଭିତ୍ତିକ ମୌଳିକ ସୁବିଧା ସହିତ ପୋଲିସର ସହଯୋଗରୁ ବଞ୍ଚିତ ହୋଇ ରହି ଆସୁଥିଲେ । ଏ ନେଇ ବହୁ ପୂର୍ବରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟା ଗୁଡିକୁ ସହୃଦୟତାର ସହିତ ବିଚାର କରି ସମାଧାନ ଦିଗରେ ପଦକ୍ଷେପ ନେବା ସହ କନ୍ଧମାଳ ଜିଲ୍ଲାପାଳ, କନ୍ଧମାଳ ଏସପି ଏବଂ ରାଜ୍ୟ ସରକାର ଦୀର୍ଘ ଦିନର ଗୁହାରି ଶୁଣିଛନ୍ତି। କନ୍ଧମାଳ ଏସପି ହରିଶ୍ ବି.ସିଙ୍କୁ ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ, ଆଇଆଇସି ସମ୍ବିତି କୁମାର ସ୍ୱାଇଁ ଆଜି ବୁଢ଼ାଗୁଡା ଠାରେ ପୋଲିସ ଫାଣ୍ଡିର ଉଦଘାଟନ କରିଛନ୍ତି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ନିତି ଆୟୋଗ ସୂଚକାଙ୍କ

# ଇଭି ଚଳାଚଳରେ ଓଡ଼ିଶା ସପ୍ତମ

**ଭୁବନେଶ୍ୱର, ୫।୮(ସଂଚାର ବ୍ୟୁରୋ):** ଇଲେକ୍ଟ୍ରିକ୍ ଯାନ (ଇଭି) ଚଳାଚଳ ଓ ଗ୍ରହଣୀୟତାରେ ଓଡ଼ିଶାର ପ୍ରଦର୍ଶନ ସାରା ଦେଶରେ ଏତେଟା ଉତ୍ସାହଜନକ ନାହିଁ। ନିତି ଆୟୋଗ ପକ୍ଷରୁ ଜାରି କରାଯାଇଥିବା ଏକ ସୂଚକାଙ୍କ ଅନୁସାରେ ଓଡ଼ିଶା ସର୍ବମୋଟ ୪୧

## 'ଆକାଂକ୍ଷୀ' ବର୍ଗରେ ସ୍ଥାନ ପାଇଲା

ସ୍କୋର୍ ସହ ସପ୍ତମ ସ୍ଥାନରେ ରହିଛି। ଏହାକୁ ତୃତୀୟ ବର୍ଗ 'ଆକାଂକ୍ଷୀ'ରେ ସାମିଲ କରାଯାଇଛି। ପ୍ରଥମ ବର୍ଗ ଆଚିଭର୍ସରେ କୌଣସି ରାଜ୍ୟର ନାମ ନାହିଁ। ଫ୍ରଣ୍ଟରନର୍ (ଅଗ୍ରଣୀ) ବର୍ଗରେ ଦିଲ୍ଲୀ, ମହାରାଷ୍ଟ୍ର ଓ ଚଣ୍ଡିଗଡ଼ ରହିଛନ୍ତି। ପରଫରମର୍ (ପ୍ରଦର୍ଶନକାରୀ) ବର୍ଗରେ କର୍ଣ୍ଣାଟକ ତାମିଲନାଡୁ ଓ ହରିୟାଣା ନାମ ରହିଛି। ଏହା ପଛକୁ ଥିବା ଆକାଂକ୍ଷୀ ବର୍ଗରେ ଓଡ଼ିଶା ସମେତ ଅନ୍ୟ



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନାମ ରହିଛି। ଇଭି ଚଳାଚଳକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପଠାରୁ ଆରମ୍ଭ କରି ବିଭିନ୍ନ ମାନଦଣ୍ଡରେ ରାଜ୍ୟର ପ୍ରଦର୍ଶନକୁ ମପା ଯାଇଛି। ପେଟେଣ୍ଟ କ୍ଷେତ୍ରରେ ଏହାର ସ୍କୋର୍ ଶୂନ ରହିଥିବା ବେଳେ କ୍ରୟ ପ୍ରୋତ୍ସାହନରେ ସ୍କୋର୍ ମାତ୍ର ୨ ରହିଛି। ବିଦ୍ୟୁତ୍ ଉପଲବ୍ଧତା, ବାଣିଜ୍ୟିକ ଇଭି ଗ୍ରହଣୀୟତା, ଇଭିରୁ ଇଭି ଚାର୍ଜିଂ ଅନୁପାତ ଏବଂ ଇଭି ଷ୍ଟାର୍ଟଅପ୍ ମାନଦଣ୍ଡରେ ମଧ ରାଜ୍ୟର ସ୍କୋର୍ ଉତ୍ସାହଜନକ ନାହିଁ।

ତେବେ ରାଜ୍ୟରେ ଇଭି ଗ୍ରହଣୀୟତା ତ୍ୱରାନ୍ୱିତ କରିବା ଲାଗି ନିତି ଆୟୋଗ କେତେକ ସୁପାରିସ କରିଛି। ଇଭି ବଦଳ କିଟ୍ ଉପରେ ସବ୍‌ସିଡି ଦେବା, ସଂରକ୍ଷିତ ପାର୍କିଂ ସ୍ଥଳର ବ୍ୟବସ୍ଥା କରିବା, ଲୋ ଏମିସନ୍ ଜୋନ୍ ସୃଷ୍ଟି କରିବା, ଇଭି କ୍ରୟ ଉପରେ ସବ୍‌ସିଡି ବଢ଼ାଇବା ଏବଂ ସାର୍ବଜନୀନ ଚାର୍ଜିଂ ଷ୍ଟେସନ୍ ପାଇଁ ବିଦ୍ୟୁତ୍ ଶୁଳ୍କ କମ୍ କରିବାକୁ ସୁପାରିସ କରାଯାଇଛି। ଚାର୍ଜର ଅନୁମୋଦନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା ଏବଂ ଦକ୍ଷତା ବିକାଶ ପାଇଁ ଗବେଷଣା ଓ ବିକାଶ କେନ୍ଦ୍ର ସ୍ଥାପନ କରିବାକୁ ମଧ କୁହାଯାଇଛି।

## ଏଣିକି ବିନା ହ୍ୱାଟ୍ସଆପ୍ ବି କରିପାରିବେ ଚାଟିଂ




**ନୂଆଦିଲ୍ଲୀ,୫।୮:** ଏଣିକି ବିନା ହ୍ୱାଟସ୍‌ଆପରେ ବି କରିପାରିବେ ଚାଟିଂ। ହ୍ୱାଟସ୍‌ଆପ ଏକ ନୂଆ ଫିଚର ଉପରେ କାମ କରୁଛି, ଯାହା ୟୁଜରଙ୍କୁ ସେହି ଲୋକଙ୍କ ସହିତ କଥା ହେବାକୁ ଅନୁମତି ଦେବ ଯେଉଁମାନଙ୍କର ହ୍ୱାଟସ୍‌ଆପ ଆକାଉଣ୍ଟ ନାହିଁ କିମ୍ବା ଫୋନରେ ଆପ୍ ଇନଷ୍ଟଲ ନାହିଁ। ଏକ ରିପୋର୍ଟ ଅନୁଯାୟୀ,ଏହି ଫିଚର ବର୍ତ୍ତମାନ ଆଣ୍ଡ୍ରଏଡ୍ ବିଟା ସଂସ୍କରଣ ୨.୨୫.୨୨.୧୩ରେ ପରୀକ୍ଷଣ ପର୍ଯ୍ୟାୟରେ ଅଛି । ଆଗାମୀ ସପ୍ତାହ ମଧ୍ୟରେ ଏହାକୁ ରୋଲ୍ ଆଉଟ୍ କରାଯାଇପାରେ। ଏହି ଫିଚରର ନାମ "ଗେଷ୍ଟ ଚାଟ୍ସ"ହେବ। ଯେଉଁଥିରେ ହ୍ୱାଟସ୍‌ଆପ ୟୁଜରମାନେ ଏକ ଇନଭାଇଟ୍ ଲିଙ୍କ୍ ମାଧ୍ୟମରେ ଅଣ-ବ୍ୟବହାରକାରୀଙ୍କ ସହିତ ସିଧାସଳଖ ଚାଟ୍ ଆରମ୍ଭ କରିପାରିବେ। ବିଶେଷ କଥା ହେଉଛି ଗ୍ରହଣକାରୀଙ୍କୁ ହ୍ୱାଟସ୍‌ଆପ ଇନଷ୍ଟଲ କରିବାକୁ ପଡିବ ନାହିଁ କିମ୍ବା ଏକ ଆକାଉଣ୍ଟ ବନାଇବାକୁ ପଡିବ ନାହିଁ। ସେମାନେ ହ୍ୱାଟ୍ସଆପ୍ ୱେବ୍ ଭଳି ଲିଙ୍କ୍ ଉପରେ କ୍ଲିକ୍ କରି ଏକ ସୁରକ୍ଷିତ ୱେବ୍ ଇଣ୍ଟରଫେସ୍ ମାଧ୍ୟମରେ ଚାଟ୍ ଆକ୍ସେସ୍ କରିପାରିବେ। ହ୍ୱାଟସଆପ୍ ଦାବି କରୁଛି ଯେ ଗେଷ୍ଟ ଚାଟରେ ସମସ୍ତ ମେସେଜ୍ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ ହେବ ଯାହା ଦ୍ୱାରା କେବଳ ଯିଏ ପଠାଉଥିବ ଏବଂ ଯାହା ପାଖକୁ ଯାଉଥିବା କେବଳ ସେମାନେ ଏହି ମେସେଜ୍ ଦେଖିପାରିବେ। ଏହି ଫିଚର ସମ୍ପୂର୍ଣ୍ଣ ଭାବରେ ହ୍ୱାଟସଆପ୍‌ର ଇଣ୍ଟରନାଲ ସିଷ୍ଟମ୍ ଉପରେ ଆଧାରିତ ହେବ। ହ୍ୱାଟସ୍‌ଆପ ହୁଏତ ଏହି ଫିଚର ମାଧ୍ୟମରେ ଅଣ-ବ୍ୟବହାରକାରୀମାନଙ୍କୁ ଆପ୍ ବ୍ୟବହାର କରିବାର ଏକ ସହଜ ଉପାୟ ଦେବାକୁ ଚାହୁଁଛି ଯାହା ଦ୍ୱାରା ଲୋକମାନେ ସମ୍ପୂର୍ଣ୍ଣ ସାଇନ୍ ଅପ୍ ନକରି ଚାଟିଂର ଅଭିଜ୍ଞତା ପାଇପାରିବେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୨,୨୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩ ,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୨୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୨୨୦ ଓ ୯୩,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫ ,୦୦୦ ଟଙ୍କା ହୋଇଛି।

# 'ଆକାଶ'ର ଆନ୍ଥେ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୫।୮:** ଆକାଶ ପକ୍ଷରୁ ଶିକ୍ଷାବୃତ୍ତି କାର୍ଯ୍ୟକ୍ରମ ଆକାଶ ଜାତୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା (ଆନ୍ଥେ)କୁ ଏହାର ଲୁଇସ୍ ରୋଡ୍ ଓ ଖଣ୍ଡଗିରି କେନ୍ଦ୍ରରେ ଆରମ୍ଭ କରାଯାଇଛି। ଖଣ୍ଡଗିରିର କେନ୍ଦ୍ର ମୁଖ୍ୟ ପ୍ରଦୀପ କୁମାର ବେହେରା ଓ ଲୁଇସ ରୋଡ କେନ୍ଦ୍ର ମୁଖ୍ୟ ଅଭିଷେକ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବସନ୍ତ ଲେଙ୍କା, ସମ୍ମାନିତ ଅତିଥି ଭାବେ କଳ୍ପଦ୍ରୁମ ଦାସ ପରିଜା ଏବଂ କାର୍ଯ୍ୟକ୍ରମର ଆବାହକ ଉଭୟ ଶାଖାର ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ ଯୋଗ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ଆନ୍ଥେ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ




ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିପାରିବେ। ଜେଇଇ ଓ ନିଟ୍ ପରୀକ୍ଷା ପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ଅଭିଭାବକମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ଶ୍ରୀ ଛାଟୋଇ ଏହି ଅବସରରେ କହିଛନ୍ତି।

## ଆର୍‌ବିଆଇ ମୁଦ୍ରାନୀତି ନୀତି ବୈଠକ

# ୨୫ ବେସିସ୍ ପଏଣ୍ଟ ଖସିପାରେ ରେପୋ

**ନୂଆଦିଲ୍ଲୀ,୫।୮:** ସୋମବାରଠାରୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ଆରମ୍ଭ ହୋଇଛି। ୩ ଦିନ ଧରି ବୈଠକ ଆଲୋଚନା ହେବ। ୬ ତାରିଖ ଅର୍ଥାତ ବୁଧବାର ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲ୍‌ହୋତ୍ରା ନିଷ୍ପତ୍ତି ଘୋଷଣା କରିବେ। ଚଳିତ ଥର କେନ୍ଦ୍ରୀୟ ବ୍ୟାଙ୍କ୍ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ (୦.୨୫%) ହ୍ରାସ କରିପାରେ। ଆମେରିକାର ଟାରିଫ୍ ୱାର ଏବଂ ବିଶ୍ୱ ବଜାରର ଅନିଶ୍ଚିତତା ଯୋଗୁ ଦେଶର ଜିଡିପି ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏହାକୁ ଧ୍ୟାନରେ ରଖି ଆର୍‌ବିଆଇ ସୁଧହାରରେ ହ୍ରାସ କରିପାରେ। ଏହା ଦ୍ୱାରା ଅଭିବୃଦ୍ଧିକୁ ବଳ ମିଳିବ ବୋଲି କହିଛନ୍ତି ବିଶେଷଜ୍ଞ। ଆର୍‌ବିଆଇ ଚଳିତ ଥର ୩ଥର ରେପୋ ରେଟ୍ ହ୍ରାସ କଲାଣି। ଏହି ଅବଧିରେ ରେପୋ ୧% ହ୍ରାସ ହୋଇଛି। ଫେବୃଆରିରେ ହୋଇଥିବା ବୈଠକରେ ରେପୋ ୬.୫୦%ରୁ ହ୍ରାସ ହୋଇ ୬.୨୫% ସ୍ତରକୁ ଖସିଥିଲା। ପ୍ରାୟ ୫ ବର୍ଷ ପରେ ଆର୍‌ବିଆଇ ରେପୋ ହାରରେ ଏଭଳି ହ୍ରାସ କରିଥିଲା। ସେହିଭଳି ଏପ୍ରିଲରେ ହୋଇଥିବା ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ପୁଣି ଥରେ ୦.୨୫% ରେପୋ ହ୍ରାସ କଲା। ଜୁନ୍ ମାସରେ ତୃତୀୟ ଥର ଲାଗି ହୋଇଥିବା ସୁଧହାର ହ୍ରାସ। ରେପୋ ହେଉଛି ସେହି ସୁଧହାର ଯେଉଁହାରରେ ବ୍ୟାଙ୍କ ଆର୍‌ବିଆଇ ଠାରୁ ଋଣ ନେଇଥାନ୍ତି। ରେପୋ ହ୍ରାସ ହେଲେ ବ୍ୟାଙ୍କ୍ ଗୁଡ଼ିକୁ ଶସ୍ତାରେ ଋଣ ପ୍ରଦାନ କରନ୍ତି । ଫଳରେ ବ୍ୟାଙ୍କ୍ ଗୁଡ଼ିକ ଏହାର ଲାଭ ଗ୍ରାହକଙ୍କୁ ପ୍ରଦାନ କରିଥାନ୍ତି। ଏହାକୁ ଦେଖିଲେ ଆଗାମୀ ଦିନରେ ବାସଗୃହ ଏବଂ ଅଟୋମୋବାଇଲ ବର୍ଗରେ ଋଣ ୦.୫୦% ଯାଏ ଶସ୍ତା ହୋଇପାରେ। ରେପୋ କମିଲେ ବ୍ୟାଙ୍କ୍ ଗୁଡ଼ିକ ହାଉସିଂ ଏବଂ ଅଟୋ ଋଣ ଉପରେ ସୁଧହାର କମ୍ କରିପାରନ୍ତି। ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିଥାଏ। ସୁଧହାର କମ୍ ରହିଲେ ଘର ଚାହିଦା ବଢ଼ିଥାଏ। ଅଧିକ ଲୋକ ରିୟଲ ଇଷ୍ଟେଟରେ ନିବେଶ କରିଥାନ୍ତି।

## ଆମେରିକା ଟାରିଫର ମୁକାବିଲା ପାଇଁ ଭାରତର ବଡ଼ ଯୋଜନା

# ୨୦ ହଜାର କୋଟି ଟଙ୍କାର ମିଶନ ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ, ୫।୮:** ଆମେରିକା ଟାରିଫର ମୁକାବିଲା ପାଇଁ ଭାରତର ବଡ଼ ଯୋଜନା। ୨୦ ହଜାର କୋଟି ଟଙ୍କାର ମିଶନ ପାଇଁ ପ୍ରସ୍ତୁତି। ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା। ଯୋଗାଇ ଦିଆଯିବ ଶସ୍ତା ଏବଂ ସହଜ ଋଣ। ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡେଡ୍ ପ୍ରଡ଼କ୍ଟ। ଆମେରିକାର



ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ। 'ଇଟି'ର ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା। ଅଗଷ୍ଟ ୭ ତାରିଖରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ। ଏବେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବାକୁ କହିଛନ୍ତି। ଭାରତ ରୁଷଠାରୁ ବିପୁଳ ପରିମାଣର ତେଲ କିଣୁଛି ଏବଂ ରୁଷ ଏହି ଟଙ୍କାକୁ ୟୁକ୍ରେନ ବିରୁଦ୍ଧରେ ବ୍ୟବହାର କରୁଛି ବୋଲି ଅଭିଯୋଗ କରିଛନ୍ତି ଟ୍ରମ୍ପ। ଟ୍ରମ୍ପ କହିଛନ୍ତି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ଆମେରିକା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବ। କିନ୍ତୁ ଏପଟେ ଭାରତ ଟ୍ରମ୍ପ ଶୁଳ୍କ ମୁକାବିଲା କରିବା ପାଇଁ ଅନେକ ଉପାୟ ଅବଲମ୍ବନ କରୁଛି। ଭାରତ ବିଶ୍ୱ ବାଣିଜ୍ୟର ଅନିଶ୍ଚିତତା ଏବଂ ଉତ୍ଥାନ-ପତନରୁ ଏହାର ରପ୍ତାନିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ଉପସ୍ଥାପନ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ ସରକାର ଏକ ନୂତନ ରପ୍ତାନି ପ୍ରୋତ୍ସାହନ ମିଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅଧୀନରେ ରପ୍ତାନିକାରୀମାନଙ୍କୁ ଶସ୍ତା ଏବଂ ସହଜ ଋଣ ଉପଲବ୍ଧ କରାଯିବ। ଏହା ଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିପାରିବେ। ଏହା ବ୍ୟତୀତ, ବିଦେଶୀ ବଜାରରେ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକର ମୁକାବିଲା ପାଇଁ ମଧ ପଦକ୍ଷେପ ନିଆଯିବ। ଏହି ଯୋଜନା ଜାପାନ, କୋରିଆ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକର ନୀତି ପରି ବିଶ୍ୱ ସ୍ତରରେ ଭାରତର ବ୍ରାଣ୍ଡକୁ ମାନ୍ୟତା ଦେବା ପାଇଁ ଚେଷ୍ଟା କରିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ପତଞ୍ଜଳି ଯୋଗପୀଠରେ ଜଡ଼ିବୁଟି ଦିବସ

**ହରିଦ୍ୱାର, ୫।୮:** ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଜନ୍ମଦିନକୁ ଜଡ଼ିବୁଟି ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଲକୃଷ୍ଣ ମିଳିତ ଭାବେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ୱାମୀ ରାମଦେବ କହିଥିଲେ ଯେ ଜଡ଼ିବୁଟି ହେଉଛି ପ୍ରକୃତି-ପରମେଶ୍ୱରଙ୍କୁ ଅନୁଭବ କରିବାର ଏକ ମାଧ୍ୟମ। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଥିଲେ ଯେ ଆମକୁ ନିଜ ଜୀବନ ରକ୍ଷା କରିବାକୁ ହେଲେ ଜଡ଼ିବୁଟି ବଞ୍ଚାଇ ରଖିବାକୁ ହେବ। ତେଣୁ ପତଞ୍ଜଳିର ଜଡ଼ିବୁଟି ଦିବସ ସମ୍ପୂର୍ଣ୍ଣ ମାନବଜାତିକୁ ବଞ୍ଚାଇ ରଖିବାର ଏକ ଉପକ୍ରମ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ



ତାଙ୍କ ଲିଖିତ ୧୧ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପତଞ୍ଜଳି ଯୋଗ ସମିତି ପକ୍ଷରୁ ଲକ୍ଷ ଲକ୍ଷ କର୍ମକର୍ତ୍ତା ବିଭିନ୍ନ ଜିଲ୍ଲା, ତହସିଲ, ବ୍ଲକ୍ ଓ ଗ୍ରାମରେ ତୁଳସୀ, ଘିକୁଆଁରୀ, ଅଶ୍ୱଗନ୍ଧା ଓ ନିମ ଆଦି ବୃକ୍ଷରୋପଣ କରିଥିଲେ।

# 'ରେଡ୍ ଚିଫ୍'ର ନୂଆ ସ୍ପୋର୍ଟସ୍ ସୁଜ୍



**ଭୁବନେଶ୍ୱର, ୫।୮:** ଅଗ୍ରଣୀ ଜୋତା ନିର୍ମାତା ରେଡ୍ ଚିଫ୍ ପକ୍ଷରୁ ସ୍ପୋର୍ଟସ୍ ସୁଜ୍ ଉନ୍ମୋଚନ କରାଯାଇଛି। ଷ୍ଟାଇଲ୍, ପ୍ରଦର୍ଶନ ଓ ସାରା ଦିନ ଆରାମ ଚାହୁଁଥିବା ଯୁବବର୍ଗଙ୍କୁ ନଜରରେ ରଖି କମ୍ପାନି ଏହି ବର୍ଗମାଳା ପ୍ରସ୍ତୁତ କରିଛି। ଏହି ଅବସରରେ ଲିୟାନ୍ ଗ୍ଲୋବାଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନୀ କହିଛନ୍ତି ଯେ ଷ୍ଟାଇଲ୍, ଆରାମ ଓ ପ୍ରଦର୍ଶନରେ ସାଲିସ କରୁଥିବା ସ୍ପୋର୍ଟସ୍ ସୁଜ୍‌ର ବଜାରରେ ଅଭାବ ଥିବା ଜାଣିବା ପରେ ଆମେ ଏହି ନୂଆ ଉତ୍ପାଦ ଆଣିଛୁ। ଆମ ସ୍ପୋର୍ଟସ୍ ସୁଜ୍ ବର୍ଗମାଳାରେ ଦୌଡ଼, ଚାଲିବା, ହାଇକର୍, ତାଲିମ ସୁଜ୍ ଏବଂ ଲାଇଫ୍‌ଷ୍ଟାଇଲ୍ ସ୍ନିକର୍ ରହିଛି। ଆମ ଏହି ନୂଆ ବର୍ଗମାଳା ଯୁବବର୍ଗ ଓ ସବୁ ବୟସ ବର୍ଗର ଲୋକଙ୍କୁ ଆକର୍ଷିତ କରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ରାସ୍ତାକଡ଼ରେ ଚାଲିବା ହେଉ, ବ୍ୟାୟାମଶାଳା ଯିବା କିମ୍ବା ଜୀବନଶୈଳୀକୁ ଉପଯୋଗ କରିବା ହେଉ, ରେଡ୍ ଚିଫ୍‌ରେ ପ୍ରତି ଅବସର ପାଇଁ ସ୍ପୋର୍ଟସ୍ ସୁଜ୍ ରହିଛି। ସାରା ଭାରତରେ ୩୦୦୦ରୁ ଅଧିକ ଏମ୍‌ବିଓ ଏବଂ ଆମାଜନ, ଫ୍ଲିପ୍‌କାର୍ଟ, ମିନ୍ତ୍ରା, ଆଜିଓ, ଟାଟା କ୍ଲିକ୍ ଭଳି ଇ-କମର୍ସ ପ୍ଲାଟଫର୍ମ ଏବଂ ୧୮୦ରୁ ଅଧିକ ସ୍ୱତନ୍ତ୍ର ବ୍ରାଣ୍ଡ ଷ୍ଟୋର୍‌ରେ ରେଡ୍ ଚିଫ୍ ସୁଜ୍ ଉପଲବ୍ଧ।

## ହାଇଟେକ୍‌ରେ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୫।୮:** ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ବଲାଙ୍ଗୀର ଜଣେ ୩୮ ବର୍ଷୀୟ ବ୍ୟକ୍ତିଙ୍କ ବିରଳ ଅସ୍ତ୍ରୋପଚାର ହୋଇଛି। ଭିକାରୀ ଚରଣ ନାୟକ ନାମକ ଏହି ବ୍ୟକ୍ତିଙ୍କ ଗୋଡ଼ ଆଙ୍ଗୁଠିରେ ସମସ୍ୟା ଥିଲା। ସେ ବିଭିନ୍ନ ଡାକ୍ତରଖାନାରେ ଦେଖାଇଥିଲେ। ସମସ୍ତେ ଆଙ୍ଗୁଠି କାଟିବାକୁ କହିଥିଲେ। ସବୁଆଡୁ ନିରାଶ ହୋଇ ସେ ହାଇଟେକ୍ ଆସିଥିଲେ। ସେଠାରେ ସିଟିଭିଏସ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସ୍ମୃତି ପ୍ରକାଶ ସାହୁ ତାଙ୍କ ସଫଳତାର ସହ ଚିକିତ୍ସା କରିଥିଲେ। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଡ. ସାହୁଙ୍କୁ ପ୍ରଶଂସା କରିଛନ୍ତି।



# ଶକ୍ତି ପମ୍ପ୍‌ସ ରାଜସ୍ୱରେ ୧୦% ବୃଦ୍ଧି

**ଇନ୍ଦୋର, ୫।୮:** ଶକ୍ତି ପମ୍ପ୍‌ସ ଇଣ୍ଡିଆ ଲିମିଟେଡ୍‌ର ରାଜସ୍ୱ ଗତ ଜୁନ୍ ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ୧୦% ବୃଦ୍ଧି ପାଇ ୬୨୨.୫ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୧୪୩.୬ କୋଟି ଟଙ୍କା ଓ ଟିକସ ପରବର୍ତ୍ତୀ ଲାଭ ୯୬.୮ କୋଟି ଟଙ୍କା ହୋଇଛି। କମ୍ପାନିର ଅଧ୍ୟକ୍ଷ ଦୀନେଶ ପଟିଦାର କହିଛନ୍ତି ଯେ ୨୦୨୫-୨୬କୁ ଦୃଢ଼ ଭାବେ ଆରମ୍ଭ କରିଥିବାରୁ ଆମେ ଆନନ୍ଦିତ ଯାହା ଆମ ବିବିଧ ବ୍ୟବସାୟ ମଡେଲ୍‌ର ଦୃଢ଼ତାକୁ ଦର୍ଶାଉଛି। ସୋଲାର୍ ପମ୍ପ, ରପ୍ତାନିରେ ଦୃଢ଼ ପ୍ରଦର୍ଶନ ଏବଂ ଦକ୍ଷତା ବୃଦ୍ଧି ଓ ପ୍ରଯୁକ୍ତିରେ ନିବେଶ ଦ୍ୱାରା ଏହି ତ୍ରୈମାସିକରେ ଆମ ପ୍ରଦର୍ଶନ ବେଶ୍ ଉନ୍ନତ ହୋଇପାରିଛି। ଅଗଷ୍ଟ ୧ ସୁଦ୍ଧା ଆମ ପାଖରେ ୧୩୫୦ କୋଟି ଟଙ୍କାର ବରାଦ ଥିବା ସେ କହିଛନ୍ତି। କମ୍ପାନି ୧୭୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଯୋଜନା କାର୍ଯ୍ୟକାରୀ କରୁଛି।

## ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଡିଜିଙ୍କୁ ସ୍ମାରକପତ୍ର



**ସୁବର୍ଣ୍ଣପୁର,୫।୮ (ସଂଚାର ବ୍ୟୁରୋ):** ଓଡ଼ିଶାରେ କ୍ରମାଗତଭାବେ ବଢ଼ିଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ସୁବର୍ଣ୍ଣପୁର ଜିଲ୍ଲା ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ ସହ ଡିଜି ଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଏସପି ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ କଚେରୀ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ଶତାଧିକ ଯୁବ ଓ ଛାତ୍ର ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ରାଜ୍ୟ ସରକାରଙ୍କ ଉପରେ ବିଭିନ୍ନ ନାରାବାଜି ଦେଇ ଗର୍ଜିବା ସହ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରା ଆସି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଏସପି ଙ୍କ ଜରିଆରେ ରାଜ୍ୟ ପୋଲିସ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଯଦି ମୁଖ୍ୟମନ୍ତ୍ରୀ ଓ ଶିକ୍ଷ୍ୟା ମନ୍ତ୍ରୀ ଇସ୍ତଫା ନ ଦିଅନ୍ତି ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା। ଏହି ବିକ୍ଷୋଭ ପ୍ରଦର୍ଶନ ତଥା ସ୍ମାରକ ପତ୍ର ପ୍ରଦାନ ବେଳେ ସୁବର୍ଣ୍ଣପୁର ବିଜେଡି ଯୁବ ସଭାପତି ଅଶୋକ ନନ୍ଦ, ଛାତ୍ର ସଭାପତି ଶାଶ୍ୱତ କୁମାର ମିଶ୍ର , ଅଭିଷେକ ଶର୍ମା, ଅମୀୟ ରଞ୍ଜନ ଦାଶ, ନାରାୟଣ ଲୁହା, ବେଲାର ସାହୁ, ଦେବାଶିଷ ପଟ୍ଟନାୟକ, ରୋସନ ଶର୍ମା, ଈଶ୍ୱର ବିଶି ପ୍ରମୂଖ ଙ୍କ ସହ ଅନେକ ଯୁବ ନେତା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ଫସଲ ବୀମା ରଥ ଉଦ୍‌ଘାଟିତ



**ଜଗତସିଂହପୁର,୫।୮ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ଜିଲ୍ଲା ଜରୁରୀ ବିଭାଗ ସମ୍ମୁଖ ରେ ଚାଷୀ ମାନଙ୍କ ଫସଲ ସୁରକ୍ଷା ପାଇଁ ଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର "ବୀମା ରଥ" ଜିଲ୍ଲାପାଳ ଶ୍ରୀ ଜେ. ସୋନାଲଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ଶ୍ରୀ ସମ୍ବିତ କୁମାର ରାଉତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ଜିଲ୍ଲା ସମବାୟ ନିବନ୍ଧକ ପ୍ରଭାତ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଚାର ରଥ ଫସଲ ବୀମାର ଉପଯୋଗୀତା ସମ୍ପର୍କରେ ଚାଷୀ ଭାଇମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ବ୍ଲକ ପରିଭ୍ରମଣ କରିବ। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ। ରିସ୍କ ଟିମ ସଂଯୋଜକ ନୟିମ, ବ୍ଲକ ସଂଯୋଜକ କବି ପ୍ରସାଦ ନାୟକ, ପ୍ରଶାନ୍ତ ବାରିକ, ଚନ୍ଦନ ମହାରଣା, ସୁଭାଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କୋଣାଗାଁ ଶିକ୍ଷାନୁଷ୍ଠାନ ପରିଦର୍ଶନ



**କୋରାପୁଟ, ୫।୮ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ସୋମବାର ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଗସ୍ତରେ ଆସି କୋଣାଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଆଠ ମାସ ଧରି ମୁଖ୍ୟ ବିଷୟ ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ପୂରଣ ନେଇ ଅଭିଭାବକ ଓ ଗ୍ରାମବାସୀ ସମସ୍ତ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ବାହାରକୁ ବାହାରକରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ବିଡ଼ିଓ ପ୍ରଥମେ ବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ସମସ୍ତ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିବା ସହିତ ତୁରନ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଦବୀ ପୂରଣ କରିବା ନିମନ୍ତେ ଫୋନ ଯୋଗେ ଆଲୋଚନା କରି ଏକ ମାସ ମଧ୍ୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଆଶ୍ୱାସନା ଦେଇଥିଲେ।

# ବାଟିକାରେ ଶିଶୁ ଭବିଷ୍ୟତ ବାଟବଣା



**ବୋରିଗୁମ୍ମା,୫।୮ (ସଂଚାର ବ୍ୟୁରୋ):** ସ୍କୁଲରେ ଖୋଲିଛି ବାଟିକା । ଶିଶୁ ବାଟିକାରେ ୫ବର୍ଷର ଶିଶୁଙ୍କ ନାମ ଲେଖାଯାଉଛି। ଅଙ୍ଗନବାଡ଼ିରୁ ୫ବର୍ଷ ପୁରିଥିବା ଶିଶୁମାନେ ପ୍ରାଥମିକ ସ୍କୁଲ ଯିବେ। ନିଜ ନାମ ଲେଖାଇବେ। ଯାହାକୁ ଜାତୀୟ ଶିକ୍ଷାନୀତି -୨୦୨୦ନୀତି ଅନୁଯାୟୀ ଏମାନଙ୍କୁ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ । ଏଭଳି ନିଷ୍ପତି ପରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଅନେକ ଛାତ୍ର, ଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଏବେ ଏମାନେ ବସିବାକୁ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ପଢାଇବାକୁ କେହି ନାହିଁ। ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ବାଟିକା ଶିଶୁଙ୍କୁ ନେଇ ଚାପରେ ରହୁଛନ୍ତି।

ସ୍ଥାନ ଅଭାବ ହେତୁ ପ୍ରଥମ ଶ୍ରେଣୀ ପିଲାଙ୍କ ସହ ଅଧିକାଂଶ ସ୍କୁଲରେ ବସୁଛନ୍ତି। ଏକାଠି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ପିଲା ବସି ରହିବା ଯୋଗୁଁ ପାଠ ପଢାରେ ସମସ୍ୟା ଦେଖାଦେଉଛି । ଦୀର୍ଘ ୬ ମାସ ହେଲା ଏହି ସମସ୍ୟା ଲାଗି ରହିଛି। ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନଥିବାରୁ ଏଭଳି ଅଚଳାବସ୍ଥା ଦେଖା ଦେଇଛି।

ନୂଆ ନିୟମ ଅନୁଯାୟୀ, ସ୍କୁଲ ପରିଚାଳନା କମିଟିର ମୁଖ୍ୟ ଭାବେ ପ୍ରଧାନଶିକ୍ଷକ ରହିବେ। ଅଗଷ୍ଟ ମାସ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ କମିଟି ନିଷ୍ପତି ପରେ ନିଯୁକ୍ତିର ରାସ୍ତା ଫିଟିବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ, ୫ବର୍ଷର ପିଲାଙ୍କ ଶିଶୁ ବାଟିକାରେ ଆଡ଼ମିଶନ କରାଯିବ। ଖେଳ କୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ ଏମାନଙ୍କ ତତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ସେମାନେ ବାଟିକାର ଶିଶୁଙ୍କ ସେବା ଯତ୍ନକରିବା ସହ ନାଚ ଗୀତ ଆଦି ଶିଖାଇବେ। ଏହି ସେବିକା ନିଯୁକ୍ତି ନେଇ ଏବେ ଅନେକ ବିଦ୍ୟାଳୟରେ ରାଜନୀତି ଆରମ୍ଭ ହୋଇଛି। ଅନେକ ବିଦ୍ୟାଳୟରେ ଅଧିକ ଶ୍ରେଣୀକୁ କମ ଶିକ୍ଷକ ରହିଛନ୍ତି। ଏଭଳି ସମୟରେ ପୁଣି ବାଟିକା ପିଲା ଆସିବା ଦ୍ୱାରା ଆହୁରି ଟେନସନ୍ସ ବଢ଼ିଛି। ତୁରନ୍ତ ବାଟିକାରେ ସେବିକା ନିଯୁକ୍ତି କରିବାକୁ ଶିକ୍ଷକ ଓ ଅଭିଭାବକ ମହଲରୁ ଦାବୀ ହୋଇଛି ।

### କଳାହାଣ୍ଡି ଡ୍ରିମ୍ ସେଣ୍ଟର୍ ଏଜୁକେସନାଲ ହଷ୍ଟେଲ ବନ୍ଦ

## ଅନ୍ଧାରରେ ୯୯ ଶିକ୍ଷାର୍ଥୀଙ୍କ ଭବିଷ୍ୟତ




**ନର୍ଲା,୫।୮ (ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଶେରଗଡ଼ ଗ୍ରାମ ପଞ୍ଚାୟତର ଡେଙ୍ଗସର୍ଗୀ ଠାରେ ଦିର୍ଘଦିନ ହେଲା ଚାଲି ଆସୁଥିବା କଳାହାଣ୍ଡି ଡ୍ରିମ୍ ସେଣ୍ଟର୍ ଏଜୁକେସନାଲ ହଷ୍ଟେଲ ବନ୍ଦ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ହଷ୍ଟେଲ ବନ୍ଦ ହୋଇଯିବାରୁ ଏଠାରେ ରହୁଥିବା ଅନ୍ତେବାସୀମାନେ ନିଜନିଜ ଘରକୁ ଫେରି ଯାଇଛନ୍ତି। ବିନା କାଗଜପତ୍ରରେ ମିଶନ ହଷ୍ଟେଲ ପରିଚାଳକ କିପରି ଦୀର୍ଘ ବର୍ଷଧରି ଏହି ସଂସ୍ଥା ପରିଚାଳନା କରୁଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳ ଖେଳୁଥିଲେ ସେନେଇ ମଧ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ସଂସ୍ଥାକୁ ଦେଶ ବିଦେଶରୁ କିମ୍ବା କେଉଁ ସୂତ୍ରରୁ ଅନୁଦାନ ଆସୁଥିଲା, କିପରି ଏହାର ବ୍ୟବହାର କରାଯାଉଥିଲା ଏନେଇ ପ୍ରଶାସନ ଖୋଲତାଡ କରିବା ସହ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଏହି ମିଶନ ହଷ୍ଟେଲର ୯୯ ଅନ୍ତେବାସୀଙ୍କ ମଧ୍ୟରୁ ୨୮ ଜଣ ଛାତ୍ରଛାତ୍ରୀ ସ୍ଥାନୀୟ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ବାକିତକ ଛାତ୍ରଛାତ୍ରୀ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବାର ଜଣା ଯାଇଛି।

### ବିନା କାଗଜ ପତ୍ରରେ ଚାଲୁଥିଲା ସଂସ୍ଥା

ଛାତ୍ରଛାତ୍ରୀ ମାନଙ୍କ ପରୀକ୍ଷା ଚାଲୁ ରହିଥିବା ସମୟରେ ହଷ୍ଟେଲ ବନ୍ଦ କରିବା ଫଳରେ ଏହି ଅନ୍ତେବାସୀମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେଇ ୯୯ ଅନ୍ତେବାସୀଙ୍କ ଥଇଥାନ ବ୍ୟବସ୍ଥା କରିବା ସହିତ ଉଚିତ ପଦକ୍ଷେପ ନେବା ପାଇଁ ଅଭିଭାବକ ମହଲରୁ ଦାବି ହୋଇଛି।

## ଦୁର୍ଘଟଣାରେ ୩ ଛାତ୍ର ଗୁରୁତର



**କଣାସ,୫।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ଅଣ୍ଡାରସିଂହ ଗ୍ରାମପଞ୍ଚାୟତ ଅଣ୍ଡାରସିଂହ ଗ୍ରାମରେ ସ୍ଥାପିତ ସାରଥବିଶ୍ୱାଳ ବିଦ୍ୟାପୀଠର ନବମ ଓ ଦଶମ ଶ୍ରେଣୀ ୩ଜଣ ଛାତ୍ର ଆଜି ସଡ଼କ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବରନେବାରେ ଜଣାପଡ଼ିଛି ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ବିଶ୍ୱାଳ, ଶଦ୍ଧାଶିବ ବିଶ୍ୱାଳ ଏବଂ ଦଶମ ଶ୍ରେଣୀ ଛାତ୍ର ସମ୍ବିଦ୍ କୁମାର ଚମ୍ପତି ମଧାହ୍ନ ଭୋଜନ ଖାଇ ସାରି ବିଦ୍ୟାଳୟ ବାହାରେ ଥିବା ନଳକୂପରୁ ବାସନ ଧୋଇସାରି ଫେରୁଥିବା ସମୟରେ ଏକ ପାସେଞ୍ଜର ଅଟୋ ନଂ-ଓଡି୦୨ଏ.ଏଚ୍୫୪୮୮ଡିଟି ନୂଆଜଗନ୍ନାଥ ସଡକରେ ନିରାକାରପୁର ଆଡୁ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ସମୟରେ ତିନି ଜଣ ଛାତ୍ରଙ୍କୁ ଧକାଦେଇ ଥିଲା। ତିନି ଜଣ ଛାତ୍ର ଗୁରୁତର ଆହତ୍ ହୋଇ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ତିନି ଜଣକ ମଧ୍ୟରେ ଦୁଇଜଣର ଆବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତିରତ କରାଯାଇଛି। ଖବର ପାଇ କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରି ଅଟୋଟିକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ




**ବାଲିଆପାଳ, ୫।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ.ଏସ.ଏସ. କୋ-ୟୁନିଟ ଓ ଦେଭୋଗ ଗ୍ରାମପଞ୍ଚାୟତ ମିଳିତ ଉଦ୍ୟମରେ ଏକ ଗ୍ରୀନ ଇନିସିଏଟିଭ୍ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କଲେଜ ମୁଖ୍ୟ ରାସ୍ତା ସମୀପରେ ଥିବା ଅମୃତଶର ପୋଖରୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଦେଭୋଗ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ସଦସ୍ୟଙ୍କ ପ୍ରତିନିଧି ଧନଞ୍ଜୟ ଗିରି, ୱାର୍ଡ ମେମ୍ବର ତିଳୋତ୍ତମା ଦଳାଇ ଓ ଅନ୍ୟ ଗ୍ରାମପ୍ରତିନିଧିମାନେ ଯୋଗ ଦେଇ ଥିଲେ। କଲେଜର ଏନ.ଏସ.ଏସ. ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ।

## ବର୍ଷା ପାଇଁ ସ୍ୱର୍ଗ ମାଉଳିଙ୍କ ନିକଟରେ ଶରଣ ପଶିଲେ ଗ୍ରାମବାସୀ



**ଭବାନୀପାଟଣା,୫।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତର ବାରପାଳି ମହିମା,ଢ଼େଙ୍ଗାଗୁଡ଼ା, ଟେମରା, ଘଣ୍ଟିଗୁଡା, କରଲାଗୁଡା, ମାଲପଡା, ଡୁଡୁକାଠେଙ୍ଗା, ଖଲିଗଡ଼, ମୁନୁଗାପଦର, ଆମପାଣି, କୁଟୁରୁ, ବୋବରିଆ ଅଞ୍ଚଳର ଚାଷୀ ଓ ଗ୍ରାମବାସୀ ସ୍ୱର୍ଗ ମାଉଳିଙ୍କ ନିକଟରେ ବର୍ଷା ପାଇଁ ଶରଣ ପଶିଛନ୍ତି।

ଚଳିତ ବର୍ଷ ଅନିୟମିତତା ବର୍ଷା କାରଣରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଶ୍ରାବଣ ମାସ ଶେଷ ହେବାକୁ ବସିଥିବା ବେଳେ ବର୍ଷାର ଅଭାବ ଯୋଗୁଁ ଚାଷ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ପଡ଼ିଛି। ପୂର୍ବ ପରମ୍ପରା ଅନୁସାରେ ବର୍ଷା ପାଇଁ ଗ୍ରାମାଞ୍ଚଳରେ ରହୁଥିବା ଲୋକେ ଦେବାଦେବୀଙ୍କ ଶରଣାପନ୍ନ ହୋଇ ପୂଜାର୍ଚ୍ଚନା ସହ ଦେବାଦେବୀଙ୍କ ଆବାହନ କରୁଥିବା ଦେଖିବାକୁ ମିଳୁଛି।

କୋକସରା ବ୍ଲକ ଅଣଜଳସେଚିତ ପଞ୍ଚାୟତ ହେଉଛି ମହିମା ପଞ୍ଚାୟତ। ତେବେ ପୂର୍ବ ପୁରୁଷରୁ ଚାଲି ଆସିଥିବା ପରମ୍ପରା ଅନୁସାରେ ଯେଉଁ ବର୍ଷ ଚାଷ କାର୍ଯ୍ୟ ପାଇଁ ବର୍ଷାର ଅଭାବ ହୁଏ ବାର ପାଳିର ଦେବାଦେବୀ ଓ ଗ୍ରାମବାସୀମାନେ ଡୋଙ୍ଗର ଉପରେ ଥିବା ମା ସ୍ୱର୍ଗ ମାଉଳି ଦେବୀଙ୍କୁ ଆବାହନ କଲେ ବର୍ଷା ହେଉଥିବା ବିଶ୍ୱାସ ରହିଛି। ବର୍ଷାର ଦେବତା ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବା ପାଇଁ ମହିମା ଗ୍ରାମର ଦେବାଦେବୀ ପୀଠରେ ଗତ ରବିବାର ଠାରୁ ଆରମ୍ଭ ହୋଇଛି ପୂଜାର୍ଚ୍ଚନା ଗ୍ରାମ ପୁଝାରି ରତନ ପୁଝାରି ଓ ଟେମରା ଗ୍ରାମର ପୁଝାରି ଚିତ୍ରସେନ ମାଝୀ ଗ୍ରାମର ମା ଦଣ୍ଡପାଟିଆଣି ଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି। ମଙ୍ଗଳବାର ମହିମା ପଞ୍ଚାୟତ ବାର ପାଳି ଗ୍ରାମର ଚାଷୀ ଓ ଗ୍ରାମବାସୀମାନେ ଏକତ୍ରିତ ମା' ଦଣ୍ଡପଟିଆଣି, ବାରିଦାୟିନୀ, ମା' ଠାକୁରାଣୀ, ଖମ୍ବେଶ୍ୱରୀ, ଭଣ୍ଡାର ଘରେନ, ବସ୍ତରେନ, ଲଦା ଲଦେନ ବୁଢାରଜା, ପିଲାଭୀମା, ପଣ୍ଡରାଭୀମା, ମଣ୍ଡଳ ଭିମା, ଭୁଞ୍ଜିଆଡୁମା ଦେବାଦେବୀଙ୍କ ଲାଠିକୁର୍ସି ବାଜାଗାଯାରେ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଗ୍ରାମ ନିକଟରେ ଥିବା ମହିମା ଡୋଙ୍ଗର ଉପରେରେ ପୂଜା ପାଉଥିବା ମା ସ୍ୱର୍ଗ ମାଉଳିଙ୍କ ନିକଟରେ ଯାଇ ପୂଜାର୍ଚ୍ଚନା କରିବା ସହ ଚାଷୀ ଓ ଗ୍ରାମବାସୀ ମରୁଡି ଦାଉରୁ ରକ୍ଷା କରିବା, ବର୍ଷା ହେବାପାଇଁ ଶରଣାପନ୍ନ ହୋଇଥିଲେ।

## ଏକାଦଶାହରେ ଶିକ୍ଷକ ସଂଘ ପକ୍ଷରୁ ସହାୟତା ପ୍ରଦାନ



**ନୀଳଗିରି, ୫।୮ (ସଂଚାର ବ୍ୟୁରୋ):** ବରହମପୁର ଦୀନବନ୍ଧୁ ନୋଡାଲ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ସ୍ୱର୍ଗତ କରନ ମାଝୀଙ୍କ ଅକାଳ ବିୟୋଗରେ ନୀଳଗିରି ଜାତି, ଜନଜାତି ଏବଂ ଦିବ୍ୟାଙ୍ଗ ଏକ୍ସ କ୍ୟାଡ଼ର ସଂଘ ତରଫରୁ ଗଭୀର ସମବେଦନା ଜଣାଇବା ସହିତ ସ୍ୱର୍ଗତ ମାଝୀଙ୍କ ଏକାଦଶାହ କ୍ରିୟାରେ ତାଙ୍କର ବିଧବା ପତ୍ନୀଙ୍କୁ ସଂଘ ତରଫରୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ଗତ ରବିବାର ରାତ୍ରୀରେ ଉକ୍ତ ସଂଘର ସଭାପତି ମନ୍ମଥ ମଲ୍ଲିକଙ୍କ ଅପ୍ରତ୍ୟାଶିତ ମୃତ୍ୟୁ ହୋଇଥିବାରୁ ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କର ଅମରଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ନରହରି ସିଂ, ରମେଶ ଚନ୍ଦ୍ର ସିଂ, ରବୀନ୍ଦ୍ର ଜେନାଙ୍କ ସଂଘର ବହୁ ଶିକ୍ଷକ ଉପସ୍ଥିତ ରହି ଉଭୟ ଶିକ୍ଷକଙ୍କ ବିୟୋଗରେ ସମବେଦନା ଜ୍ଞାପନ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ବୃଦ୍ଧାଶ୍ରମରେ ସହାୟତା ପ୍ରଦାନ




**ବାଲିଆପାଳ, ୫।୮ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଉଦୟନାରାୟଣ ଉଚ୍ଚ ଉଚ୍ଚବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ବନ୍ଧୁମିଳନ ଅବସରରେ ବଣଭୋଜି ନ କରି ସେହି ଖର୍ଚ୍ଚକୁ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସହାୟତା କରିବାର ସିଦ୍ଧାନ୍ତ ନେଇଛନ୍ତି। ରବିବାର ପୂର୍ବାହ୍ନରେ ଛାତ୍ରଛାତ୍ରୀମାନେ ବାଲିକୁଟି ପଞ୍ଚାୟତ ଛଡା ଗ୍ରାମରେ ଥିବା ଶ୍ରଦ୍ଧା ବୃଦ୍ଧାଶ୍ରମକୁ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କୁ ଗୋଟିଏ ମାସର ରାସନ ସାମଗ୍ରୀ, ଆର୍ଥିକ ରାଶି, ପାଲ, ବସ୍ତ୍ର ପ୍ରଦାନ କରିବା ସହିତ ଭୋଜନର ବ୍ୟବସ୍ଥା କରିଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସୁବର୍ଣ୍ଣପୁର ଜିଲ୍ଲାରେ ନାହିଁ ଶୀତଳ ଭଣ୍ଡାର ; ଅଭାବୀ ବିକ୍ରିର ଶିକାର ଚାଷୀ



**ସୁବର୍ଣ୍ଣପୁର,୫।୮ (ସଂଚାର ବ୍ୟୁରୋ):** କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି ଓ ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅମଳ କରାଇବା ଲକ୍ଷ୍ୟରେ ବହୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା କରାଯାଇଛି। ଚାଷୀ କ୍ଷେତରେ ଉତ୍ପାଦନ କରୁଥିଲେ ମଧ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ପାଉନାହିଁ । ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଶୀତଳଭଣ୍ଡାରରେ ରହିଯାଇଛି ସରକାରଙ୍କ ଶୀତଳଭଣ୍ଡାର ପ୍ରକଳ୍ପ ।

ମହାନଦୀ ଓ ତେଲ ନଦୀ କୂଳରେ ଅବସ୍ଥିତ ଗ୍ରାମାଞ୍ଚଳର ଚାଷୀମାନେ ବାଇଗଣ, ଟମାଟୋ, କାକୁଡି ସହିତ ବିଭିନ୍ନ ପ୍ରକାରର ପନିପରିବା ଚାଷ କରୁଛନ୍ତି। ବୀରମହାରାଜପୁର, ଉଲୁଣ୍ଡା, ବିନିକା ବ୍ଲକର ଅଞ୍ଚଳର ଚାଷୀମାନେ ସୋନପୁର ଏବଂ ବୀରମହାରାଜପୁର ମୁଖ୍ୟ ବଜାର ଉପରେ ନିର୍ଭର କରୁଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଅଞ୍ଚଳରୁ ଟ୍ରକ ଟ୍ରକ ପନିପରିବା ଓଡ଼ିଶା ବାହାରକୁ ରପ୍ତାନି କରାଯାଏ । ହେଲେ ଆଜି ପର୍ଯ୍ୟନ୍ତ ବୀରମହାରାଜପୁର ଅଞ୍ଚଳରେ ଶୀତଳଭଣ୍ଡାର ନିର୍ମାଣ ହୋଇ ପାରିଲା ନାହିଁ। ଏଥିପ୍ରତି ଉଦ୍ୟାନ, କୃଷି ବିଭାଗ କି ବ୍ଲକ ପ୍ରଶାସନ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନି । ତେବେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଂଚଳରୁ ପନିପରିବା ଟ୍ରକ ଯୋଗେ ପଡୋଶୀ ବଜାରକୁ ପଠାଯାଉଛି । ଅଧିକ ଅମଳ କାରଣରୁ ବହୁ ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ତେବେ ଶୀତଳଭଣ୍ଡାର ହେଲେ ବଳକା ସାମଗ୍ରୀ ଗଚ୍ଛିତ ରଖାଯାଇପାରିବ । ଆବଶ୍ୟକ ସମୟରେ ଉଚିତ୍ ମୂଲ୍ୟରେ ବିକ୍ରୀ ହୋଇପାରିବ ।

ଜିଲ୍ଲାରେ ଘରୋଇ ଭାବେ ମଧ ଗୋଟିଏ ବି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଓ ବେପାରୀ ମାନେ ବାଧ ହୋଇ ଅତି ଦରକାର ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଦୀର୍ଘ ବର୍ଷ ହେଲା ଏହି ଅଂଚଳର ଚାଷୀମାନେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି । ନେତା, ମନ୍ତ୍ରୀ ପ୍ରତିଶ୍ରୁତି ମଧ ଦେଇ ଆସୁଛନ୍ତି । କିନ୍ତୁ ପ୍ରତିଶ୍ରୁତି ସେମିତି ରହିଯାଉଛି। ତେବେ ସରକାରଙ୍କ ତରଫରୁ ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଯଦି ଏକ ଶୀତଳଭଣ୍ଡାର ନିର୍ମାଣ ହୁଅନ୍ତା । ଏହି ଅଂଚଳର ଚାଷୀମାନେ ଲାଭବାନ ହେବା ସହିତ ଅଞ୍ଚଳର ବିକାଶ ହୋଇପାରନ୍ତା । ଏଥିପ୍ରତି ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଏବଂ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଏ ଅଂଚଳର ଚାଷୀମାନେ ଦାବି କରିଛନ୍ତି ।

## କୃଷକ ସଂଗଠନ ତରଫରୁ ଜିଲ୍ଲାପାଳଙ୍କୁ ତିନି ଦଫା ଦାବିପତ୍ର



**ଭେଡେନ, ୫।୮ (ସଂଚାର ବ୍ୟୁରୋ):** ଭେଡେନ କୃଷକ ସଂଗଠନ ତରଫରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ତିନି ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ତୀବ୍ର ଆନ୍ଦୋଳନ କରିଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଧାନ ପଞ୍ଜିକରଣ ଜଟିଳତା ପ୍ରସଙ୍ଗ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ, ଜିଲ୍ଲାପାଳ, ଏସପିଙ୍କୁ ଦାବିପତ୍ର ପ୍ରଦାନ ପରେ ୪୫ଟି ସୋସାଇଟି ଅସନ୍ତୋଷ ପ୍ରଦର୍ଶନ ଏବଂ ଦାବିପତ୍ର ପ୍ରଦାନ, ସବକଲେକ୍ଟର ପଦ୍ମପୁର ଏବଂ ଡିଆରସିଏସଙ୍କ ସହିତ ଆଲୋଚନା ପରେ ମଧ କୌଣସି ସମାଧାନ ନ ହେବା ପରୀତାପର ବିଷୟ ଅଟେ। କିନ୍ତୁ ଯୋଗାଣ ମନ୍ତ୍ରୀ ବାରମ୍ବାର ମତ ପରିବର୍ତ୍ତନ କରି ଟିଭି ମିଡ଼ିଆରେ ପଞ୍ଜିକରଣକୁ ସରଳିକରଣ କରାଗଲା ବୋଲି ବିବୃତି ଆଶ୍ଚର୍ଯ୍ୟ ଜନକ ଅଟେ। ଆନ୍ଦୋଳନର ଚାପରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କହିବା ଅନୁସାରେ ରେକର୍ଡଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ କେବଳ ସ୍ୱଘୋଷଣା ନାମା ଦେଇ ଧାନ ବିକ୍ରି ପଞ୍ଜିକରଣ କରିହେବେ କହୁଛନ୍ତି। କିନ୍ତୁ କୌଣସି ସୋସାଇଟି ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ତାହାହେଲେ ମନ୍ତ୍ରୀ ମିଛ କହୁଛନ୍ତି ନାଁ ଅଫିସରମାନେ ମନ୍ତ୍ରୀଙ୍କ କଥା ମାନୁନାହାନ୍ତି ବୋଲି ସଂଗଠନ ପ୍ରଶ୍ନ କରିଛି। ସେହିପରି ଅଦିନିଆ ବର୍ଷା ଜନିତ ଇନପୁଟ ସବସିଟି ମଧ ରାଜସ୍ୱ ଓ ପ୍ରାକୃତିକ ବିପର୍ଯୟ ମନ୍ତ୍ରୀ ସୁରେଶ ପୂଜାରୀ ଏକ ମାସରୁ ଉର୍ଦ୍ଧ୍ୱ ହେବ ବରଗଡ଼ ଜିଲ୍ଲା ପାଇଁ ୭ କୋଟି ୫୫ ଲକ୍ଷ ୪୪ ହଜାର ଟଙ୍କା ଘୋଷଣା କଲେ ହେଲେ ପ୍ରଶାସନ କାହାକୁ ଦେଲେ ଜଣା ପଡୁନାହିଁ। ଫସଲ ବୀମା କ୍ଷତିପୂରଣ ଆବେଦନର ୧୦ ଦିନ ମଧ୍ୟରେ ସର୍ଭେ ହେବ ଏବଂ ୧୫ ଦିନରେ କ୍ଷତିପୂରଣ ଦେବା ନିୟମ ଅଛି। ତାହାହେଲେ କାହିଁକି କ୍ଷତିପୂରଣ ଦେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଯଦି ଉପରୋକ୍ତ ଦାବି ସମାଧାନ ଶୀଘ୍ର କରାନଯାଏ ତାହାହେଲେ ଯେ କୌଣସି ମୁହୂର୍ତ୍ତରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।



# ମହିଳା ବୋଲବମ୍ ଯାତ୍ରୀଙ୍କ ସୁରକ୍ଷା

ଶ୍ରାବଣରେ କାଉଡିଆ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି। ଭୋଳାନାଥଙ୍କୁ ଏହି ପବିତ୍ର ମାସ ସମର୍ପିତ। ମହାଦେବଙ୍କ ଉପରେ ଜଳାଭିଷେକ କରିବା ପାଇଁ ଶିବଭକ୍ତ କାଉଡିଆ ଯାତ୍ରାରେ ବାହାରି ଥାନ୍ତି। ଏହି ଯାତ୍ରାରେ କେବଳ ପୁରୁଷମାନେ ନୁହନ୍ତି, ମହିଳାମାନେ ମଧ ସାମିଲ ହୋଇଥାନ୍ତି। ଗେରୁଆ ବସ୍ତ୍ର ପରିଧାନପୂର୍ବକ ମହିଳାମାନେ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଶିବଙ୍କ ଉପରେ ଜଳଲାଗି କରି କରିଥାନ୍ତି। ବୋଲବମ୍ ଯାତ୍ରାରେ ମହିଳାଙ୍କ ଅନୁଭୂତି ଏବଂ ଯାତ୍ରା ସମୟରେ ସେମାନଙ୍କୁ କେଉଁ ସବୁ ଦିଗ ଉପରେ ଧାନ ଦେବା ଦରକାର, ତାହାକୁ ନେଇ ଏହି ଉପସ୍ଥାପନା।



**୧୮ବର୍ଷ ହେବ ଯାଉଛି:** ବାଲୁଗାଁର ରେଣୁ ବେହେରା ୧୮ ବର୍ଷ ହେବ ବୋଲବମ୍ ଯାତ୍ରାରେ ନିଜକୁ ସାମିଲ କରିଛନ୍ତି। ସାନ ପୁଅ ପାଇଁ ମାନସିକ ରଖି ସେ ଏହି ଯାତ୍ରା ଆରମ୍ଭ କରିଥିଲେ। ଯାହା ଏ ଯାବତ୍ ଜାରି ରହିଛି। ଏପରିକି ବୟସ ଥିବା ପର୍ଯ୍ୟନ୍ତ ଏଥିରେ ନିଜକୁ ସାମିଲ ରଖିବେ ବୋଲି ସେ କହିଛନ୍ତି। ସେହିପରି ପ୍ରଥମେ ତୁମ୍ବେଶ୍ୱର, ଉମାମହେଶ୍ୱର, ଗୋରଖନାଥ, ଲୋକନାଥ ଭଳି ଆହରି ଅନେକ ଶୈବ ମନ୍ଦିରରେ ସେ ଜଳଲାଗି କରିଛନ୍ତି। ଏହି ବୋଲବମ୍ ଯାତ୍ରା ଆରମ୍ଭ ଆଦୌ ତାଙ୍କ ପାଇଁ ସହଜ ନ ଥିଲା। ଚାଲିବା ଯୋଗୁଁ ପାଦରେ ଫୋଟକା ହେବା ସହ ଖାଲରେ ରେଣୁ ବୁଡ଼ି ମଧ ଯାଇଥିଲେ। ଏହିଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ସେ କହନ୍ତି। ସେହିପରି ବାଟରେ ରହିବା,ଖାଇବା ତଥା ଶୌଚ ହେବା ଲାଗି ମଧ ବହୁ ସମସ୍ୟା ହୋଇଥାଏ। ଏହା ସତ୍ତ୍ୱେ ବି ସେ ବୋଲବମ୍ ଯାତ୍ରାରୁ ନିଜକୁ ଦୂରେଇ ରଖି ନାହାନ୍ତି। ଶିବଙ୍କ ମହିମା ହିଁ ଯାତ୍ରାକୁ ଆଗକୁ ନେବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି। ରେଣୁ ଏକଲା ନୁହନ୍ତି, ତାଙ୍କ ସହ ସାହିର ଅନ୍ୟ ମହିଳା ତଥା ପୁରୁଷମାନେ ମଧ ଯାଆନ୍ତି। ବାଟରେ ସେମାନେ ମନ୍ଦିରରେ ରହିବା ସହ ନିଜେ ରୋଷେଇ କରି ଖାଇଥାନ୍ତି। ଅନ୍ୟପଟେ ସାନ ପୁଅ ପାଇଁ ବୋଲବମ୍ ଯାତ୍ରା ଯାଉଥିବା ବେଳେ ତାଙ୍କ ପୁଅ ମଧ ୭-୮ ବର୍ଷ ହେବ ବୋଲବମ୍ ଯାତ୍ରାରେ ଯାଉଛନ୍ତି।

## ଭେଣ୍ଡି ସୋରିଷ ମସଲା



ଆବଶ୍ୟକ ସାମଗ୍ରୀ: ଭେଣ୍ଡି: ୫୦୦ ଗ୍ରାମ, କଳା ଜିରା: ଅଧା ଚାମଚ, କଳା ସୋରିଷ: ଦୁଇ ଚାମଚ, ଧଳା ସୋରିଷ: ଦୁଇ ଚାମଚ, ନଡ଼ିଆ: ଏକ ଚାମଚ, କଞ୍ଚା ଲଙ୍କା:ଅଳ୍ପ କିଛି, ଧନିଆ ପତ୍ର: ଅଳ୍ପ କିଛି, ହଳଦି ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି: ପ୍ରଥମେ ଭେଣ୍ଡିକୁ ଧୋଇ କାଟି ରଖନ୍ତୁ। ଏହାପରେ କଳା ସୋରିଷ, ଧଳା ସୋରିଷ, ଲୁଣ, ନଡ଼ିଆ କୋରା, କଞ୍ଚା ଲଙ୍କା ବାଟି ରଖନ୍ତୁ। ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହଲେ କଳା ଜିରା ପକାନ୍ତୁ। ସେଥିରେ ଭେଣ୍ଡି ପକାଇ ହଳଦି ଗୁଣ୍ଡ, ଲୁଣ, ଲଙ୍କା ଗୁଣ୍ଡ ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସୋରିଷ ମସଲା ପକାଇ ଭଲଭାବେ ଗୋଳାଇ ଅଳ୍ପ ପାଣି ଦିଅନ୍ତୁ। କିଛି ସମୟ ଫୁଟିବା ପରେ ଧନିଆ ପତ୍ର ପକାଇ ଗରମ ଗରମ ପରଷନ୍ତୁ ଭେଣ୍ଡି ସୋରିଷ ମସଲା।

## ଗୋଲାପ ଜଳରେ ଛଡ଼ାନ୍ତୁ ଆଇ-ଲାଇନର



ମେକ୍ଅପ୍ ନେବା ସମୟରେ ଯେତିକି ଗୁରୁତ୍ୱ ଦିଆଯାଏ ଠିକ୍ସେମିତି ଏହାକୁ ଛଡ଼ାଇବା ବେଳେ ମଧ୍ୟ ସେତିକି ଦୃଷ୍ଟି ଦିଆଯାଏ। ତେବେ ଆଖିକୁ ଅଧିକ ଆକର୍ଷଣୀୟ କରିଥାଏ ଆଇଲାଇନର। ମାତ୍ର ଏହାକୁ ବିନା ପାଣିରେ ଛଡାଇବା ମଧ୍ୟ ସହଜ।

ଗୋଲାପ ଜଳରେ ଛଡ଼ାନ୍ତୁ: ଏ ଲାଗି ଗୋଲାପ ଜଳ ବ୍ୟବହାର କରିପାରିବେ। ଏଥିପାଇଁ କଟନ ବଲ୍ସକୁ ଆଇଲାଇନରରେ ବୁଡ଼ାନ୍ତୁ। ତାହାକୁ ଆଖି ଉପରେ ୫ ମିନିଟ୍ ପାଇଁ ରଖନ୍ତୁ। କିଛି ସମୟ ପରେ କଟନରେ ଆଇଲାଇନରକୁ ଛଡାନ୍ତୁ।

ନଡ଼ିଆ ତେଲର ଉପଯୋଗ: ନଡ଼ିଆ ତେଲ ଆଖି ତଳ କଳା ଦାଗ ଦୂର କରିବାରେ ସାହାଯ୍ୟ କରେ। ସେହିପରି ଟିସୁ ପେପର୍ରେ ଦୁଇ ବୁନ୍ଦା ନଡ଼ିଆ ତେଲ ପକାନ୍ତୁ। ଏହା ସାହାଯ୍ୟରେ ଆଇଲାଇନର ସଫା କରନ୍ତୁ।

କୋଲ୍ଡ କ୍ରିମ୍ର ବ୍ୟବହାର: ସେହିପରି ଆଇଲାଇନର ରିମୁଭ୍ ପାଇଁ କୋଲ୍ଡ କ୍ରିମ୍ ମଧ୍ୟ ବ୍ୟବହାର କରିପାରିବେ। ଅଳ୍ପ କିଛି କୋଲ୍ଡ କ୍ରିମ୍ ନେଇ ତାହାକୁ ଆଖିରେ ଲଗାନ୍ତୁ ଏବଂ କଟନ ସାହାଯ୍ୟରେ ଆଇଲାଇନର ଛଡ଼ାନ୍ତୁ।

ଘରୋଇ ମେକ୍ଅପ୍ ରିମୁଭର: କଞ୍ଚା କ୍ଷୀର ଓ ବାଦାମ ତେଲକୁ ମିଶାନ୍ତୁ। ତାହାକୁ ଆଇଲାଇନର ରିମୁଭ୍ ଲାଗି ଉପଯୋଗ କରନ୍ତୁ।

## ଗାର୍ଲିକ କର୍ଣ୍ଣ ପନିର୍



ଆବଶ୍ୟକ ସାମଗ୍ରୀ: ପନିର୍: ୫୦୦ ଗ୍ରାମ୍, ସିଝାକର୍ଣ୍ଣ: ଅଧା କପ୍, ଧନିଆ ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଗରମ ମସଲା ଗୁଣ୍ଡ: ଅଧା ଚାମଚ, ଜିରା ଗୁଣ୍ଡ: ଅଧା ଚାମଚ, ଗୋଲମରିଚ ଗୁଣ୍ଡ: ଅଧା ଚାମଚ, କଟା କଞ୍ଚା ଲଙ୍କା: ଅଳ୍ପ, କସୁରି ମେଥି: ଏକ ଚାମଚ, କଟା ରସୁଣ: ଏକ ଚାମଚ, ଟମାଟୋ: ଅଧା କପ୍, ପିଆଜ: ଏକ କପ୍, ହଳଦି: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି: ପନିର୍କୁ ପ୍ରଥମେ କାଟି ରଖନ୍ତୁ। ଚୁଲିରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହେବା ପରେ କଟା ପିଆଜ ପକାନ୍ତୁ। ପିଆଜ ଅଳ୍ପ ଲାଲ ହୋଇ ଆସିଲେ କଟା ରସୁଣ, କଟା କଞ୍ଚା ଲଙ୍କା ପକାନ୍ତୁ। ସେଥିରେ ଲୁଣ, ହଳଦି ଗୁଣ୍ଡ, ଧନିଆ, ଜିରା, ଗରମ ମସଲା ପକାଇ ଭାଜନ୍ତୁ। ଏ ସବୁ ଭଲଭାବେ ଭାଜି ହୋଇ ଯିବା ପରେ ସେଥିରେ ସିଝା କର୍ଣ୍ଣ, ପନିର୍ ପକାଇ ଧିମା ଆଞ୍ଚରେ ବସାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ, କସୁରି ମେଥି ପକାଇ ଗରମ ଗରମ ପରଷନ୍ତୁ 'ଗାର୍ଲିକ୍ କର୍ଣ୍ଣ ପନିର୍'।

## କେଶ ବାନ୍ଧି ଶୋଇବା ଭଲ



ଆଜିକାଲି କେଶ ଝଡ଼ିବା ତଥା ଅକାଳରେ କେଶ ପାଚିବା ସମସ୍ୟାକୁ ନେଇ ଅଧିକାଂଶ ଚିନ୍ତିତ। ସେଥିପାଇଁ କେଶର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ରାତିରେ କେଶ ଖୋଲିକି ଶୋଇବା ଦ୍ୱାରା କେଶ ଝଡ଼ିଥାଏ ଓ ଅନ୍ୟ ସମସ୍ୟା ମଧ ଦେଖା ଦିଏ। ତେବେ ରାତିରେ କେଶ ଖୋଲିକି କିମ୍ବା ବାନ୍ଧିକି ଶୋଇବା ଦରକାର, ତାହାକୁ ନେଇ ଅଧିକାଂଶ ଯୁବତୀ ଦ୍ୱନ୍ଦ୍ୱରେ ଥାନ୍ତି।

କେଶକୁ ଖୋଲି ଶୋଇବା ଦ୍ୱାରା କେଶ ଶୁଷ୍କ ଓ ରୁକ୍ଷ ହୋଇଥାଏ। ମୁକୁଳା କେଶରେ ଆର୍ଦ୍ରତା ରହି ନ ଥାଏ। ସେଥିପାଇଁ ରାତିରେ ଶୋଇବା ସମୟରେ କେଶକୁ ସାଟନ୍ କପଡ଼ା ସ୍କାର୍ଫରେ ବାନ୍ଧିବା ଉଚିତ। ଏହା ଦ୍ୱାରା କେଶ ସୁରକ୍ଷିତ ରହେ। ତେବେ କେଶ ମୂଳକୁ ଜୋର୍ରେ ବାନ୍ଧି ଶୋଇବା ଅନୁଚିତ।

ଅନ୍ୟପଟେ ଶୋଇବା ପୂର୍ବରୁ କେଶକୁ ଭଲଭାବେ କୁଣ୍ଡାଇବା ଦରକାର। ଏହା ଦ୍ୱାରା କେଶ ଝଟା ହୋଇ ନ ଥାଏ। ଏହାଛଡ଼ା ଦୋମୁହାଁ କେଶ ସମସ୍ୟାରୁ ମୁକ୍ତି ମିଳେ। ମୁଣ୍ଡ କୁଣ୍ଡାଇବା ପରେ କେଶକୁ ଢିଲା ବାନ୍ଧିବା ଦିଗରେ ଯତ୍ନବାନ ହୁଅନ୍ତୁ। ସେହିପରି ସପ୍ତାହକୁ ଦୁଇଥର କେଶରେ ତେଲ ଲଗାଇ ମସାଜ କରିବା ଉଚିତ।

## ଦହିରେ ଦୂର ହେବ ଆଣ୍ଠୁ କଳାଦାଗ



ଆଣ୍ଠୁ କଳା ପଡ଼ିବା ବା ଦେଖାଯିବା ଏକ ସାଧାରଣ ସମସ୍ୟା। ମେଲାନିନ୍ ଅଧିକ ହେବା, ଅତ୍ୟଧିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଯୋଗୁଁ ମଧ ଆଣ୍ଠୁ କଳା ଦେଖାଯାଏ। ତେବେ ଏ ସମସ୍ୟାରୁ କିଭଳି ମୁକ୍ତି ପାଇବେ, ସେ ସମ୍ପର୍କରେ ଜାଣିବା।

ଦହି, ବେସନ: ଦହିରେ ବେସନ ଲଗାଇ ଆଣ୍ଠୁରେ ଲଗାନ୍ତୁ। ୧୫ ମିନିଟ୍ ପରେ ଏହାକୁ ସଫା କରିଦିଅନ୍ତୁ।

**ଘିକୁଆଁରୀ ରସ, ଚିନି:** ଘିକୁଆଁରୀ ରସ ସହ ଚିନି ମିଶାଇ ସ୍କ୍ରବ୍ ତିଆରି କରନ୍ତୁ। ଏହା ଦ୍ୱାରା ଆଣ୍ଠୁ କଳା ଦାଗ ଦୂର ହୁଏ।

ପାଚିଲା ଅମୃତ ଭଣ୍ଡା: ପାଚିଲା ଅମୃତଭଣ୍ଡାକୁ ଚକଟି ଆଣ୍ଠୁରେ ଲଗାନ୍ତୁ।

ଟମାଟୋ ରସ: ଟମାଟୋ ରସରେ ବେକିଂ ସୋଡ଼ା ମିଶାନ୍ତୁ। ୧୨ ମିନିଟ୍ ପର୍ଯ୍ୟନ୍ତ ତାହାକୁ ସ୍କ୍ରବ୍ କରି ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

**ଚନ୍ଦନ, ମୁଲତାନି ମାଟି:** ମୁଲତାନି ମାଟି, ଚନ୍ଦନରେ ଗୋଲାପ ଜଳ ମିଶାଇ ଲଗାଇଲେ ଏହା ଆଣ୍ଠୁ କଳା ଦାଗ ଦୂର କରେ।

ପଇଡ଼ ପାଣି: ପଇଡ଼ ପାଣିରେ ଭିଟାମିନ୍ ସି ଥିବାରୁ ତ୍ୱଚା ରଙ୍ଗ ସଫା ହୋଇଥାଏ। ଏହାକୁ ନିତିଦିନ ଆଣ୍ଠୁରେ ଲଗାନ୍ତୁ।

କ୍ଷୀର ଓ ହଳଦି: କ୍ଷୀରରେ ହଳଦି ଲଗାଇ ଆଣ୍ଠୁରେ ମାଲିସ କରନ୍ତୁ।

## ହ୍ୱାଇଟ୍ ଗହଣାରୁ ଆକର୍ଷଣୀୟ ଲୁକ୍



ଗହଣା ଆଦି କିଣିବା ସମୟରେ ମହିଳାମାନେ ଏହାର ଡିଜାଇନ ଉପରେ ବେଶି ଗୁରୁତ୍ୱ ଦେଇଥାନ୍ତି। ତେବେ ଗହଣାର ଡିଜାଇନ ସହ ରଙ୍ଗ ଉପରେ ମଧ ସମାନ ପ୍ରାଧାନ୍ୟ ଦେବା ଦରକାର। ଏବେ କିନ୍ତୁ ଧଳା ରଙ୍ଗ ଗହଣାର ଚାହିଦା ଅଧିକ। କାନଫୁଲ, ନେକ୍ଲେସ୍ ତଥା ଚୋକରକୁ ଧଳା ରଙ୍ଗରେ ପିନ୍ଧିପାରିବେ।

❑ ଚୋକରର ପିନ୍ଧିବାକୁ ପସନ୍ଦ ଥିଲେ ଧଳା ରଙ୍ଗକୁ ସାମିଲ କରିପାରିବେ। କୌଣସି ୱେଷ୍ଟର୍ଣ୍ଣ ଆଉଟ୍ଫିଟ୍ ସହିତ ଏହାକୁ ପିନ୍ଧିଲେ ଭଲ ଲାଗେ।

❑ ଜିନ୍ସ, ସ୍କର୍ଟ ସହିତ ଧଳା ରଙ୍ଗ ଚେନ୍ ନେକ୍ଲେସ୍ ପିନ୍ଧିପାରିବେ। ସେହିପରି ଏହାକୁ ପାରମ୍ପରିକ ଡ୍ରେସ୍ ସହିତ ପିନ୍ଧିଲେ ମଧ ଭଲ ଲାଗେ। ଏହାର ବିଭିନ୍ନ ଡିଜାଇନ ମଧ ବଜାରରେ ଉପଲବ୍ଧ।

❑ ସେହିପରି ଧଳା ରଙ୍ଗର କାନଫୁଲ ମଧ ମିଳୁଛି। ଏହା ସବୁ ପ୍ରକାର ଆଉଟ୍ଫିଟ୍କୁ ଭଲ ମାନେ। ନେକ୍ଲେସ୍ ସହିତ ମ୍ୟାଚ୍ କରି ମଧ ପିନ୍ଧାଯାଇପାରିବ।

❑ ଧଳ ରଙ୍ଗର ବିଡେଡ୍ କାନଫୁଲ ଅଧିକ ଆକର୍ଷଣୀୟ ଲାଗେ। ଏହାକୁ ହ୍ୱାଇଟ୍ ଓ ନାଲି ଗାଉନ୍ ସହିତ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

## ଚମକ ବଢ଼ାଏ ଇକୋ ଗ୍ଲିଟର ଫେସ୍ ମାସ୍କ




ଉଜ୍ଜ୍ୱଳ ତ୍ୱଚା ପାଇବା ପାଇଁ ମହିଳାମାନେ ଅନେକ ପ୍ରକାର ପ୍ରସାଧନୀ ସାମଗ୍ରୀ ବ୍ୟବହାର କରୁଛନ୍ତି। ଅନେକ ଏ ନେଇ ଫେସ୍ ମାସ୍କ ଉପରେ ନିର୍ଭରଶୀଳ ଥାନ୍ତି। ତେବେ ଇକୋ ଗ୍ଲିଟର ଫେସ୍ ମାସ୍କରୁ ମଧ ସୁନ୍ଦର ଉଜ୍ଜ୍ୱଳ ତ୍ୱଚା ଘରେ ପାଇପାରିବେ। ଏହାକୁ ଘରେ ସହଜରେ ତିଆରି କରିବା ସମ୍ଭବ।

ଏହି ଫେସ୍ ମାସ୍କ ତିଆରି କରିବା ଲାଗି ଘିକୁଆଁରି, ମହୁ, ଭିଟାମିନ୍ ଇ ଅଏଲ, ଇକୋ ଗ୍ଲିଟର ଓ ଏସେନସିଆଲ ଅଏଲ ଆବଶ୍ୟକ। ପ୍ରଥମେ ଘିକୁଆଁରି ରସ, ମହୁ, ଭିଟାମିନ୍ ଇ ଅଏଲ ଓ ଏସେନସିଆଲ ତେଲକୁ ଭଲ ଭାବେ ମିଶାନ୍ତୁ। ଏହାପରେ ସେଥିରେ ଇକୋ ଗ୍ଲିଟର୍ ମିଶାନ୍ତୁ। ଆଖିକୁ ଛାଡ଼ି ଏହି ମାସ୍କକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଉଷୁମ ପାଣିରେ ମୁହଁକୁ ପୋଛି ସଫା କରି ଦିଅନ୍ତୁ।

ତେବେ ଏହାକୁ ବ୍ୟବହାର କରିବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରାନ୍ତୁ। ମୁହଁରେ ଯଦି କୌଣସି ଖଣ୍ଡିଆ ହୋଇଥାଏ, ଏହାକୁ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ଯଦି ଏହାକୁ ଲଗାଇବା ପରେ ମୁହଁରେ ପୋଡ଼ାଜଳା ହୁଏ, ତୁରନ୍ତ ମୁହଁ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ମୁହଁରେ ଲଗାଇଲେ ଫରକ୍ ଜଣାପଡ଼େ।

# ଶିକ୍ଷାଧିକାରୀ କାର୍ଯ୍ୟାଳୟ: ୧୨ ବର୍ଷ ହେଲାଣି ନାହାନ୍ତି ସ୍ଥାୟୀ ବିଇଓ

## ଅଧିକାରୀ ଜଣେ ହେଲେ ଦାୟିତ୍ୱ ପଣେ

## ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ କେବେ ?



**ହିଞ୍ଜିଳିକାଟୁ,୫।୮(ସଂଚାର ବ୍ୟୁରୋ):** ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପିଲାଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେଉଁଠି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ପାଠାଗାର ଓ ଲ୍ୟାବ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇଦିଆଯାଉଛି। ଏହା ଏକ ବୈପ୍ଳବିକ ପଦକ୍ଷେପ ସତ। କିନ୍ତୁ ଦୁଃଖର କଥା ହେଉଛି, ବ୍ଲକ୍‌ସ୍ତରରେ ଶିକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଖାଲି ପଡ଼ିଥିବା ବ୍ଲକ୍ ଶିକ୍ଷାଧିକାରୀ ପଦବି ପୂରଣ କରିବା ଦିଗରେ ସରକାରଙ୍କ ନିଘା ନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର। ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୨ବର୍ଷ ହେଲାଣି କାମଚଳା ନୀତିରେ ସନ୍ତୁଳି ହେଉଛି ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।କେଉଁ ଅଧିକାରୀଙ୍କୁ କେତେବେଳେ ଅବସ୍ଥାପିତ କରାଯାଉଛି, ତାହା ଜିଲ୍ଲା ଶିକ୍ଷା ବିଭାଗକୁ ହିଁ ଜଣା। ଆଉ ଏହାକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ ଲାଗି ରହୁଛି। ପ୍ରକାଶ ଥାଉ କି, ପିଲାଙ୍କ ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ସକାଶେ ୨୦୧୩ ମସିହାରେ ହିଞ୍ଜିଳିକାଟୁରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଖୋଲିଥିଲା।ଆଶା ଥିଲା, ଏଠାରୁ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟ ଶିକ୍ଷା ବର୍ଷ ଗୁଡ଼ିକରେ ସୂଚାରୁ ରୂପେ ସମାପନ ହେବ ହେଲେ ସେହି ଆଶା ଆଶାରେ ହିଁ ରହିଗଲା। କାରଣ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଇଓ ଏଠି ନିଯୁକ୍ତ ହୋଇପାରୁନାହାନ୍ତି। ସୂଚନା ପ୍ରକାରେ, ଏହା ପୂର୍ବରୁ ଏସ. ଗିରିଧର ସ୍ଥାୟୀ ବିଇଓ ରୂପେ ହିଞ୍ଜିଳି ମିଳିଥିଲେ ବି କେତେବେଳେ କୁକୁଡ଼ାଖଣ୍ଡି ଆଉ କେତେବେଳେ ପୁରୁଷୋତ୍ତମପୁର ଅତିରିକ୍ତ ଦାୟିତ୍ୱରେ ରହୁଥିଲେ। ସେ ଏବେ ଗଜପତି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱରେ ଯିବା ପରେ ବର୍ତ୍ତମାନ ସମୟରେ ଅତିରିକ୍ତ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡାଙ୍କୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଆର୍ଥିକ କ୍ଷମତା ବି ପ୍ରଦାନ କରାଯାଇଛି। ଏଥି ସହ ବ୍ରହ୍ମପୁରସ୍ଥିତ ଭିଭିଗିରି ହାଇସ୍କୁଲର ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ ରୂପେ ଦାୟିତ୍ୱ ନେଇଛନ୍ତି। ଏଥିସହ କୁଇନ ମିଶନ ଦାୟିତ୍ୱରେ ଥିଲେ ବି କିଛି ଦିନ ହେଲା ସେଥିରୁ ନିବୃତ କରାଯାଇଛି। ଫଳରେ ଜିଲ୍ଲା ଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତିକୁ ନେଇ ଶିକ୍ଷାବିତ୍ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଅଧିକାରୀ ତିନି ତିନିଟି ଦାୟିତ୍ୱ କିଭଳି ସମ୍ଭାଳୁଥିବେ ଓ ହିଞ୍ଜିଳିକାଟୁରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି କିଭଳି ହେଉଥିବ ତାହା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଅନୁମେୟ। ଏ ନେଇ ଆମେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପଚାରି ବୁଝିବାରୁ ମ୍ୟାଡ଼ାମ କହିଥିଲେ - ନିର୍ଦ୍ଦିଷ୍ଟ ବାର ନାହିଁ, ଯେବେ ଯେଉଁଠି କାମ ଥାଏ ସେଠାକୁ ଯାଏ।ହିଞ୍ଜିଳିକାଟୁର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱରେ ଅଛି, ସ୍ଥାୟୀ ହିସାବରେ ନାହିଁ ବୋଲି ରୋକଠୋକ୍ ଶୁଣାଇଥିଲେ।ତେବେ ଫାଇଲରେ ଦସ୍ତଖତ ହେଉ ଅବା ଅନ୍ୟ ଶିକ୍ଷାବିଭାଗର କାର୍ଯ୍ୟରେ ଏଠାକାର କର୍ମଚାରୀଙ୍କୁ ଅପେକ୍ଷା ହିଁ ଅପେକ୍ଷା କରିବାକୁ ଥିବା ବେଳେ ସପ୍ତାହର ନିର୍ଦ୍ଦିଷ୍ଟ ୩ ଦିନ ହିଞ୍ଜିଳି ଆସିବା ଓ ସ୍ଥାୟୀ ବିଇଓ ନିଯୁକ୍ତି ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅବକାରୀ ଥାନାରୁ ଚମ୍ପଟ୍ ମାରିଲା ଅଭିଯୁକ୍ତ ଗଞ୍ଜେଇ ବେପାରୀ



**ରାଇଘର,୫।୮(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ଠାରେ ଗତକାଲି ସ୍ଥାନୀୟ ଅବକାରୀ ବିଭାଗ ଚଢ଼ଉ କରି ପ୍ରାୟ ଦଶ କିଲୋ ଗଞ୍ଜେଇ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିଲା କିନ୍ତୁ କୋର୍ଟ ଚାଲାଣ ପୂର୍ବରୁ ଅଭିଯୁକ୍ତ ଜଣକ ଖସି ପଳାଇଥିବା ସୂଚନା ମିଳିଛି। ରାତି ପ୍ରାୟ ସାଢ଼େ ୮ଟା ସମୟରେ ଅଭିଯୁକ୍ତ ପରିସ୍ରା ଯିବାକୁ କହି ଖସି ଚାଲିଯାଇଥିବା କିଛି କର୍ମଚାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଉକ୍ତ ସମୟରେ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଅଭିଯୁକ୍ତ ଜଣକ କେମିତି ଖସି ପଳାଇଲା ତାକୁ ନେଇ ଅବକାରୀ ଅଧିକାରୀ ମୁହଁ ଖୋଲୁନାହାନ୍ତି। ପରଚିପାରା ଗ୍ରାମରେ ଗଞ୍ଜେଇ କାରବାର ହେଉଥିବା ନେଇ ଖବର ମିଳିଥିବା ପରେ ସ୍ଥାନୀୟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ପରଚିପାରା ଆଦିବାସୀ ଗ୍ରାମରେ ପହଞ୍ଚି ସିଆଲାଲ ଗଣ୍ଡଙ୍କ ଘର ପଛପଟୁ ଗଞ୍ଜେଇ ଜବତ କରିଥିଲେ। ଏଥିସହ ସିଆଲାଲଙ୍କୁ ଗିରଫ କରିଥିଲେ। ଆଜି ଅଭିଯୁକ୍ତ ସିଆଲାଲଙ୍କୁ କୋର୍ଟ ଚାଲାଣ କରିବାର ଥିଲା କିନ୍ତୁ ତାପୂର୍ବରୁ ଚମ୍ପଟ ମାରିଲା ଗିରଫ ହୋଇଥିବା ସିଆଲାଲ।

## ଆସୁଛି ରାକ୍ଷୀ: ପସରା ମେଲେଇ ରୋଜଗାର ଆଶାରେ ବ୍ୟବସାୟୀ

**ମ.ରାମପୁର,୫।୮(ସଂଚାର ବ୍ୟୁରୋ):** ଦିନ କେଇଟା ପରେ ଆସିବ ରାକ୍ଷୀ ପୂର୍ଣ୍ଣିମା। ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମଦିନ ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରକ୍ଷାବନ୍ଧନ ଉତ୍ସବ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଚନ୍ଦନ, ହଳଦୀ, ଦୀପ, ଅରୁଆ ଚାଉଳ ରଖି ପୂଜାଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ଭାଇର ଶୁଭ ମନାସୀ ଦୀର୍ଘାୟୁ କାମନା କରିଥାନ୍ତି। ଭାଇ ନିଜ ଭଉଣୀର ସୁଖ ଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ତେବେ ଚଳିତ ମାସର ୯ ତାରିଖ ଶନିବାର ଦିନ ସହରଠୁ ଆରମ୍ଭକରି ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ପବିତ୍ର ରକ୍ଷାବନ୍ଧନ ଉତ୍ସବ। ଏହି ପରିପେକ୍ଷିରେ ରକ୍ଷାବନ୍ଧନ ଉତ୍ସବକୁ ନେଇ ମ. ରାମପୁର ଅଞ୍ଚଳର ଗାଁ ଠୁ ସହର ସବୁଠି ଚଳଚଞ୍ଚଳ ହୋଇ ପଡ଼ିଥିଲା ବେଳେ ରାକ୍ଷୀ ବ୍ୟବସାୟ ଜୋର୍



ଧରିଛି। ରାକ୍ଷୀ ପୂର୍ଣ୍ଣିମାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ବିଭିନ୍ନ ରାସ୍ତାକଡ଼, ଛକ ଓ ବଜାରରେ ରାକ୍ଷୀ ଦୋକାନ ଦେଖିବାକୁ ମିଳିଛି। ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ପାଞ୍ଚ ଟଙ୍କାରୁ ଆରମ୍ଭ କରି ପାଞ୍ଚଶହ ଟଙ୍କାର ରାକ୍ଷୀ ବିକ୍ରି ହେଉଛି। ବିଶେଷ କରି ବ୍ରେସଲେଟ୍ ଶୈଳୀର ଷ୍ଟୋନ୍ ରାକ୍ଷୀର ଚାହିଦା ବେଶ୍ ରହିଛି। ଅନ୍ୟପକ୍ଷରେ, ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏ ବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି'ପଇସା ରୋଜଗାର କରିବେ ବୋଲି ଆଶା ରଖିଛନ୍ତି।

## 'ମାତୃ ସମ୍ମିଳନୀ' ଓ 'ବୃକ୍ଷରୋପଣ' କାର୍ଯ୍ୟକ୍ରମ



**ଯୋଡ଼ା,୫।୮(ସଂଚାର ବ୍ୟୁରୋ):** ସ.ଶି.ବି.ମ ବିଲେଇ ପଦାର ଶିଶୁ ବାଟିକାର 'ମାତୃ ସମ୍ମିଳନୀ' ଓ 'ବୃକ୍ଷରୋପଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲମ୍ବୋଦର ବିରୁଆ" ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ। କାର୍ଯ୍ୟ କ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ଗୋପୀନାଥ ଗୋପ, ଉପ ସଭାପତି ଶ୍ରୀଯୁକ୍ତ ହେମନ୍ତ କୁମାର ମହାନ୍ତ, ମାତୃଭାରତୀ ର ସଦସ୍ୟା ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ନେବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ରେ ପ୍ରଧାନ ଆଚାର୍ଯ୍ୟା ଲୀନା ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ମନ୍ଦାକିନୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶଙ୍ଖଚିଲାରେ ଜ୍ଞାନ-ବିଜ୍ଞାନ ମେଳା




**କୋରେଇ,୫।୮(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ଶିକ୍ଷାବର୍ଷର ଜ୍ଞାନ-ବିଜ୍ଞାନମେଳା ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଅଛି। ଏହି ଜ୍ଞାନ ବିଜ୍ଞାନ ମେଳାରେ ସ୍ଥାନୀୟ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଭିଜିତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ରୀନାବାଳା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶ୍ରୀ ବିଦ୍ୟାଧର ସାହୁ ଏହି ମେଳାର ଆବଶ୍ୟକତା ଓ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବାରିକ ବିଭିନ୍ନ ଜ୍ଞାନ ଓ ବିଜ୍ଞାନ କଥା ମାଧ୍ୟମରେ ଶିଶୁ ମାନଙ୍କ ମଧ୍ୟରେ କିପରି ବୈଜ୍ଞାନିକ ମନୋଭାବ ତିଆରି ହେବ ତାଉପରେ ଅନେକ ପ୍ରେରଣାଦାୟକ କଥା ରଖିଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ପାଣିଗ୍ରାହୀ ଓ ଆଚାର୍ଯ୍ୟା ପ୍ରଗତି ମଞ୍ଜରୀ ସାହୁ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ଭାବେ ହିଙ୍ଗୁଳା ହାଇସ୍କୁଲର ଶ୍ରୀମତୀ ରନିତା ବେହେରା, ଶ୍ରୀ ନୟନଦୀପ୍ତ ବେହେରା ଓ ବିଜୟ କୁମାର ଖିଲାର, ବଡବିରୁଆଁ ଉଚ୍ଚ ବିଦ୍ୟାଳୟର ଶ୍ରୀ ଅନିଲ କୁମାର ସାହୁ, ତଣ୍ଡରା ଉଚ୍ଚ ବିଦ୍ୟାଳୟର ଶ୍ରୀ ରଶ୍ମିରଂଜନ ବଳ, ବ୍ୟାସନଗର ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଶ୍ରୀ ଆଶିଷ କୁମାର ମଲ୍ଲ ଓ ବିଶ୍ୱ ରଞ୍ଜନ ବେହେରା ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଆଚାର୍ଯ୍ୟା ଶ୍ରୀମତୀ ଦୀପ୍ତିମୟୀ ସାହୁ ମେଳାର ବୃର୍ତ ପଠନ ପାଠ କରିଥିଲେ। ଉଦଯାପନ ଉତ୍ସବରେ ବିଦ୍ୟାଳୟର ସଭାପତି ଶ୍ରୀ ରଘୁନାଥ ବେହେରା ତାଙ୍କର ଆଶୀର୍ବଚନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗା ମନ୍ଦିର ଚୋରି ଘଟଣାରେ ସନ୍ଧାନୀ କୁକୁର ମାଧ୍ୟମରେ ଛାନଭିନ୍



**ଜଗତସିଂହପୁର,୫।୮(ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଛକ ଠାରେ ଗତକାଲି ମଧ୍ୟ ରାତ୍ରିରେ ଦୁର୍ଗା ଙ୍କ ମନ୍ଦିର ଓ ମା ଦୁର୍ଗାଙ୍କ ଜିନିଷ ପତ୍ର ରଖାଯାଇଥିବା ଷ୍ଟକ ରୁମ ପ୍ରାୟ ଚାରିଟି କୋଲପ ଭାଙ୍ଗି ସୁନା, ରୁପା, ଘଣ୍ଟ, ଘଣ୍ଟି, ବାସନ କୁସନ ଆଦି ଚୋରି କରିଥିବା ଘଟଣାରେ ୨୪ ଘଣ୍ଟା ବିତିଥିଲେ ମଧ୍ୟ ତିର୍ତ୍ତୋଲ ପୋଲିସ ଏହି ପର୍ଯ୍ୟନ୍ତ କାହାକୁ ଉଠାଇ ନଥିବା ଦେଖିବାକୁ ମିଳିଛି। ଏହି ଘଟଣା ରେ ବାରମ୍ବାର ମେଡିଆ ରେ ବାହାରିବା ପରେ ଏହି ବାବଦରେ କମିଟି ର କିଛି ସଦସ୍ୟ ମାନେ ସୋସିଆଲ ମେଡିଆ ସାହାଯ୍ୟ ରେ ଓଡିଶା ପୋଲିସ ଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କୁ 'ଟୁଇଟ' କରିବା ପରେ ଆଜି ମଧ୍ୟାନ ସମୟରେ ତିର୍ତ୍ତୋଲ ପୋଲିସ ଘଟଣା ସ୍ଥଳକୁ ସନ୍ଧାନୀ କୁକୁର ଆଣି ଛାଂନଭିନ କରିବା ସହିତ ସାଇଣ୍ଟିଫିକ ଟିମ ଦ୍ୱାରା ଦୃବୃତ ଭାଙ୍ଗିଥିବା ଆଲ ମୀରା ସମେତ ଦୁର୍ଗା ଙ୍କ ବେଢା ଫୋଟୋ ଉଠାଇବା ସହିତ ଦୃବୃତ ମାନେ ଛାଡି ଯାଇଥିବା କିଛି ଅଂଶ କୁ ସଂଗ୍ରହ କରିଥିବା ସୂଚନା ମିଳିଛି। ପୋଲିସର ସନ୍ଧନୀ କୁକୁର ପ୍ରାୟ ମନ୍ଦିର ଠାରୁ ୫୦୦ ମିଟର ନରୁଆ ଦଳିତ ସାହି ଆଡକୁ ଯିବା ଓ ସନ୍ଧାନୀ କୁକୁର ସେଇଠୁ ଫେରିଥିବା ବେଳେ ଦୃବୃତ ସେଇଠୁ ଗାଡ଼ିରେ ଯାଇ ଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଆଜି ତିର୍ତ୍ତୋଲ ପୋଲିସ ସନ୍ଧ୍ୟାରେ ଉପରିସ୍ତ ଅଧିକାରୀ ଙ୍କ ସହିତ ଏହି ଘଟଣା କୁ ଆହୁରି ମଜବୁତ କରିବା ପାଇଁ ଏକ ଜରୁରୀ କାଳୀନ ମିଟିଂ କରିବ ବୋଲି ଖବର ମିଳିଛି। ଖୁବ ଶୀଘ୍ର ଦୃବୃତ ଙ୍କ ପାଖରେ ପହଞ୍ଚିବା ପାଇଁ ଯୋଜନା ଜାରି ରଖିଛି ପୋଲିସ ବୋଲି ବିଶେଷ ସୂତ୍ରରୁ ଜଣା ପଡ଼ିଛି।

## ଜିଲ୍ଲାସ୍ତରୀୟ ରେଡ ରନ୍ ମାରାଥନ ପ୍ରତିଯୋଗିତା



**ଫୁଲବାଣୀ,୫।୮(ସଂଚାର ବ୍ୟୁରୋ):** ଯୁବ ସମାଜ ମଧ୍ୟରେ ଏଚ. ଆଇ. ଭି/ ଏଡ଼ସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଦ୍ୱାରା, ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ର ସହାୟତାରେ, କନ୍ଧମାଳ ଜିଲ୍ଲା ସ୍ତରରେ, ମହାବିଦ୍ୟାଳୟ ସ୍ତରୀୟ ତଥା ସ୍ପୋର୍ଟ ହଷ୍ଟେଲ, ଫୁଲବାଣୀ ର ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ ଏକ ମାରାଥନ ଦୌଡ ପ୍ରତିଯୋଗିତା ତା ୫.୮.୨୫ ରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଠାରେ ଜିଲ୍ଲା ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ସାହୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସୁପରିଣ୍ଟେଣ୍ଡ ଡାକ୍ତର ଭବାନୀ ଶଙ୍କର ମିଶ୍ର ଙ୍କ ଦ୍ୱାରା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସମୀର କୁମାର ନାୟକ ତଥା ଡ଼ି. ଏମ. ଆର. ସି. ଏଚ ଶ୍ରୀ ଶକ୍ତି କୁମାର ଦିଗଲ ଙ୍କ ଉପସ୍ଥିତି ରେ ଉଦଘାଟିତ ହୋଇଥିଲା। ପ୍ରତଯୋଗୀମାନେ ଜବାହର ନବୋଦୟ ବିଦ୍ୟାଳୟ, ତୁଡ଼ିପାଜୁ ପର୍ଯ୍ୟନ୍ତ ଦୌଡ଼ିଥିଲେ। ଉକ୍ତ ପ୍ରତିଯୋଗିତା ରେ ପୁରୁଷ ବର୍ଗରେ ଆଦିବାସୀ ମହା ବିଦ୍ୟାଳୟ ବାଲିଗୁଡାର ଛାତ୍ର ଶ୍ରୀ ବିଳାସଦେବ ମଲ୍ଲିକ ପ୍ରଥମ, ସେହି ମହାବିଦ୍ୟାଳୟ ର ଶ୍ରୀ ଶୁକଦେବ ପାତ୍ର ଦ୍ୱତୀୟ ଏବଂ ସ୍ପୋର୍ଟ୍ସ ହଷ୍ଟେଲ, ଫୁଲବାଣୀର ଛାତ୍ର ଶ୍ରୀ ଶିଖି ଚରଣ କଂହର ତୃତୀୟ ସ୍ଥାନ ଅଧିକାର କରଥିଲେ। ମହିଳା ବର୍ଗରେ ଫୁଲବାଣୀ ସ୍ୱୟଂ ଚାଳିତ ମହାବିଦ୍ୟାଳୟ ର କୁମାରୀ ପଞ୍ଚମୀ ମଲ୍ଲିକ ପ୍ରଥମ, ସେହି ମହାବିଦ୍ୟାଳୟ ର କୁମାରୀ ସିଲିମା କୁଦେଇ ଦ୍ୱତୀୟ ଏବଂ ସେହି ମହାବିଦ୍ୟାଳୟ ର କୁମାରୀ ତ୍ରିପୁରା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଦବୁଛି ଦନ୍ତା ବ୍ରିଜ, ରାଜପଥରେ ଯାତାୟାତ ବିପଦସଙ୍କୁଳ

**ବରଗଡ଼,୪।୮(ସଂଚାର ବ୍ୟୁରୋ):** ବରଗଡ଼ ସହର ଉପକଣ୍ଠ ଦନ୍ତାବ୍ରିଜ ବିପଦସଙ୍କୁଳ ହୋଇପଡିଛି। ବରଗଡ଼ -ସମ୍ବଲପୁର ରାସ୍ତାର କଳାପାଣି ନିକଟରେ ଦନ୍ତାନଦୀ ଉପରେ ରହିଥିବା ଏହି ବ୍ରିଜର ଗୋଟିଏ ପାର୍ଶ ଦବିବାରେ ଲାଗିଛି। ଫଳରେ ଫାଟ ସୃଷ୍ଟି ହେବା ସହିତ ଯାତାୟତ ବିପଦପୂର୍ଣ୍ଣ ରହିଛି। ଏହି ଦୃଷ୍ଟିରୁ ମରାମତି ନ ସରିବା ପର୍ଯ୍ୟନ୍ତ ବ୍ରିଜର ସମ୍ପୃକ୍ତ ପାଶର୍ବରେ ଯାତାୟତକୁ ବନ୍ଦ କରି ଦିଆଯାଇଛି। ଉକ୍ତ ବ୍ରିଜ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ କରି ଏହାର ମରାମତି ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ମାତ୍ର ତାକୁ ଗୁରୁତ୍ୱ ଦିଆଯାଇ ନଥିବା ଯୋଗୁଁ ବ୍ରିଜ ଏଭଳି ସ୍ଥିତିକୁ ଆସିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ୬ନମ୍ବର ଜାତୀୟ ରାଜପଥରେ ରହିଥିବା ଯୋଗୁଁ ଏହି ବ୍ରିଜ ସବୁବେଳେ ବ୍ୟସ୍ତ ବହୁଳ ରହିବା ସାଙ୍ଗକୁ ଅନେକ ଯାନବାହାନ ଚଳାଚଳ କରିଥାଏ। ଫଳରେ ବ୍ରିଜର ସ୍ଥାୟୀ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

## ନେଟୱାର୍କ ସମସ୍ୟା ସମାଧାନ କର, ନଚେତ୍ ଅଫିସ ଘେରାଉ

### ବ୍ଲକ କଂଗ୍ରେସର ଚେତାବନୀ



**ଫୁଲବାଣୀ,୫।୮(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଫୁଲବାଣୀ ସହର ଠାରୁ ମାତ୍ର ୨୧ କିମି ଦୂରରେ ଅବସ୍ଥିତ। ଯାହାକୁ ନଜରରେ ରଖି ବି, ଏସ, ଏନ୍, ଏଲ କତୃପକ୍ଷ ତରଫରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପାଖରେ ବି, ଏସ, ଏନ୍, ଏଲ, ଟାୱାର ସ୍ଥାପନ କରାଯାଇଛି। ସେହି ଟାୱାର ଉପରେ ଯିଓ ନେଟୱାର୍କ କନେକ୍ସନ ଦେଇଛି। ୮ ଦିନ ହେବ ଖଜୁରୀ ପଡା ଅଞ୍ଚଳରେ ଥିବା ଉଭୟ ବି, ଏସ ଏନ୍, ଏଲ ଏବଂ ଜିଓ ନେଟୱାର୍କ ଲୁଚକାଳି ଖେଳ ଖେଳୁଛି। ଦିର୍ଘ ୮ ଦିନ ହେବ ବିଏସେନେଲ୍ ନେଟୱାର୍କ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ଖଜୁରୀପଡ଼ା ବାସି। ତେଣୁ ନେଟୱାର୍କ ସେବା ଠିକ୍ ଭାବରେ ପାଇବାରୁ ଉପଭୋକ୍ତା ମାନେ ବଞ୍ଚିତ ହେଉଛନ୍ତି। ଖଜୁରୀପଡ଼ା ବାସି ହଇରାଣ ହେଉଛନ୍ତି। ଉପଭୋକ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟୁତ କାଟ ହେଲେ ନେଟୱାର୍କ ପଳେଇ ଯାଉଛି। ଯାହା ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟରେ ନେଟୱାର୍କ ଜନିତ ସମସ୍ୟା ଯୋଗୁଁ କାର୍ଯ୍ୟ କରି ହେଉ ନାହିଁ। ଅଫିସ କାର୍ଯ୍ୟ, ଛାତ୍ର ଛାତ୍ରୀ ମାନଙ୍କ ଅନଲାଇନ୍ ପାଠ ପଢା ରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ବିଭାଗୀୟ ଅଧିକାରୀ ମାନେ ଏଥି ପ୍ରତି ଦୃଷ୍ଟି ଦେଇ ନେଟୱାର୍କ ସମସ୍ୟା ସମାଧାନ କରନ୍ତୁ। ନଚେତ୍ ଆଗାମୀ ଦିନରେ ବ୍ଲକ କଂଗ୍ରେସ ଅଞ୍ଚଳ ବାସିକୁ ଧରି ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ। ଦରକାର ପଡ଼ିଲେ ଅଫିସ ଘେରାଉ କରାଯିବ ବୋଲି ସଭାପତି ସ୍ୱାଧୀନ ବେହେରା ଏବଂପୂର୍ବତନ ସମିତି ସଭ୍ୟ ଗୌର ଚରଣ ବେହେରା ଚେତାବନୀ ଦେଇଛନ୍ତି।

## ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା

**ନୂଆପଡ଼ା,୫।୮(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରୁମପୁରି ପଞ୍ଚାୟତ ଦଳଦଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ନେଇ ସୋମବାର ଅଭିଭାବକମାନେ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ବସାଇ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୨୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଚଳିତ ଶିକ୍ଷକ ବଦଳି ପର୍ବରେ ୩ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଶିଶୁ ବାଟିକାକୁ ମିଶାଇ ୯ ଶ୍ରେଣୀରେ ୫ ଜଣ ଶିକ୍ଷକ କିଭଳି ଶିକ୍ଷାଦାନ କରିବେ ବୋଲି ଗ୍ରାମବାସୀ, ଅଭିଭାବକ ପ୍ରଶ୍ନକରି ଧାରଣା ଦେଇଥିଲେ। କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି ଧାରଣାସ୍ଥଳରେ ପହଞ୍ଚ୍ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ନିୟମ ଅନୁଯାୟୀ ବଦଳି ହୋଇଛି। ଛାତ୍ରୀଛାତ୍ର ଓ ଶ୍ରେଣୀ ଅନୁପାତରେ ଶିକ୍ଷକ ଦିଆଯାଉଛି।



## ନଗ୍ନ ଫଟୋ ଭାଇରାଲ କରିବା ଧମକ ଦେଇ ଲୁଟିନେଲେ ୬ଲକ୍ଷରୁ ଉର୍ଦ୍ଧ୍ୱ

**ବାରିପଦା, ୫।୮(ସଂଚାର ବ୍ୟୁରୋ):** ସୋସିଆଲ ମିଡିଆରେ ଯୁବତୀଙ୍କ ସହ ନଗ୍ନ ଫୋଟ ଭାଇରାଲ କରିବା ଧମକ ଦେଇ ୬, ୧୪, ୫୦୦ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବିଶୋଇ ଥାନା ଅନ୍ତର୍ଗତ ସାନମଣଦା ଗ୍ରାମର ନନ୍ଦିରାମ ନାଏକ ସାଇବର ଠକେଇର ଶିକାର ପାଲଟିଥିଲେ। ଏହାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି ନନ୍ଦିରାମ। ସୂଚନାରୁ ଜଣାପଡ଼ିଛି, ନନ୍ଦିରାମଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଓ ହ୍ୱାଟ୍ସଆପ କଲ ଆସିଥିଲା।

ଅଜଣା ବ୍ୟକ୍ତି ଜଣକ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେଲେ ତାଙ୍କର ଓ ଅନ୍ୟ ଜଣେ ମହିଳାଙ୍କ ନଗ୍ନ ଫୋଟ ସୋସିଆଲ ମିଡିଆ ଭାଇରାଲ କରିବା ନେଇ ଧମକ ଦେଇଥିଲେ। ଯାହାକୁ ନେଇ ସେ ଭୟଭୀତ ହୋଇ ପର୍ଯ୍ୟାୟକ୍ରମରେ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ସମୁଦାୟ ୬, ୧୪, ୫୦୦ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ମଧ୍ୟ ଟଙ୍କା ମାଗିବାରୁ ସେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଚାଷୀଙ୍କ ପାଖରେ ପହଞ୍ଚିପାରୁନି ମାଗଣା ବିହନ

- ଚାଷୀ ମହଲରେ ଅସନ୍ତୋଷ
- ଜିଲ୍ଲାକୁ ଆସିଛି ୨୯ ହଜାର ବିରି ଓ ହରଡ଼ ଡାଲି ବିହନ ପକେଟ

**କଳାହାଣ୍ଡି,୫।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଚାଷୀମାନେ କିଭଳି ଧାନ ସହ ଅନ୍ୟାନ୍ୟ ଡାଲିଜାତୀୟ ଶସ୍ୟ ଚାଷ କରିପାରିବେ ସେଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ବିରି ଓ ହରଡ ଡାଲି ବିହନ ବଣ୍ଟନ ଆରମ୍ଭ ହୋଇଛି। ଜିଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଏହି ବିହନ ବଣ୍ଟନ ବ୍ୟବସ୍ଥା ରହିଛି। ହେଲେ କେତେକ ଅଞ୍ଚଳରେ ଏଥିରେ ଅନିୟମିତତା ସାମ୍ନାକୁ ଆସିଛି। ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତରୁ ଏପରି ସଙ୍ଗିନ ଅଭିଯୋଗ ଚାଷୀ ମହଲରେ ଅଭିଯୋଗ ଉଠିଛି। ଏଠାରେ ଚାଷୀମାନେ ମାଗଣା ବିହନ ପାଇବାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତରେ ମେରଘରା, ବ୍ରାହ୍ମଣଛେଣ୍ଡିଆ, ଚିଲିଚିଲା, ଥନଟ ଭଳି ଗାଁ ରହିଥିବା ବେଳେ କାଁ ଭାଁ ଚାଷୀଙ୍କୁ ଛାଡିଦେଲେ ପ୍ରକୃତ ଚାଷୀଙ୍କ ପାଖରେ ଏହି ସରକାରୀ ବିହନ ପହଞ୍ଚୁ ନଥିବା ଅଭିଯୋଗ ଆଣିଛନ୍ତି ଚାଷୀ ଶାନ୍ତନୁ ମୁଣ୍ଡ, ରମଣୀ ମୁଣ୍ଡ। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଭିଏଡବ୍ଲ୍ୟୁ (ଗ୍ରାମ୍ୟ କୃଷି କର୍ମଚାରୀ) ଅବଗତ କରାଇ ନ ଥିବାରୁ ସେମାନେ ଏହି ଯୋଜନାର ଲାଭଉଠାଇପାରୁ ନ ଥିବା ପ୍ରକାଶ କରିଛନ୍ତି।



ଏପରି କି ଗତବର୍ଷ ମଧ୍ୟ ଏହି ସବୁ ମାଗଣା ବିହନ ପାଇ ନ ଥିବା ଚାଷୀ ନୟନ ବାଗ, ଶଙ୍ଖନାଦ ବାଗ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲାରେ ଚଳିତ ଥର ବିରି ଡାଲି ବିହନ ୧୯ ହଜାର ପ୍ୟାକେଟ ଓ ହରଡ ଡାଲି ବିହନ ୧୦ ହଜାର ପ୍ୟାକେଟ ଆସିଥିବା ଜଣାପଡ଼ିଛି। ପ୍ରତ୍ୟେକ ବିହନ କିଟ୍‌ରେ ଚାରି କିଲୋ ଲେଖାଏ ରହିଥିବା ଜଣାପଡ଼ିଛି। ଅଣ ଜଳସେଚିତ ଅଞ୍ଚଳ ତଥା ଆଁଟ ଜମିରେ ଚାଷୀମାନେ ଏହି ଚାଷ କରିଥାନ୍ତି। ଆଉ ଚାଷୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଏହି ମାଗଣା ବିହନ ବେଶ ସହାୟକ ହୋଇଥାଏ। ତେବେ ଗ୍ରାମାଞ୍ଚଳରେ ଚାଷୀମାନେ ମାଗଣା ବିହନ ବାବଦରେ ଅବଗତ ନ ଥିବା କୃଷି ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାଷୀମାନେ କିଭଳି ଯୋଜନାର ଲାଭ ପାଇପାରିବେ ସେ ଉପରେ ପ୍ରୟାସ ଜାରି ରହିଥିବା ବେଳେ ତଳ ସ୍ତରରେ ଥିବା କିଛି ଅସାଧୁ କର୍ମଚାରୀଙ୍କ ପାଇଁ ପ୍ରକୃତ ଚାଷୀ ପାଖରେ ଯୋଜନା ପହଞ୍ଚିପାରୁନାହିଁ। ଯାହା ବିଡମ୍ବନାର ବିଷୟ ବୋଲି ପ୍ରକାଶ କରିଛନ୍ତି ଜିଲାର କିଛି ବରିଷ୍ଠ ଚାଷୀ ନେତା। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ସରକାର ଙ୍କ ପାଖରେ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ଼ କୃଷି ଜିଲା ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଚାଷୀମାନେ ମାଗଣା ବିହନ ପାଇ ନ ଥୁବା ଘଟଣାକୁ ସ୍ୱୀକାର କରିବା ସହ ଯେଉଁମାନେ ଚଳିତଥର ବଞ୍ଚିତ ଅଛନ୍ତି ଆର ଥରକୁ ପାଇବେ ବୋଲି କେତେ ସହଜରେ ପ୍ରକାଶ କରିଛନ୍ତି।